# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, April 16/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୧୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 141 | ମୂଲ୍ୟ ₹୭/-


## ଏବର୍ଷ ଭଲ ବର୍ଷା

ନୂଆଦିଲ୍ଲୀ,୧୫।୪(ପି.ଟି.)


ଆଗାମୀ ମୌସୁମୀ ଋତୁରେ ଭାରତରେ ସ୍ୱାଭାବିକଠାରୁ ଅଧିକ ବୃଷ୍ଟିପାତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ମଙ୍ଗଳବାର କହିଛି। ଭାରତରେ ଦକ୍ଷିଣ ପଶ୍ଚିମ ମୌସୁମୀ ଜୁନ୍ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଅନୁଭୂତ ହୋଇଥାଏ। ଦୀର୍ଘମିଆଦୀ ହାରାହାରି ବୃଷ୍ଟିପାତ ୮୭ ସେଣ୍ଟିମିଟର ହୋଇଥିବାବେଳେ ମୌସୁମୀ ଚତୁର୍ମାସରେ ଏହାର ୧୦୫% ବୃଷ୍ଟିପାତ ହେବ ବୋଲି ଆକଳନ କରାଯାଇଥିବା ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରବିଚନ୍ଦ୍ରନ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତାମିଲନାଡୁର ଅଧିକାଂଶ ଅଞ୍ଚଳ ଏବଂ ଉତ୍ତରପୂର୍ବାଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ। ଓଡ଼ିଶା, ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ। ମୌସୁମୀ ବର୍ଷାକୁ ପ୍ରଭାବିତ କରୁଥିବା ସମସ୍ତ ବୈଶ୍ୱିକ କାରକ ମଧ୍ୟରୁ ଚଳିତବର୍ଷ ୨ଟିର ନିଷ୍କ୍ରିୟ ପ୍ରଭାବ ରହିବାକୁ ଥିବାବେଳେ ଗୋଟିଏର ସକାରାତ୍ମକ ପ୍ରଭାବ ଅନୁଭୂତ ହେବ। ତେଣୁ ଆଗାମୀ ମୌସୁମୀରେ ସ୍ୱାଭାବିକ ବର୍ଷା ହେବାର ୩୦% ସୁଯୋଗ ରହିଥିବାବେଳେ ସ୍ୱାଭାବିକଠାରୁ ଅଧିକ ବୃଷ୍ଟିପାତ ହେବାର ୩୩% ଅତ୍ୟଧିକ ବର୍ଷା ହେବାର ୨୬% ସମ୍ଭାବନା ରହିଥିବା ଆଇଏମ୍ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

**ଆଜିର ସମ୍ପାଦକୀୟ**

## ହିନ୍ଦୀରେ ଇଂଲିଶ୍ ନାମ

# ହସ୍ପିଟାଲରୁ ପିଲା ଚୋରି ହେଲେ ଲାଇସେନ୍ସ ରଦ୍ଦ

ଭାରତର କୌଣସି ହସ୍ପିଟାଲରୁ ନବଜାତ ଶିଶୁ ଚୋରି ହେଲେ ସମ୍ପୃକ୍ତ ଚିକିତ୍ସାଳୟର ଲାଇସେନ୍ସ ରଦ୍ଦ ହେବ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଉତ୍ତର ପ୍ରଦେଶର ଏକ ହସ୍ପିଟାଲରୁ ଜଣେ ନବଜାତକ ନିଖୋଜ ହୋଇଯାଇଥିଲେ। ପରେ ଜଣାପଡ଼ିଲା ଯେ, ହସ୍ପିଟାଲ କର୍ତ୍ତୃପକ୍ଷ ସମ୍ପୃକ୍ତ ଶିଶୁପୁତ୍ରଙ୍କୁ ପୁଅ ଚାହୁଁଥିବା ଏକ ଦମ୍ପତିଙ୍କୁ ୪ ଲକ୍ଷ ଟଙ୍କାରେ ବିକ୍ରି କରି ଦେଇଥିଲେ। ଏହି ମାମଲାରେ ଆଲ୍ଲାହାବାଦ ହାଇକୋର୍ଟ ଅଭିଯୁକ୍ତମାନଙ୍କୁ ଆଗୁଆ ଜାମିନ ପ୍ରଦାନ କରିଥିଲେ। ସୁପ୍ରିମକୋର୍ଟ ସେମାନଙ୍କ ଜାମିନକୁ ରଦ୍ଦ କରିବା ସହ ହାଇକୋର୍ଟ ଓ ଉତ୍ତର ପ୍ରଦେଶ ସରକାରଙ୍କୁ ମାମଲାର ଭୁଲ୍ ପରିଚାଳନା ଲାଗି ଭର୍ତ୍ସନା କରିଛନ୍ତି। ଚୋରି ହୋଇଥିବା ପିଲାଙ୍କୁ ଜାଣିଶୁଣି କେହି ରଖିପାରିବେ ନାହିଁ। ଏହା ଏକ ଗର୍ହିତ ଅପରାଧ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହ ଦେଶର କୋର୍ଟଗୁଡ଼ିକରେ ବିଚାରାଧୀନ ଶିଶୁ ଚାଲାଣ ମାମଲାର ଶୁଣାଣି ୬ ମାସ ମଧ୍ୟରେ ଶେଷ କରିବାକୁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ଶିଶୁ ଚାଲାଣ ମାମଲା: ୬ ମାସରେ ଶୁଣାଣି ଶେଷ ପାଇଁ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୫।୪

ହସ୍ପିଟାଲରୁ ଯଦି ନବଜାତ ଶିଶୁ ଚୋରି ହୁଏ, ତେବେ ପ୍ରଥମ ପଦକ୍ଷେପ ସ୍ୱରୂପ ଏହାର ଲାଇସେନ୍ସ ରଦ୍ଦ କରିବାକୁ ହେବ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଶିଶୁ ଚୋରି ମାମଲାଗୁଡ଼ିକର ବିଚାର ୬ ମାସ ମଧ୍ୟରେ ଶେଷ କରିବା ନିମନ୍ତେ ସର୍ବୋଚ୍ଚ ଅଦାଲତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ତଳକୋର୍ଟଗୁଡ଼ିକ ପ୍ରତିଦିନ ବିଚାର କରି ୬ ମାସ ମଧ୍ୟରେ ଏଭଳି ମାମଲାର ବିଚାର ଶେଷ କରିବାକୁ ହେବ ବୋଲି ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍ଙ୍କ ଖଣ୍ଡପୀଠ କହିଛନ୍ତି। କେତେ ସଂଖ୍ୟାରେ ଶିଶୁ ଚୋରାଚାଲାଣ ମାମଲା ବିଚାରାଧୀନ ରହିଛି, ତାହାର ଷ୍ଟାଟସ୍ ରିପୋର୍ଟ ଦେବା ଲାଗି ଦେଶର ସମସ୍ତ ହାଇକୋର୍ଟଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ପୁତ୍ର ସନ୍ତାନ ଚାହୁଁଥିବା ଉତ୍ତର ପ୍ରଦେଶର ଏକ ଦମ୍ପତିଙ୍କୁ ଚୋରି ହୋଇଥିବା ଶିଶୁ ପ୍ରଦାନ କରାଯାଇଥିବା ଜାଣିବା ପରେ ସୁପ୍ରିମକୋର୍ଟ ଆଲ୍ଲାହାବାଦ ହାଇକୋର୍ଟ ଏବଂ ଉତ୍ତର ପ୍ରଦେଶ ସରକାରଙ୍କୁ କଡ଼ା ଶବ୍ଦରେ ନିନ୍ଦା କରିଛନ୍ତି। ହାଇକୋର୍ଟ ଏହି ମାମଲାରେ ଅଭିଯୁକ୍ତଙ୍କୁ ଆଗୁଆ ଜାମିନ ପ୍ରଦାନ କରିଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଉକ୍ତ ଜାମିନକୁ ଖାରଜ କରିଦେଇଛନ୍ତି। ଅଭିଯୁକ୍ତ ଦୀର୍ଘବର୍ଷ ହେଲା ଏକ ପୁତ୍ର ସନ୍ତାନ ଚାହୁଁଥିବାରୁ ୪ ଲକ୍ଷ ଟଙ୍କା ଦେଇ ନବଜାତକକୁ ପାଇଥିଲେ। ଉକ୍ତ ଶିଶୁ ଚୋରି ହୋଇଥିବା ଅଭିଯୁକ୍ତ ଜାଣିଥିଲେ। ଯଦି ତୁମେ ପୁଅ ଚାହୁଁଛ, ତେବେ ଚୋରି ଶିଶୁ ପାଇଁ ଯାଅନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ସମ୍ବେଦନହୀନତା, ଯେଉଁ କାରଣରୁ ଅଭିଯୁକ୍ତମାନେ ଫେରାର ହୋଇଯାଉଛନ୍ତି। ଏଭଳି ଅଭିଯୁକ୍ତ ସମାଜ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରୁଛନ୍ତି। ହାଇକୋର୍ଟ ଜାମିନ ଦେଲାବେଳେ ପ୍ରତି ସପ୍ତାହରେ ଅଭିଯୁକ୍ତଙ୍କୁ ଥାନାରେ ହାଜର ହେବା ଲାଗି ସର୍ତ୍ତ ରଖିବା ଆବଶ୍ୟକ ଥିଲା। ଏହା ବିରୋଧରେ କ'ଣ ପାଇଁ ଅପିଲ୍ କରାଯାଇ ନ ଥିଲା ଏବଂ ଗମ୍ଭୀରତା ପ୍ରଦର୍ଶନ କରାଯାଇ ନ ଥିଲା ବୋଲି ଖଣ୍ଡପୀଠ ୟୁପି ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

## ଓଡ଼ିଶାରେ ୫ ବର୍ଷରେ ୮,୪୦୩ ଶିଶୁ ନିଖୋଜ

ଭୁବନେଶ୍ୱର,୧୫।୪(ସତ୍ୟଜିତ୍ ରାଉତ)

ରାଜ୍ୟରେ ଗତ ୫ ବର୍ଷରେ ୮ ହଜାର ୪୦୩ ଜଣ ଶିଶୁ ନିଖୋଜ ଅଛନ୍ତି। ବିଧାନସଭାରେ ଗତ ଫେବୃଆରୀ ୧୭ରେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ଦେଇଥିଲେ। ୨୦୨୦ରୁ ୨୦୨୪ ମଧ୍ୟରେ ୧ ହଜାର ୮୫୭ ଜଣ ଶିଶୁଙ୍କୁ ପୋଲିସ ଖୋଜି ପାଇଛି। ଏଥିସହ ୭୪୮ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।







## ସଂକ୍ଷେପରେ

# ବୋଇଂ ଜେଟ୍ କିଣା ବନ୍ଦକଲା ବେଜିଂ

### ତେଜୁଛି ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ




ବେଜିଂ,୧୫।୪

ଗତ ଜାନୁଆରୀ ୨୦ରେ ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବା ପରେ ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ଆମେରିକା ଏବଂ ଚାଇନା ମଧ୍ୟରେ ଯେସାକୁ ତେସା ଶୁଳ୍କକୁ ନେଇ ବିବାଦ ବଢ଼ିବା ସହ ବାଣିଜ୍ୟ ଯୁଦ୍ଧ ତୀବ୍ର ହେବାରେ ଲାଗିଛି। ଆମେରିକାର ବିମାନ ଉତ୍ପାଦନକାରୀ କମ୍ପାନୀ ବୋଇଂଠାରୁ ଏୟାରକ୍ରାଫ୍ଟ କିଣିବା ବନ୍ଦ କରିବାକୁ ବେଜିଂ ମଙ୍ଗଳବାର ଏହାର ଏୟାରଲାଇନ୍ସଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ସର୍ବାଧିକ ୧୪୫ ପ୍ରତିଶତ ଶୁଳ୍କ ଲଗାଇଥିବାବେଳେ ଏହାର ଜବାବରେ ବେଜିଂ ଆମେରିକାରୁ ଆମଦାନୀ ଦ୍ରବ୍ୟ ଉପରେ ୧୨୫ ପ୍ରତିଶତ ଟାରିଫ କଷିଛି। ଏବେ ବୋଇଂ କମ୍ପାନୀରୁ ବିମାନ ଗ୍ରହଣ ନ କରିବା ପାଇଁ ଚାଇନା ନିର୍ଦ୍ଦେଶ ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଆମେରିକୀୟ କମ୍ପାନୀଗୁଡ଼ିକରୁ ବିମାନ ଉପକରଣ କିଣା ବନ୍ଦ କରିବାକୁ ମଧ୍ୟ ବେଜିଂ ଏହାର ବିମାନ ଚଳାଚଳ କମ୍ପାନୀଗୁଡ଼ିକୁ କହିଛି।

# ପଶ୍ଚିମବଙ୍ଗ ୱାକ୍ଫ ହିଂସା ପଛରେ ବାଂଲାଦେଶୀ: କେନ୍ଦ୍ର

ନୂଆଦିଲ୍ଲୀ, ୧୫।୪

ୱାକ୍ଫ ଆଇନକୁ ନେଇ ପଶ୍ଚିମବଙ୍ଗରେ ଦେଖାଦେଇଥିବା ହିଂସା ପଛରେ ବାଂଲାଦେଶୀ ଆତଙ୍କ ସୃଷ୍ଟିକାରୀଙ୍କ ସମ୍ପୃକ୍ତି ଥିବା ସାମ୍ନାକୁ ଆସିଛି। ପ୍ରାରମ୍ଭିକ ତଦନ୍ତରୁ ଏହା ଜଣାପଡ଼ିଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଥିବା ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ସେହିପରି ପଶ୍ଚିମବଙ୍ଗରେ ମୁର୍ଶିଦାବାଦ ଏବଂ ଦକ୍ଷିଣ ୨୪ ପରଗଣା ଜିଲାରେ ୱାକ୍ଫ ଆଇନ ବିରୋଧୀ ହିଂସା ଚାଲିଥିବାବେଳେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ସରକାର ଅନୁପ୍ରବେଶକାରୀଙ୍କ ଉପରେ ନଜର ରଖିବାରେ ବିଫଳ ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ବୋଲି ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ, ମୁର୍ଶିଦାବାଦରେ ଗତ ୧୦ରୁ ୧୨ ତାରିଖ ମଧ୍ୟରେ ହୋଇଥିବା ହିଂସାରେ ଏକ ପିତା-ପୁତ୍ରଙ୍କୁ ହତ୍ୟା କରିଥିବା ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି। ବର୍ତ୍ତମାନ ସୁଦ୍ଧା ଏହି ହିଂସା ପାଇଁ ସମୁଦାୟ ୨୧୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ମୁର୍ଶିଦାବାଦ ଜିଲାରେ ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଥିବା ପୋଲିସ କହିଛି।

# ନିର୍ବାଚନ ପୂର୍ବରୁ ସ୍ୱାୟତ୍ତତା ଉଦ୍ୟମ

## ଉଚ୍ଚସ୍ତରୀୟ କମିଟି ଗଢ଼ିଲେ ଷ୍ଟାଲିନ୍

ଚେନ୍ନାଇ,୧୫।୪


ଏମ୍.କେ. ଷ୍ଟାଲିନ୍

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି କେନ୍ଦ୍ର-ରାଜ୍ୟ ସମ୍ପର୍କର ଅନୁଧ୍ୟାନ ପାଇଁ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପୂର୍ବରୁ ପି.ଭି. ରାଜମାନ୍ନାର କମିଟି ଗଠନ କରିଥିଲେ। ଏବେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟର ସ୍ୱାୟତ୍ତତା ପାଇଁ ତାଙ୍କ ପୁଅ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ କମିଟି ଗଠନ ନେଇ ଘୋଷଣା କରିଛନ୍ତି।

ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି କୁରିଏନ୍ ଜୋସେଫ୍ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ମଧ୍ୟରେ ସମ୍ପର୍କକୁ ପ୍ରଭାବିତ କରୁଥିବା ସାମ୍ବିଧାନିକ ଏବଂ ଆଇନଗତ ବ୍ୟବସ୍ଥାଗୁଡ଼ିକର ଅଧ୍ୟୟନ କରିବ। କମିଟିରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅଶୋକ ବର୍ଦ୍ଧନ ସେଟ୍ଟୀ ଏବଂ ରାଜ୍ୟ ଯୋଜନା ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର ଏମ୍. ନାଗନାଥନ୍ ସଦସ୍ୟ ରହିଛନ୍ତି। ରାଜ୍ୟ ତାଲିକାରୁ ସମବର୍ତ୍ତୀ ସୂଚୀକୁ ସ୍ଥାନାନ୍ତର ହୋଇଥିବା ବିଷୟଗୁଡ଼ିକୁ ଫେରାଇ ଆଣିବା ନିମନ୍ତେ ଉପାୟ ବତାଇବା ସହ ରାଜ୍ୟଗୁଡ଼ିକ କିପରି ଅଧିକ ସ୍ୱାୟତ୍ତତା କ୍ଷମତା ସହିତ କାର୍ଯ୍ୟ କରିପାରିବେ, ସେନେଇ ସୁପାରିସ କରିବେ।

ରାଜ୍ୟଗୁଡ଼ିକର କ୍ଷମତା ବଢ଼ାଇବା ଉପରେ ଷ୍ଟାଲିନ୍ ଜୋର୍ ଦେଇଛନ୍ତି। କେନ୍ଦ୍ର ସରକାର କ୍ରମାଗତ ଭାବେ ରାଜ୍ୟର ଅଧିକାରକୁ ଛଡ଼ାଇନେବାରେ ଲାଗିଥିବା ସେ ଅଭିଯୋଗ କରିଛନ୍ତି। କରୁଣାନିଧିଙ୍କ ସରକାର ସମୟରେ ଐତିହାସିକ ରାଜ୍ୟ ସ୍ୱାୟତ୍ତତା ସଂକଳ୍ପନାମା ବିଧାନସଭାରେ ଅଣାଯାଇଥିଲା। ରାଜ୍ୟ ବିଧାନସଭାର ରୁଲ୍-୧୧୦ ଅନୁଯାୟୀ ଷ୍ଟାଲିନ୍ ନୂଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ୨୦୨୬ ଜାନୁଆରୀ ସୁଦ୍ଧା କମିଟି ଅନ୍ତରୀଣ ରିପୋର୍ଟ ଦେବାକୁ ଥିବାବେଳେ ୨ ବର୍ଷରେ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବ। ଏହି ପଦକ୍ଷେପ କେବଳ ତାମିଲନାଡୁ ପାଇଁ ନୁହେଁ ବରଂ ବିବିଧତା ମଧ୍ୟରେ ଏକତା ସିଦ୍ଧାନ୍ତର ସୁରକ୍ଷା ନିମନ୍ତେ ସମସ୍ତ ରାଜ୍ୟ ପାଇଁ ଉଦ୍ଦିଷ୍ଟ ବୋଲି ଷ୍ଟାଲିନ୍ କହିଛନ୍ତି। ରାଜ୍ୟଗୁଡ଼ିକର ଅଧିକାର ଅବରୋଧ ହେଉଥିବାବେଳେ ସମ୍ବିଧାନର ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରାଯାଇ ସହଯୋଗମୂଳକ ସଂଘବାଦ, ଆଇନ ଏବଂ ନୀତି ଆଧାରିତ କେନ୍ଦ୍ର-ରାଜ୍ୟ ସମ୍ପର୍କ ସୁଦୃଢ଼ ହେବା ଆବଶ୍ୟକ। ସମ୍ବିଧାନ ଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ଗଢ଼ାଯାଇଥିବାରୁ ନିଜସ୍ୱ କ୍ଷେତ୍ରରେ କେହି କାହାର ଅଧସ୍ତନ ନୁହନ୍ତି ବୋଲି ବି.ଆର୍. ଆମ୍ବେଡ୍କର ସ୍ପଷ୍ଟ ଭାବେ କହିଥିଲେ। ଏହା ସତ୍ତ୍ୱେ କେନ୍ଦ୍ର ସରକାର କ୍ରମାଗତ ଭାବେ ରାଜ୍ୟଗୁଡ଼ିକର ଅଧିକାରକୁ ଅକ୍ତିଆର କରିଚାଲିଛନ୍ତି, ଯାହା ସାମ୍ବିଧାନିକ ସନ୍ତୁଳନରେ ବ୍ୟାଘାତ ସୃଷ୍ଟି କରୁଥିବା ଷ୍ଟାଲିନ୍ କହିଥିଲେ। ତେବେ ବିଧାନସଭାରେ ଷ୍ଟାଲିନ୍ ଉଚ୍ଚସ୍ତରୀୟ କମିଟି ଗଠନ ସମ୍ପର୍କରେ ଘୋଷଣା କଲାବେଳେ ବିରୋଧୀ ଦଳ ଏଆଇଏଡିଏମ୍କେ ଉପସ୍ଥିତ ନ ଥିଲା। ବିରୋଧୀ ଦଳ ଉଠାଇଥିବା ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବାଚସ୍ପତି ଏମ୍. ଆପ୍ପାଭୁ ଅନୁମତି ନ ଦେବାରୁ ଏଆଇଏଡିଏମ୍କେ କକ୍ଷତ୍ୟାଗ କରିଥିଲା। ରାଜ୍ୟ ପାଇଁ ନିରଙ୍କୁଶ ସ୍ୱାୟତ୍ତତା ଦେଶ ପକ୍ଷରେ ଭଲ ହେବ ନାହିଁ, ଏଥିରେ ଭାଜପା ଏକମତ ନୁହେଁ ବୋଲି କହି ଗୃହର ନେତା ନୈନାର ନାଗେନ୍ଦ୍ରନଙ୍କ ନେତୃତ୍ୱରେ କକ୍ଷତ୍ୟାଗ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଡିଏମ୍କେ ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ସମର୍ଥନ ଜଣାଇଥିଲେ।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି ସମେତ ବିଭିନ୍ନ ନିଷ୍ପତ୍ତିକୁ ଷ୍ଟାଲିନ୍ ବିରୋଧ କରିଆସୁଛନ୍ତି। ତ୍ରିଭାଷୀ ନୀତି ବଳରେ କେନ୍ଦ୍ର ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକ ଉପରେ ହିନ୍ଦୀ ଭାଷାକୁ ଲଦିଦେବାକୁ ଉଦ୍ୟମ ଚଳାଇଥିବା କହି ଷ୍ଟାଲିନ୍ ଏହାର ତୀବ୍ର ବିରୋଧ କରିଥିବାବେଳେ ଅନ୍ୟ କେତେକ ଦଳ ମଧ୍ୟ ତାଙ୍କ ସହ ସ୍ୱର ମିଳାଇଛନ୍ତି। ସେହିପରି ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ରହିଥିବା ଏନ୍ଇଇଟି ପରୀକ୍ଷା ବ୍ୟବସ୍ଥାକୁ ଷ୍ଟାଲିନ୍ ବିରୋଧ କରିବା ସହ ତାମିଲନାଡୁରେ ଏଭଳି ପରୀକ୍ଷା ନ କରାଇ ସିଧାସଳଖ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଧାରରେ ପିଲାଙ୍କୁ ନାମଲେଖା ସୁଯୋଗ ଦେବା ପାଇଁ ଦାବି କରିଆସୁଛନ୍ତି।



ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଡ୍କରଙ୍କ ଜନ୍ମବାର୍ଷିକୀ ୨୦୨୫ ଏପ୍ରିଲ ୧୪କୁ ନ୍ୟୁୟର୍କ ସିଟିରେ ଡ. ବି.ଆର୍. ଆମ୍ବେଡ୍କର ଦିବସ ଭାବେ ଘୋଷଣା କରାଯାଇଛି। ଏଥିପାଇଁ ସେଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ନ୍ୟୁୟର୍କ ସିଟି ମେୟରଙ୍କ କାର୍ଯ୍ୟାଳୟର ଅନ୍ତର୍ଜାତୀୟ ବ୍ୟାପାର ଡେପୁଟି କମିଶନର ଦିଲୀପ ଚୌହାନ ଏବଂ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ ଯୋଗ ଦେଇଛନ୍ତି।


ଅମରନାଥ ଯାତ୍ରାରେ ସାମିଲ ହେବା ପାଇଁ ନିଜକୁ ପଞ୍ଜୀକୃତ କରିବା ନିମନ୍ତେ ଜମ୍ମୁରେ ମଙ୍ଗଳବାର ତୀର୍ଥଯାତ୍ରୀମାନେ ଧାଡ଼ିରେ ଛିଡ଼ାହୋଇଛନ୍ତି।

# ଏନ୍‌ଡିଏରୁ ଓହରିଲେ ପଶୁପତି ପାରସ

ନୂଆଦିଲ୍ଲୀ,୧୫।୪

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି (ଆର୍‌ଏଲ୍‌ଜେପି) ଓହରିଯାଇଥିବା ଏହାର ମୁଖ୍ୟ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପଶୁପତି କୁମାର ପାରସ ସୋମବାର ଘୋଷଣା କରିଛନ୍ତି। ଦଳିତ ପାର୍ଟି ହୋଇଥିବାରୁ ଆର୍‌ଏଲ୍‌ଜେପି ଅନ୍ୟାୟର ସମ୍ମୁଖୀନ ହୋଇଥିଲା। ବିହାରରେ ଏନ୍‌ଡିଏର ବୈଠକଗୁଡ଼ିକରେ ଭାଜପା ଏବଂ ଜେଡିୟୁ ରାଜ୍ୟ ମୁଖ୍ୟମାନେ ତାଙ୍କ ଦଳର ନାଁ ନେଉ ନ ଥିଲେ ବୋଲି ପାରସ କହିଛନ୍ତି। ୨୦୧୪ରୁ ଏନ୍‌ଡିଏ ସହ ରହିଆସିଥିବା ପାରସ୍ ଏବେଠାରୁ ସବୁ ସମ୍ପର୍କ ତୁଟାଇଥିବା ଆମ୍ବେଡ୍କର ଜୟନ୍ତୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କହିଛନ୍ତି।

# ଆଲ୍ଲାହାବାଦ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

### ପୀଡ଼ିତା ସମସ୍ୟାକୁ ଆମନ୍ତ୍ରଣ କରିଥିବା ଟିପ୍ପଣୀ

ନୂଆଦିଲ୍ଲୀ,୧୫।୪

ନିକଟରେ ଆଲ୍ଲାହାବାଦ ହାଇକୋର୍ଟ ଏକ ବିବାଦୀୟ ରାୟରେ ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ଅବସରରେ ପୀଡ଼ିତା ସମସ୍ୟାକୁ ଆମନ୍ତ୍ରଣ କରିଥିଲେ ବୋଲି ଟିପ୍ପଣୀ ଦେଇଥିଲେ। ହାଇକୋର୍ଟଙ୍କ ଏଭଳି ଟିପ୍ପଣୀରେ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ସହ ଭର୍ତ୍ସନା କରିଛନ୍ତି। ଏମିଟି ୟୁନିଭର୍ସିଟି ନୋଏଡ଼ା କ୍ୟାମ୍ପସରେ ଜଣେ ପିଜି ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତଙ୍କୁ ଗତବର୍ଷ ଡିସେମ୍ବରରେ ଗିରଫ କରାଯାଇ ଜେଲରେ ରଖାଯାଇଥିଲା। ଅଭିଯୁକ୍ତ ପୀଡ଼ିତାଙ୍କୁ ଦିଲ୍ଲୀର ହୌଜଖାସ୍ଥିତ ବାର୍‌ରେ ଭେଟିଥିଲେ। ଛାତ୍ରୀ ଜଣକ ଦୀର୍ଘ ସମୟ ମଦ ପିଇ ଅତ୍ୟାଧିକ ନିଶାଗ୍ରସ୍ତ ଥିଲେ। ଘରକୁ ଯିବାକୁ ଅସମର୍ଥ ଥିବାରୁ ଅଭିଯୁକ୍ତଙ୍କ ସହ ଯିବା ପାଇଁ ରାଜି ହୋଇଥିଲେ। ଅଭିଯୁକ୍ତ ତାଙ୍କୁ ଜଣେ ସମ୍ପର୍କୀୟଙ୍କ ଘରକୁ ନେଇ ୨ ଥର ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଯଦି ପୀଡ଼ିତାଙ୍କ ଅଭିଯୋଗ ସତ ହୋଇଥାଏ, ତେବେ ସେ ନିଜେ ହିଁ ଏଥିପାଇଁ ଦାୟୀ। ଜଣେ ପିଜି ଛାତ୍ରୀ ହୋଇଥିବାରୁ ନିଜ କାର୍ଯ୍ୟର ନୈତିକତା ଏବଂ ପରିଣତି ସମ୍ପର୍କରେ ବୁଝିବାକୁ ସେ ଯଥେଷ୍ଟ ସମର୍ଥ ଥିଲେ ବୋଲି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ସିଂ କହିବା ସହ ଏହା ବଳାତ୍କାର ନୁହେଁ ବରଂ ସହମତିରେ ସମ୍ପର୍କ ଭଳି ଜଣାପଡୁଥିବା କହିଥିଲେ। ଉଚ୍ଚ ଅଦାଲତର ଏଭଳି ରାୟ ଅତ୍ୟନ୍ତ ସମ୍ବେଦନହୀନ ବୋଲି ଜଷ୍ଟିସ୍ ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଜଣେ ବିଚାରପତି ଏଭଳି ଟିପ୍ପଣୀ ଦେବା ପୂର୍ବରୁ ଯଥେଷ୍ଟ ସତର୍କ ରହିବା ଆବଶ୍ୟକ ବୋଲି ଜଷ୍ଟିସ୍ ଗଭାଇ କହିଛନ୍ତି।

# ଦେଶର ୯୦% ମହିଳା ପୋଲିସ ଜୁନିୟର ର୍ୟାଙ୍କରେ କାର୍ଯ୍ୟରତ

ନୂଆଦିଲ୍ଲୀ, ୧୫।୪ (ପି.ଟି.)

ଭାରତର ପୋଲିସ ବାହିନୀରେ ସମ୍ପ୍ରତି ୧ ହଜାରରୁ କମ୍ ମହିଳା ଡିଜିପି, ଏସ୍‌ପି ଭଳି ସିନିୟର ର୍ୟାଙ୍କ୍‌ରେ କାର୍ଯ୍ୟ କରୁଛନ୍ତି। ମହିଳା ପୋଲିସ ମଧ୍ୟରୁ ୯୦% କନ୍‌ଷ୍ଟେବଲ ଭଳି ଜୁନିୟର ର୍ୟାଙ୍କରେ କାର୍ଯ୍ୟ କରୁଥିବା ନେଇ ଅନେକ ନାଗରିକ ଏବଂ ସାମାଜିକ ସଙ୍ଗଠନ ଓ ଡେଟା ପାର୍ଟନରଙ୍କ ସହାୟତାରେ ଟାଟା ଟ୍ରଷ୍ଟ ପକ୍ଷରୁ କରାଯାଇଥିବା 'ଦି ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ୨୦୨୫'ରେ ପ୍ରକାଶ ପାଇଛି। ବିଭିନ୍ନ ରାଜ୍ୟର ପୋଲିସ ବିଭାଗ, ନ୍ୟାୟପାଳିକା, କାରାଗାର ଏବଂ ଆଇନଗତ ସହାୟତାକୁ ବିଚାରକୁ ନିଆଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ପୋଲିସ ବିଭାଗରେ ମହିଳାଙ୍କ ପ୍ରତିନିଧିତ୍ୱ ନେଇ ରହିଥିବା ଲକ୍ଷ୍ୟକୁ ସମ୍ପ୍ରତି ହାସଲ କରାଯାଇ ପାରି ନ ଥିବା ରିପୋର୍ଟ କହିଛି। ପୋଲିସ ବିଭାଗରେ ୨.୪ ଲକ୍ଷ ମହିଳା କାର୍ଯ୍ୟରତ ଥିବାବେଳେ ସେଥିମଧ୍ୟରୁ ମାତ୍ର ୯୬୦ ଜଣ ଇଣ୍ଡିଆନ୍ ପୋଲିସ ସର୍ଭିସ (ଆଇପିଏସ୍) ର୍ୟାଙ୍କର। ସେହିପରି ୨୪ ,୩୨୨ ଜଣ ମହିଳା ପୋଲିସ ଇନ୍‌ସ୍ପେକ୍ଟର, ସବ୍ ଇନସ୍ପେକ୍ଟର ପଦବୀରେ ସିନିୟର ର୍ୟାଙ୍କ ପୋଲିସ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଦେଶରେ ୨.୧୭ ଲକ୍ଷ ମହିଳା ପୋଲିସ କନ୍‌ଷ୍ଟେବଲ ଭାବେ ଜୁନିୟର ର୍ୟାଙ୍କରେ କାର୍ଯ୍ୟ କରୁଥିବା ଏହି ରିପୋର୍ଟ କହିଛି।

# ଭାରତର ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ୧୫ ବିଚାରପତି

ନୂଆଦିଲ୍ଲୀ, ୧୫।୪ (ପି.ଟି.)



ଭାରତରେ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ କେବଳ ୧୫ ଜଣ ବିଚାରପତି ରହିଛନ୍ତି। ମଙ୍ଗଳବାର ଜାରି ହୋଇଥିବା 'ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ୨୦୨୫'ରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ୫୦ ବିଚାରପତି ରହିବା ନେଇ ୧୯୮୭ ମସିହାରେ ଲ' କମିଶନ କରିଥିବା ସୁପାରିସଠାରୁ ବର୍ତ୍ତମାନର ବିଚାରପତିଙ୍କ ସଂଖ୍ୟା ବହୁତ ଦୂରରେ ଥିବା ଏହି ରିପୋର୍ଟ କହିଛି।

ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ଅନୁଯାୟୀ, ୧୪୦ କୋଟି ଜନସଂଖ୍ୟାର ଦେଶ ଭାରତରେ ୨୧,୨୮୫ ଜଣ ବିଚାରପତି ରହିଛନ୍ତି। ସେହିପରି ଭାରତର ଉଚ୍ଚନ୍ୟାୟାଳୟଗୁଡ଼ିକରେ ସମୁଦାୟ ମଞ୍ଜୁର ପଦବୀର ୩୩% ଖାଲିପଡ଼ିଥିବା ଏହି ରିପୋର୍ଟ କହିଛି। ସେଥିମଧ୍ୟରୁ କେବଳ ୨୦୨୫ରେ ୨୧% ପଦବୀ ଖାଲି ପଡ଼ିଛି, ଯାହା ସମ୍ପ୍ରତି ବିଚାରପତିଙ୍କର କାର୍ଯ୍ୟଭାର ବଢ଼ାଇଛି। ଦେଶର ଜିଲା କୋର୍ଟଗୁଡ଼ିକରେ ପ୍ରତି ବିଚାରପତିଙ୍କ ପିଛା ହାରାହାରି ୨,୨୦୦ ମାମଲାର ବୋଝ ରହିଥିବା ଏହି ରିପୋର୍ଟ କହିଛି। ଆଲ୍ଲାହାବାଦ ଏବଂ ମଧ୍ୟପ୍ରଦେଶ ହାଇକୋର୍ଟରେ ପ୍ରତି ବିଚାରପତିଙ୍କ ପିଛା ହାରାହାରି ୧୫ ହଜାର ମାମଲାର ବୋଝ ରହିଛି। ୨୦୧୭ରେ ଦେଶର ଜିଲା ଅଦାଲତଗୁଡ଼ିକରେ ମହିଳା ବିଚାରପତିଙ୍କ ସଂଖ୍ୟା ମୋଟ ବିଚାରପତିଙ୍କର ୩୦% ହୋଇଥିବାବେଳେ ଏବେ ଏହି ସଂଖ୍ୟା ବଢ଼ି ୩୮.୩%ରେ ପହଞ୍ଚିଛି। ସେହିପରି ଦେଶର ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ୨୦୧୭ରେ ମହିଳା ବିଚାରପତିଙ୍କ ସଂଖ୍ୟା ୧୧.୪% ଥିବାବେଳେ ୨୦୨୫ରେ ଏହା ବଢ଼ି ୧୪% ହୋଇଛି। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟଗୁଡ଼ିକ ତୁଳନାରେ ଜିଲା ଅଦାଲତଗୁଡ଼ିକରେ ମହିଳା ବିଚାରପତିଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ ବୋଲି ଏହି ରିପୋର୍ଟ କହିଛି। ସମ୍ପ୍ରତି ଦେଶର ୨୫ ହାଇକୋର୍ଟରେ କେବଳ ଜଣେ ମହିଳା ମୁଖ୍ୟ ବିଚାରପତି ରହିଛନ୍ତି। ସେହିପରି ଭାରତର ଜିଲା ଅଦାଲତଗୁଡ଼ିକରେ କେବଳ ୫% ବିଚାରପତି ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗରୁ ଆସୁଥିବାବେଳେ ୧୪% ବିଚାରପତି ଅନୁସୂଚିତ ଜାତି(ଏସ୍‌ସି) ବର୍ଗରୁ ଆସୁଛନ୍ତି। ୨୦୧୮ରୁ ୬୯୮ ଜଣ ହାଇକୋର୍ଟ ବିଚାରପତି ନିଯୁକ୍ତ ହୋଇଥିବାବେଳେ ସେଥିମଧ୍ୟରୁ କେବଳ ୩୭ ଜଣ ଏସ୍‌ସି ଏବଂ ଏସ୍‌ଟି ବର୍ଗର ହୋଇଥିବା ଏହି ରିପୋର୍ଟ କହିଛି। ସେହିପରି ଭାରତର ନ୍ୟାୟପାଳିକାରେ ଅନ୍ୟ ପଛୁଆ ଜାତି (ଓବିସି) ବର୍ଗର ବିଚାରପତିଙ୍କ ସାମଗ୍ରିକ ପ୍ରତିନିଧିତ୍ୱ ୨୫.୬% ରହିଛି।

## ଫୁରସତ୍

# ଶ୍ରେଣୀଗୃହ କାନ୍ଥରେ ଗୋବର ଲିପିଲେ ପ୍ରିନ୍ସିପାଲ

ନୂଆଦିଲ୍ଲୀ



ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଲକ୍ଷ୍ମୀବାଈ କଲେଜର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କଲେଜର ପ୍ରିନ୍ସିପାଲ ପ୍ରତ୍ୟୁଷା ବତ୍ସଲା ଅନ୍ୟ କର୍ମଚାରୀମାନଙ୍କ ସହ ମିଶି ଏକ ଶ୍ରେଣୀଗୃହର କାନ୍ଥକୁ ଗାଈ ଗୋବରରେ ଲିପୁଥିବା ନଜରକୁ ଆସିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଅନେକ ୟୁଜର୍ସ କଲେଜ କ୍ଲାସ୍‌ରୁମରେ ପ୍ରିନ୍ସିପାଲଙ୍କ ଏପରି କାର୍ଯ୍ୟକୁ ସମାଲୋଚନା କରିଛନ୍ତି।

ତେବେ ଘଟଣାକୁ ନେଇ ପ୍ରତ୍ୟୁଷା ସ୍ପଷ୍ଟୀକରଣ ରଖି କହିଛନ୍ତି, କଲେଜରେ ଚାଲିଥିବା ଏକ ରିସର୍ଚ୍ଚ ପ୍ରୋଜେକ୍ଟର ଅଂଶ ଭାବେ ସେ ଶ୍ରେଣୀଗୃହର କାନ୍ଥରେ ଗୋବର ଲିପୁଥିଲେ। ଏହା ଏକ ରିସର୍ଚ୍ଚ ପ୍ରୋଜେକ୍ଟର ଅଂଶ ଥିଲା, ଯାହା କଲେଜର ଜଣେ ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ସମ୍ପ୍ରତି ଜାରି ରହିଛି। ଏବେ ଏହି ପ୍ରୋଜେକ୍ଟର ବିଭିନ୍ନ ପ୍ରକ୍ରିୟା ଚାଲିଛି। ପ୍ରାୟ ସପ୍ତାହ ପରେ ଏହି ପ୍ରୋଜେକ୍ଟର ସମ୍ପୂର୍ଣ୍ଣ ତଥ୍ୟ ଏବଂ ଫଳାଫଳକୁ ସେ ଶେୟାର କରିବେ ବୋଲି ପ୍ରତ୍ୟୁଷା କହିଛନ୍ତି।

ସେ ଆହୁରି କହିଛନ୍ତି, ପ୍ରାକୃତିକ ମାଟି କିମ୍ବା ଗାଈ ଗୋବରର ବ୍ୟବହାରରେ କୌଣସି କ୍ଷତି ନାହିଁ। କେତେଜଣ ଲୋକ ସମ୍ପୂର୍ଣ୍ଣ ସୂଚନା ନ ପାଇ ତାଙ୍କ କାର୍ଯ୍ୟକୁ ସୋସିଆଲ ମିଡିଆରେ ଭୁଲ୍ ଭାବେ ଉପସ୍ଥାପନ କରୁଛନ୍ତି। ବିଭିନ୍ନ ସ୍ୱଦେଶୀ ଏବଂ ପ୍ରାକୃତିକ ଉପାୟକୁ ଆପଣାଇ କିପରି ଶ୍ରେଣୀଗୃହଗୁଡ଼ିକୁ ଥଣ୍ଡା ରଖାଯାଇ ପାରିବ ତାହା ଉକ୍ତ ରିସର୍ଚ୍ଚ ପ୍ରୋଜେକ୍ଟର ଉଦ୍ଦେଶ୍ୟ ଥିବା ପ୍ରତ୍ୟୁଷା କହିଛନ୍ତି। ଏହାସହ ସେ କଲେଜର ଅଧ୍ୟାପକ ଏବଂ ଅଧ୍ୟାପିକାମାନଙ୍କର ଏକ ସାମୂହିକ ଭିଡିଓକୁ ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ ଶ୍ରେଣୀଗୃହର ବାତାବରଣରେ ଉନ୍ନତି ଆଣିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ସେମାନେ କହିଛନ୍ତି। ସ୍ୱଦେଶୀ ଏବଂ ବିଭିନ୍ନ ପାରମ୍ପରିକ ପଦ୍ଧତିର କାର୍ଯ୍ୟକାରୀ ଦ୍ୱାରା ଯେକୌଣସି ସମସ୍ୟାର ସମାଧାନ ସମ୍ଭବ ବୋଲି ସେ କହିଛନ୍ତି। ସେ ଦିଗରେ ଏହି ପ୍ରୋଜେକ୍ଟ ହେଉଛି ଏକ ପ୍ରୟାସ। କଲେଜର ଛାତ୍ରୀଛାତ୍ରମାନେ ଖୁବ୍‌ଶୀଘ୍ର ସେମାନଙ୍କ ଶ୍ରେଣୀଗୃହକୁ ନୂଆରୂପରେ ଦେଖିବାକୁ ପାଇବେ। ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁଭବକୁ ଉଚ୍ଚକୋଟୀର କରିବା ପାଇଁ କଲେଜ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ପ୍ରତ୍ୟୁଷା କହିଛନ୍ତି। ପ୍ରକାଶ ଯେ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ପ୍ରମୁଖ କଲେଜଗୁଡ଼ିକ ମଧ୍ୟରୁ ରାଷ୍ଟ୍ରୀୟ ରାଜଧାନୀର ଅଶୋକ ବିହାରସ୍ଥିତ ଲକ୍ଷ୍ମୀବାଈ କଲେଜ ଅନ୍ୟତମ। ୧୯୬୫ରେ ଏହି କଲେଜର ସ୍ଥାପନା ହୋଇଥିଲା।

# 'ଦି ଭୂତ୍‌ନୀ' ରିଲିଜ୍ ୨ ସପ୍ତାହ ଘୁଞ୍ଚିଲା

ମୁମ୍ବାଇ


ସଞ୍ଜୟ ଦତ୍ତ

ଅଭିନେତା ସଞ୍ଜୟ ଦତ୍ତଙ୍କ ଆଗାମୀ ହରର ଆକ୍ସନ-କମେଡି ଫିଲ୍ମ 'ଦି ଭୂତ୍‌ନୀ'ର ରିଲିଜ୍ ତାରିଖକୁ ୨ ସପ୍ତାହ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହି ଫିଲ୍ମ ଆସନ୍ତା ୧୮ ତାରିଖରେ ରିଲିଜ୍ ହେବାକୁ ସ୍ଥିର ହୋଇଥିବାବେଳେ ଏବେ ମେ' ୧ରେ ରିଲିଜ୍ ହେବ ବୋଲି ମଙ୍ଗଳବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଘୋଷଣା କରାଯାଇଛି। ଫିଲ୍ମର ଭିଜୁଆଲ ଇଫେକ୍ଟସ୍ (ଭିଏଫ୍‌ଏକ୍ସ) ଉପରେ କାମ ଶେଷ ହୋଇ ନ ଥିବାରୁ ରିଲିଜ୍ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୁହାଯାଇଛି। ଫିଲ୍ମରେ ଭିଏଫ୍‌ଏକ୍ସ ଯୋଡ଼ାଯାଇ ଏହି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକଙ୍କୁ ସର୍ବୋତ୍ତମ ସିନେମାଟିକ ଅଭିଜ୍ଞତା ପ୍ରଦାନ କରିବାକୁ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ପ୍ରୟାସ କରାଯାଉଛି। ତେବେ ୧୮ରେ ଅଭିନେତା ଅକ୍ଷୟ କୁମାରଙ୍କ 'କେଶରୀ ଚାପ୍ଟର ୨' ରିଲିଜ୍ ହେଉଥିବାରୁ ବକ୍ସ ଅଫିସ୍ କ୍ଲାଶ୍‌କୁ ଦୃଷ୍ଟିରେ ରଖି 'ଦି ଭୂତ୍‌ନୀ'ର ନିର୍ମାତାଙ୍କ ପକ୍ଷରୁ ଏହାର ରିଲିଜ୍ ତାରିଖକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିବା ନେଇ ସିନେ ସମୀକ୍ଷକମାନେ ଆକଳନ କରିଛନ୍ତି। ସିଦ୍ଧାନ୍ତ ସଚ୍ଚଦେବଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସଞ୍ଜୟଙ୍କ ସମେତ ଅଭିନେତ୍ରୀ ମୌନୀ ରଏ, ପଲକ ତିୱାରୀ ଏବଂ ଅଭିନେତା ସନ୍ନି ସିଂଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଗତ ମାର୍ଚ୍ଚ ୨୯ରେ 'ଦି ଭୂତ୍‌ନୀ'ର ଟ୍ରେଲର ରିଲିଜ୍ ହୋଇଥିବାବେଳେ ଦର୍ଶକ ଏହାକୁ ଖୁବ୍ ପସନ୍ଦ କରିଥିଲେ।




# ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ: ଜଣେ ଅଟକ

## ଥାନାରେ ଅଭିଯୋଗ, ଏସ୍‌ପିଙ୍କୁ ଭେଟିଲା ବିଜେଡି

ପାଟଣାଗଡ଼/ବଲାଙ୍ଗୀର,୧୫।୪ (ସଚ୍ଚିଦାନନ୍ଦ ମହାକୁର/ ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଛକ ମଝିରେ ପଲିଥିନ୍ ଘୋଡ଼ା ଯାଇଥିବା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମଙ୍ଗଳବାର ସକାଳେ କେହି ନିଆଁ ଲଗାଇ ଦେଇଥିବା ଦେଖାଯାଇଥିଲା। ନିଆଁ ଲାଗିବା ପରେ ପଲିଥିନ୍ ହୁତୁ ହୁତୁ ହୋଇ ଜଳିଉଠିଥିଲା। ଖବର ପାଇ ପାଟଣାଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫାଇବର ନିର୍ମିତ ପ୍ରତିମୂର୍ତ୍ତିରେ କିଏ ନିଆଁ ଲଗାଇଲା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ପ୍ରତିମୂର୍ତ୍ତି ପାଖରେ ଥିବା ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଉକ୍ତ ଯୁବକ ଜଣକ ନିଆଁ ଲଗାଇଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ସମ୍ପୃକ୍ତ ଯୁବକ ଜଣକ ମାନସିକ ରୋଗୀ ବୋଲି କୁହାଯାଉଥିବାରୁ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. କହିଛନ୍ତି।

ଅନ୍ୟପକ୍ଷେ ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର ବିଜେଡି କର୍ମୀଙ୍କ ସହ ଥାନାକୁ ଯାଇ ଘଟଣା ଉପରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପ୍ରତିମୂର୍ତ୍ତିରେ ନିଆଁ ଲଗାଇ ଜାଳିଦେବା ଘଟଣା ବିଜୁପ୍ରେମୀ ଏବଂ ଜନସାଧାରଣଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି ବୋଲି ମେହେର କହିଛନ୍ତି। ଏହି ସମ୍ବେଦନଶୀଳ ଘଟଣାକୁ ପୋଲିସ ଗୁରୁତର ଭାବେ ଏବଂ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ ଦାବି କରିଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଆଗାମୀ ଦିନରେ ଧରା ନଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ବଲାଙ୍ଗୀର ଏସ୍‌ପି ଅଫିସକୁ ଯାଇ ଜିଲା ପରିଷଦ ସଭାପତି ତଥା ବିଜେଡି ନେତ୍ରୀ ଦେବକୀ ସାହୁ, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ସଦର ବ୍ଲକ୍ ଅଧକ୍ଷା ସରିତା ବାଗ, ଦେଓଗାଁ ବ୍ଲକ୍ ଅଧକ୍ଷ ଦୟାନିଧି ଖମାରୀ, କାଉନସିଲର ସରିତା ଦାଶ, ନଳିନୀ ପୋଢ଼, ସଞ୍ଜୁଲତା ଦନ୍ତା ଏବଂ ଅନ୍ୟମାନେ ଘଟଣାରୁ ଦୃଢ଼ ନିନ୍ଦା କରି ଏହାର ତଦନ୍ତ ଦାବି କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ନିର୍ବାଚନ ପୂର୍ବରୁ ପାଟଣାଗଡ ବ୍ଲକ ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ପଲିଥିନ୍ ଘୋଡ଼ାଯାଇଥିବା ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯିବା ପୂର୍ବରୁ ବିବାଦ ତେଜିଥିଲା। କେତେକ ଲୋକେ ଏହି ପ୍ରତିମୂର୍ତ୍ତି ସ୍ଥାପନକୁ ବିରୋଧ କରିଥିଲେ। ସେଠାରେ ପୂର୍ବରୁ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଲଗାଯିବାକୁ ପ୍ରସ୍ତାବିତ ହୋଇଥିବା କହି ଧାରଣାରେ ବସିଥିଲେ। ଫଳରେ ସେହିଦିନରୁ ବିଜୁ ପ୍ରତିମୂର୍ତ୍ତିଟି ପଲିଥିନ୍ ଘୋଡ଼ାଇବା ଅବସ୍ଥାରେ ରହିଥିଲା। ମଙ୍ଗଳବାର ସକାଳେ କେହି ଦୁର୍ବୃତ୍ତ ଉକ୍ତ ପ୍ରତିମୂର୍ତ୍ତିରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାକୁ ନେଇ ଏବେ ପୁଣି ଥରେ ବିବାଦ ତେଜିଛି। ପାଟଣାଗଡ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କୁ ପଚାରିବାରୁ, ପ୍ରତିମୂର୍ତ୍ତିରେ ନିଆଁ ଲଗାଯିବା ଘଟଣାରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି ବୋଲି କହିଛନ୍ତି।



ପାଟଣାଗଡ଼ ବ୍ଲକ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲାଗି ଜଳୁଛି।

### କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୪(ସୁନିତ୍ ମିଶ୍ର): ବଲାଙ୍ଗୀର ଜିଲା ପାଟଣାଗଡ଼ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡ଼ି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ନିଶ୍ଚିତ ଜଣେ ହୀନ ଓ ରୁଗ୍ଣ ମାନସିକତାର ବ୍ୟକ୍ତି ହୋଇଥିବେ। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ଜଣେ ବ୍ୟକ୍ତି ଗିରଫ ମଧ୍ୟ ହୋଇସାରିଛନ୍ତି। ଯଦି ଘଟଣା ପଛରେ କିଛି ଷଡ଼ଯନ୍ତ୍ର ଥାଏ, ତେବେ ଏହାର ମଧ୍ୟ ପର୍ଦ୍ଦାଫାଶ କରିବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ଓଡ଼ିଶାର ସମସ୍ତ ବରପୁତ୍ରଙ୍କୁ ରାଜ୍ୟ ସରକାର ସମ୍ମାନ ଦେବାରେ ବିଶ୍ୱାସ କରନ୍ତି ଓ ପୂଜ୍ୟପୂଜା ପାଇଁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି। ବିଜୁବାବୁଙ୍କ ପ୍ରତି ତାଙ୍କର ବ୍ୟକ୍ତିଗତ ଭାବେ ଗଭୀର ସମ୍ମାନ ରହି ଆସିଛି। ଗତ ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ଜୟନ୍ତୀକୁ ରାଜ୍ୟ ସ୍ତରରେ ବିପୁଳ ଉତ୍ସାହର ସହ ପାଳନ କରାଯାଇଥିଲା। ସେଥିରେ ସେ ନିଜେ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ମଧ୍ୟ ଏପ୍ରିଲ ୧୮ ତାରିଖରେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ

## ରାମଲୀଳା ଯାତ୍ରା ଦେଖି ଫେରୁଥିଲେ

ବଡ଼ଗାଁ,୧୫।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ରାଜ୍ୟ ରାଜପଥ ୧୦ରେ ସୋମବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବିରତୋଲା ଗ୍ରାମର ଠଣସୁନ୍ଦର ସା(୨୩), ଦିଲୀପ କୁମାର ନାଏକ(୨୨) ଓ ଚନ୍ଦନ ଲୋହାର(୨୨)। ବଡ଼ଗାଁ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବଡ଼ଗାଁ ଥାନାରେ ଏକ ମାମଲା(ନଂ. ୯୫/୨୫) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ ବିରତୁଲା ଗ୍ରାମର ଠଣସୁନ୍ଦର, ଦିଲୀପ ଓ ଚନ୍ଦନ ସୋମବାର ରାତିରେ ବଡ଼ଗାଁ ରାମଲୀଳା ଯାତ୍ରା ଦେଖି ଏକ ବାଇକ ଯୋଗେ ଫେରୁଥିବାବେଳେ ବଡ଼ଗାଁ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଛିଡ଼ା ହୋଇଥିବା ଟ୍ରାକ୍ଟର ସହ ପିଟି ହୋଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଗ୍ରାମର ଲୋକେ ସେମାନଙ୍କୁ ଉଦ୍ଧାର କରି ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଦୁର୍ଘଟଣା ପରେ ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବଡ଼ଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରାକ୍ଟରକୁ ଜବତ କରିଛି। ଟ୍ରାକ୍ଟରଟି ବିରତୋଲା ଗ୍ରାମର ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ସବ୍‌ଇନ୍ସପେକ୍ଟର ଖଗପତି ବିଶ୍ୱାଳ ସୂଚନା ଦେଇଛନ୍ତି।

# ରାଜ୍ୟରେ ସୃଷ୍ଟିହେଲା ୨୫୦୦ ଗୃହରକ୍ଷୀ ପଦବୀ

ଭୁବନେଶ୍ୱର, ୧୫।୪ (ସୁନିତ୍ ମିଶ୍ର)

ରାଜ୍ୟରେ ୨୫୦୦ ଗୃହରକ୍ଷୀ ପଦବୀ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ଗୃହରକ୍ଷୀ ପଦବୀ ସଂଖ୍ୟା ୧୭,୬୭୫ ରହିଛି। ୨୫୦୦ ନୂଆ ପଦବୀ ସୃଷ୍ଟି ହେବା ପରେ ସମୁଦାୟ ପଦବୀ ସଂଖ୍ୟା ୨୦,୧୭୫ ହୋଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ପୋଲିସ ବାହିନୀରେ ପଦବୀ ସଂଖ୍ୟା ବୃଦ୍ଧି କରାଯିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ରାଜ୍ୟ ପୋଲିସ ବିଭାଗର ବିଭିନ୍ନ ଶାଖାରେ ପ୍ରାୟ ୧୨ ହଜାର ପଦବୀ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଛନ୍ତି।

# ଏସ୍‌ଏଚ୍‌ଜିକୁ ସୁଧମୁକ୍ତ ଋଣ ଜାରି ରହିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୪(ସୁନିତ୍ ମିଶ୍ର)

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡ଼ିକ ପାଇଁ ସୁଧମୁକ୍ତ ଋଣ ବ୍ୟବସ୍ଥାକୁ ରାଜ୍ୟ ସରକାର ଜାରି ରଖିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମଙ୍ଗଳବାର ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ସୁଧମୁକ୍ତ ଋଣ ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଜାରି ରଖିଥିଲେ। ମଙ୍ଗଳବାର ଏହାକୁ ୨୦୨୫-୨୬ ଓ ପରବର୍ତ୍ତୀ ବର୍ଷଗୁଡ଼ିକ ପାଇଁ ଜାରି ରଖିବା ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏହି ପଦକ୍ଷେପ ରାଜ୍ୟରେ ମହିଳା ଉଦ୍ୟୋଗୀ ଓ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ମହିଳା ଭାଗୀଦାରି ଜରିଆରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଅର୍ଥନୀତି ସୁଦୃଢ ହେବ ବୋଲି ସେ କହିଛନ୍ତି।


ଲୋକସେବା ଭବନରେ ମଙ୍ଗଳବାର କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନ୍‌ରାମ୍ ମାଞ୍ଝି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# 'ରେରା'ରେ ଅନ୍ତର୍ଦ୍ୱନ୍ଦ୍ୱ, ସରକାରୀ କାର୍ଯ୍ୟରେ ବାଧା

## ସରକାରଙ୍କୁ ଅଧକ୍ଷ ଓ ସଚିବଙ୍କ ଗୁହାରି

ଭୁବନେଶ୍ୱର,୧୫।୪ (ରବିନାରାୟଣ ଜେନା)

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ(ରେରା)ରେ ଏବେ ଅଧକ୍ଷ ଏବଂ ସଚିବଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ତୀବ୍ର ହେବାରେ ଲାଗିଛି। ଫଳରେ ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭିନ୍ନ ଆବାସ ପ୍ରକଳ୍ପର ପଞ୍ଜୀକରଣ କାର୍ଯ୍ୟ ଆଗକୁ ବଢ଼ିପାରୁ ନ ଥିବାବେଳେ 'ରେରା' ପକ୍ଷରୁ ଫୋରେନ୍‌ସିକ ଅଡିଟ୍ କାର୍ଯ୍ୟ ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, 'ରେରା'ର ପୂର୍ବତନ ଅଧକ୍ଷ ସିଦ୍ଧାନ୍ତ ଦାସ ଫେବୃଆରୀ ୨୮ରେ ପଦତ୍ୟାଗ କରିଥିଲେ। ଏହାପରେ ୧ମାସ ପର୍ଯ୍ୟନ୍ତ ରେରା ଅଧକ୍ଷ ପଦ ଖାଲି ରହିଥିଲା। ମାର୍ଚ୍ଚ ୨୮ରେ ରେରାର ନ୍ୟାୟିକ ସଦସ୍ୟ ଗୋପାଳ ଚନ୍ଦ୍ର ପଟ୍ଟନାୟକଙ୍କୁ କାମଚଳା ଅଧକ୍ଷ ରୂପେ ସରକାରଙ୍କ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ହେଲେ ସଚିବ ଶ୍ରାବଣୀ ପଟ୍ଟନାୟକ ରେରା ଅଧକ୍ଷଙ୍କୁ ତିଳେ ହେଲେ ଖାତିର କରୁ ନ ଥିବା ଅଭିଯୋଗ ହୋଇଛି। ଏପରି କି ତାଙ୍କ କଥା ନ ମାନିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରାବଣୀ ରେରା କର୍ମଚାରୀଙ୍କୁ ଧମକାଉଛନ୍ତି। ସେ ଦୀର୍ଘ ୫ ବର୍ଷ ଧରି ରେରାରେ ରହିଲେଣି। ସରକାରୀ କାର୍ଯ୍ୟରେ ବିଶୃଙ୍ଖଳା ଆଚରଣ କରିବା ସହିତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରୁଛନ୍ତି। ତାଙ୍କୁ ବଦଳି କରିବା ପାଇଁ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ସରକାରଙ୍କୁ ଜାନୁଆରୀ ୨୨ରେ ପତ୍ର ଲେଖିଥିଲେ। ହେଲେ ତାଙ୍କୁ ଏଠାରେ ସ୍ଥାୟୀ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ମୁଖ୍ୟଶାସନ ସଚିବଙ୍କୁ ରେରା ଅଧକ୍ଷ ପତ୍ର ଲେଖି ଜଣାଇଛନ୍ତି। ଅନ୍ୟପକ୍ଷରେ ସଚିବ ଶ୍ରାବଣୀ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କୁ ପତ୍ର ଲେଖି ଅଧକ୍ଷଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ବିଭାଗୀୟ ସଚିବ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ସେ ଅନୁରୋଧ କରିଛନ୍ତି। ଦୀର୍ଘଦିନ ଧରି 'ରେରା'ରେ ଏହିଭଳି ଭାବେ ଅସନ୍ତୋଷ ବାତାବରଣ ଲାଗି ରହିଥିବାରୁ ତଳସ୍ତରର କର୍ମଚାରୀମାନେ ଏବେ କାହା ଆଦେଶ ମାନିବେ ଜାଣିପାରୁ ନାହାନ୍ତି। ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସବୁଠାରୁ ବଡ଼କଥା ହେଲା, ବିଲ୍ଡର ଓ ଗୃହ କ୍ରେତାମାନଙ୍କ କାର୍ଯ୍ୟ ଏହାଦ୍ୱାରା ବିଶେଷ ଭାବେ ପ୍ରଭାବିତ ହେଉଛି। ସରକାର ଯଥାଶୀଘ୍ର ଏ ବାବଦରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏ ସଂକ୍ରାନ୍ତରେ 'ରେରା' ସଚିବ ଶ୍ରାବଣୀ ପଟ୍ଟନାୟକଙ୍କୁ ଯୋଗାଯୋଗ କରାଯିବାରେ ସେ କହିଛନ୍ତି, 'ଏନେଇ ମୁଁ ସଚିବଙ୍କୁ ପତ୍ର ଲେଖି ଜଣାଇଛି। ହେଲେ ଏହା ଅଫିସିଆଲ କଥା, ବିଶେଷ କିଛି କହିପାରିବି ନାହିଁ।' ଅଧକ୍ଷ ଗୋପାଳ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି, 'ସେମିତି କିଛି ନୁହେଁ, ଏନେଇ ଗଣମାଧ୍ୟମକୁ କିଛି କହିପାରିବି ନାହିଁ।' ଅନ୍ୟପକ୍ଷରେ ସାମାଜିକ କର୍ମୀ ବିମଳେନ୍ଦୁ ପ୍ରଧାନ କହିଛନ୍ତି, କାର୍ଯ୍ୟାଳୟରେ ସୁସ୍ଥ ବାତାବରଣ ଅଭାବରୁ ନୂତନ ଆବାସ ପ୍ରକଳ୍ପର ପଞ୍ଜୀକରଣ କାର୍ଯ୍ୟ ହୋଇପାରୁନାହିଁ। 'ରେରା' ପକ୍ଷରୁ ବିଭିନ୍ନ ପ୍ରକଳ୍ପରେ ଫୋରେନ୍‌ସିକ ଅଡିଟ୍ ପାଇଁ ନିଷ୍ପତ୍ତି ନିଆଯାଇଥିଲେ ହେଁ ତାହା ହେଉନାହିଁ। ଫଳରେ ଉପଭୋକ୍ତା ଓ ବିଲ୍‌ଡରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଆଜି ଝଡ଼ବର୍ଷା ପାଇଁ ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର,୧୫।୪ (ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ଜାରି ରହିଥିବାବେଳେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଝଡ଼ବର୍ଷାର ପ୍ରଭାବ ରହିବ। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ନୟାଗଡ଼, ଗଜପତି, ଗଞ୍ଜାମ ଓ କୋରାପୁଟ ଆଦି ଜିଲାକୁ ଝଡ଼ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାରେ ଘଡ଼ଘଡ଼ି ଓ ବିଜୁଳି ଭୟ ରହିଥିବାବେଳେ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ବୌଦ୍ଧ, ରାୟଗଡ଼ା, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଓ ଢେଙ୍କାନାଳ ଜିଲାରେ ମଧ୍ୟ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀର ସମ୍ଭାବନା ଥିବାରୁ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ସୀମାନ୍ତରେ ରାସ୍ତା ନିର୍ମାଣ କରି ପଶ୍ଚିମବଙ୍ଗଙ୍କୁ କଡ଼ା ଜବାବ


ବିଧାୟକ ଗୌତମବୁଦ୍ଧ ଦାସ ରାସ୍ତା ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।


ଜେସିବି ଲଗାଇ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି।

## ଓଡ଼ିଶାର ୪୦ ମିଟର ରାସ୍ତାକୁ ଜେସିବି ଲଗାଇ ତାଡୁଥିଲେ ପଡ଼ୋଶୀ ରାଜ୍ୟ ଅଧିକାରୀ

ଭୋଗରାଇ,୧୫।୪(ପ୍ରଦୀପ ଦାସ)

ଓଡ଼ିଶାର ଇଞ୍ଚେ ମାଟି ପଶ୍ଚିମବଙ୍ଗକୁ ଦେବୁ ନାହିଁ। ଆମର ଧୈର୍ଯ୍ୟକୁ ଦୁର୍ବଳ ବୋଲି ଭାବିଲେ ଆମେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବୁ। ମା', ମାଟି ଓ ମାତୃଭାଷାର ସୁରକ୍ଷା ଲାଗି ସୀମାନ୍ତବାସୀ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆହ୍ୱାନ ଦେଇଥିଲେ। ପରୋକ୍ଷରେ ପଶ୍ଚିମବଙ୍ଗ ରାଜସ୍ୱ ଓ ପ୍ରଶାସନିକ ଅଧିକାରୀଙ୍କୁ ସେ ମଙ୍ଗଳବାର କଡ଼ା ବାର୍ତ୍ତା ଦେଇଛନ୍ତି। ବିଧାୟକ ନିଜସ୍ୱ ପାଣ୍ଠିରୁ ଶଗଡ଼ାସାହି ରାସ୍ତା ନିର୍ମାଣ ନିମନ୍ତେ ୨୨ଲକ୍ଷ ଟଙ୍କା ଅନୁଦାନ ଦେବା ସହ ମଙ୍ଗଳବାର କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଜିଲା ପରିଷଦ ସଦସ୍ୟା କବିତା ମହାନ୍ତି, ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନ ଓ ଗ୍ରାମବାସୀଙ୍କ ସହଯୋଗରେ ରାସ୍ତାର ଭିତ୍ତିପ୍ରସ୍ତର ଶୁଭାରମ୍ଭ କରିଛନ୍ତି। ଉକ୍ତ କାର୍ଯ୍ୟ ଗ୍ରାମବାସୀଙ୍କ ସହଯୋଗରେ ଯୁଦ୍ଧକାଳୀନ ଭିତ୍ତିରେ କରାଯିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ପରାମର୍ଶ ଦେଇ ପଶ୍ଚିମବଙ୍ଗ ପ୍ରଶାସନକୁ ଶିକ୍ଷା ଦେଇଛନ୍ତି।

ସୂଚନାନୁଯାୟୀ, ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କମର୍ଦ୍ଧା ସୀମାନ୍ତ ଗାଁ ଶଗଡ଼ାସାହିକୁ ନିକଟରେ ପଶ୍ଚିମବଙ୍ଗ ରାଜସ୍ୱ ଓ ପ୍ରଶାସନ ବିଭାଗ ମିଳିତ ଭାବେ ଓଡ଼ିଶା ସୀମାକୁ ଧସେଇ ପଶି ଜେସିବି ସାହାଯ୍ୟରେ ଓଡ଼ିଶାର ୪୦ ମିଟର ରାସ୍ତାକୁ ଜବରଦସ୍ତି ତାଡି ଏକ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ କରୁଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସେଠାରେ ୨ ରାଜ୍ୟର ସୀମାନ୍ତବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଧାୟକ ଦାସ ଜାଣିବା ପରେ ଭୋଗରାଇ ତହସିଲଦାର, କମର୍ଦ୍ଧା ଥାନା ପୋଲିସ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପଶ୍ଚିମବଙ୍ଗର ବେଆଇନ କାର୍ଯ୍ୟକୁ ବନ୍ଦ କରାଇଥିଲେ। ଖୁବ୍‌ଶୀଘ୍ର ସେଠାରେ ଓଡ଼ିଶା ପକ୍ଷରୁ କାର୍ଯ୍ୟାରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବିସ୍ଫୋରକ ସହ ୭ ମାଓବାଦୀ ଗିରଫ

ମାଲକାନଗିରି,୧୫।୪ (ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀ ବିରୋଧୀ ଅଭିଯାନକୁ ଜୋର୍‌ଦାର କରାଯାଇଛି। ଭୈରମଗଡ଼ ପୋଲିସ ଏବଂ ଡିଆର୍‌ଜି ଯବାନମାନେ ମିଳିତ ଭାବେ କୋଲନାର ଓ ଡାଲେର ଅଞ୍ଚଳ ଅଭିମୁଖେ ଏରିଆ ଡୋମିନେଶନ ପାଇଁ ମଙ୍ଗଳବାର ବାହାରିଥିଲେ। ଡିଆର୍‌ଜି, ଭୈରମଗଡ଼ ଏବଂ ମିରତୁର ପୋଲିସ, ଛତିଶଗଡ଼ ସଶସ୍ତ୍ର ବାହିନୀ ୧୫/ଇ ବାଟାଲିୟନ ଦ୍ୱାରା କରାଯାଇଥିବା ପୃଥକ୍ ଅପରେଶନରେ ବିସ୍ଫୋରକ ସହ ୭ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଟିଫିନ୍ ବୋମା, କୋର୍ଡେକ୍ସ ତାର, ଜିଲୋଟିନ୍ ଷ୍ଟିକ୍, ଡିଟୋନେଟର, ବ୍ୟାଟେରି, ବିଦ୍ୟୁତ୍ ତାର ଏବଂ ଭୂମି ଖୋଳିବା ଉପକରଣ ଆଦି ଜବତ କରାଯାଇଛି।

# ବାରିପଦାରେ ହେବ ଜାତୀୟ ପିଏମ୍ ବିଶ୍ୱକର୍ମା କର୍ମଶାଳା

## ଯୋଗଦେବେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ବାରିପଦା,୧୫।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଏସ୍‌ସି-ଏସଟି ହବ ଓ ପିଏମ୍ ବିଶ୍ୱକର୍ମାର ଦିନିକିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଲଘୁ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ବିଭାଗ କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାଝୀ, ରାଜ୍ୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଉକ୍ତ ବିଭାଗର କେନ୍ଦ୍ର ଓ ରାଜ୍ୟ ସଚିବମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ହସ୍ତଶିଳ୍ପୀମାନଙ୍କ କୌଳିକ ବୃତ୍ତିକୁ ନେଇ ପ୍ରସ୍ତୁତ ଦ୍ରବ୍ୟକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ବିଚାରପତି ସଙ୍ଗମ କୁମାର ସାହୁ ଓଲ୍‌ସା ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ୍



କଟକ,୧୫।୪(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁଙ୍କୁ ଓଡ଼ିଶା ରାଜ୍ୟ ଲିଗାଲ ସର୍ଭିସ ଅଥରିଟି (ଓଲ୍‌ସା)ର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଭାବେ ରାଜ୍ୟପାଳ ମନୋନୀତ କରିଛନ୍ତି। ରାଜ୍ୟ ଆଇନ ବିଭାଗ ପକ୍ଷରୁ ଏନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଓଲ୍‌ସାର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ୍ ଭାବେ ହାଇକୋର୍ଟ ବିଚାରପତି ଅରିନ୍ଦମ ସିହ୍ନା କାର୍ଯ୍ୟ କରୁଥିଲେ। ହେଲେ ସିହ୍ନା ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି ହେବା ପରେ ଉକ୍ତ ଦାୟିତ୍ୱ ବିଚାରପତି ସାହୁଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସୈନିକ ସ୍କୁଲ ସାମ୍ନାରୁ ଡମ୍ପିୟାର୍ଡ ହଟାଇବା ଦାବିରେ ସିପିଆଇର ବିକ୍ଷୋଭ, ସ୍ଥାନ: ସୈନିକ ସ୍କୁଲ ଗୋଟ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କଲେଜ ଅଫ ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିସ୍‌ର ହୀରକ ଜୟନ୍ତୀ ସମାରୋହ, ସ୍ଥାନ: ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ମୃତି ସାନ୍ତ୍ୱନା ପତ୍ରିକାର ଚତୁର୍ଦ୍ଦଶତମ ବିଷୁବ ମିଳନ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।
- ୪୮ତମ ବୈଶାଖୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ଉତ୍କଳ ବିପନ୍ନ ସହାୟତା ସମିତିର ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ପିଏମ୍‌ଶ୍ରୀ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ନୂଆପାଟଣା, ଟିଗିରିଆ, ସମୟ: ସକାଳ ୭ଟା।
- ପିଏମ୍‌ଶ୍ରୀ ଓଟିଏମ୍ ହାଇସ୍କୁଲର ବାର୍ଷିକ ଉତ୍ସବ 'ଆନନ୍ଦିକା ୨୦୨୫', ସ୍ଥାନ–ଚୌଦ୍ୱାରସ୍ଥିତ ଓଟିଏମ୍ ହାଇସ୍କୁଲ ପରିସର, ସମୟ– ଅପରାହ୍ନ ୫ଟା।

**ପୁରୀ**
- ପ୍ରକଳ୍ପସ୍ତରୀୟ ଅଙ୍ଗନୱାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର, ସ୍ଥାନ: ପେଣ୍ଠପଡ଼ା ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସର, ସତ୍ୟବାଦୀ ବ୍ଲକ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଭଗବତ ମେଳଣ, ସ୍ଥାନ: ପାର୍ବତୀପୁର ମେଳଣପଡ଼ିଆ, ସମୟ: ରାତି ୧୨ଟା।

**ବାଲେଶ୍ୱର**
- ମା' ପରମ ବୈଷ୍ଣବାଣୀଙ୍କର ବାର୍ଷିକ ଉତ୍ସବ ଓ ହରିହାଟ, ସ୍ଥାନ: ରାଣୀପାଟଣା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମାଗୁରଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ମାଗୁରଗଡ଼ିଆ, ସିମୁଳିଆ, ସମୟ: ଦିବସବ୍ୟାପୀ।
- ପଞ୍ଚମ ବାର୍ଷିକ ସଙ୍କଟମୋଚନ ପୂଜା ଉତ୍ସବ, ସ୍ଥାନ: ଅବଖୁଣା–ବୁଢ଼ିପୋଖରୀ, ସିମୁଳିଆ, ସମୟ: ଦିବସବ୍ୟାପୀ।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ସପ୍ତମ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଅନନ୍ତପୁର ମଣ୍ଡପ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଜଗନ୍ନାଥପ୍ରସାଦ କହ୍ନୁଣିଆସାହି, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ସ୍କୁଲ ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ରହଣିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ନବଜୀବନ ଫାଉଣ୍ଡେଶନର ବାର୍ଷିକ ରାଜ୍ୟସ୍ତରୀୟ ସମାରୋହ–୨୦୨୫, ସ୍ଥାନ: ଖଡ଼ିପଦା, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଚଇତି ପର୍ବ, ସ୍ଥାନ: ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା।
- ନାମ ସଂକୀର୍ତ୍ତନ ଓ ହରିକଥା ପରିବେଷଣ, ସ୍ଥାନ: ବାଲିମେଦ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- କବି ସମ୍ମିଳନୀ, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ:ସନ୍ଧ୍ୟା ୭ଟା ୩୦।

**ମୟୂରଭଞ୍ଜ**
- ସିଏମ୍ ଟ୍ରଫି–୨୦୨୫ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶାନ୍ତିନିକେତନ ଟିମ୍ ସହିତ ନବଜ୍ୟୋତି ଯୁବକ ଟିମ୍‌ର ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଜାତୀୟ ପିଏମ୍ କର୍ମଶାଳାରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ତକତପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଏମ୍ ଟ୍ରଫି–୨୦୨୫ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଫ୍ୟୁଚର ଷ୍ଟାର ସହିତ ଇଣ୍ଡିପେଣ୍ଡେଣ୍ଟ ଟିମ୍‌ର ମ୍ୟାଚ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୪ଟା।
- ହନୁମାନ ମନ୍ଦିରର ୨୫ତମ ବାର୍ଷିକ ଉତ୍ସବ, କଳସ ଶୋଭାଯାତ୍ରା,ସ୍ଥାନ: ଉଦଳା ହାଇସ୍କୁଲ ଛକ,ସମୟ: ଅପରାହ୍ନ ୫ଟା ୩୦।
- ବଳାଙ୍ଗୀ ମହୋତ୍ସବ, ସ୍ଥାନ: ବୁଢ଼ାରାଉଳ ମଠ ସନ୍ନିକଟ, ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ଚୈତ୍ର ପର୍ବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ନାଟ୍ୟ ମହୋତ୍ସବର ନାଟକ 'ଜୀବନ ଜଳୁଛି', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ:ସନ୍ଧ୍ୟା ୭ଟା।
- ଚଇତି ପର୍ବର ତୃତୀୟ ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମାଣିଦା ଖେଳ ପଡ଼ିଆ, ରାସଗୋବିନ୍ଦପୁର, ସମୟ: ସନ୍ଧ୍ୟା ୭ଟା।

**ଗଞ୍ଜାମ**
- ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ, ସ୍ଥାନ: ଆସିକା ବ୍ଲକ ଗଙ୍ଗାପୁର ନିକଟସ୍ଥ ଚନ୍ଦ୍ରକକ୍ଳେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।

**ଢେଙ୍କାନାଳ**
- ବାର୍ଷିକ କ୍ରୀଡ଼ା ଦିବସ ପାଳନ, ସ୍ଥାନ: ପିଏମଶ୍ରୀ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ, କାମାକ୍ଷାନଗର, ସମୟ: ସକାଳ ୯ଟା।

**କେନ୍ଦ୍ରାପଡ଼ା**
- ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସକାଳ ୬ଟା।
- ଶ୍ରୀମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଚବଳସାହି, ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା।
- ମା' ନଉଲକୁମାରୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ: ସକାଳ ୮ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ଗିରିୟା, ରାଜକନିକା, ସମୟ: ସକାଳ ୯ଟା।
- ମେଡିକାଲ କଲେଜ ଦାବିରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୧୦ଟା।

**ନୟାଗଡ଼**
- ଅଷ୍ଟ ପ୍ରହର ଓ ନାମଯଜ୍ଞ, ସ୍ଥାନ: କଣ୍ଟିଲୋ ହରି ସୁବୁଦ୍ଧିପାଟଣାର ମଙ୍ଗଳାଙ୍କ ପୀଠ, ସମୟ: ସକାଳ ୮ଟା।
- ଚଇତି ପର୍ବର ୫ମ ଦିବସ, ସ୍ଥାନ: କଣ୍ଟିଲୋ ଅତିବୁଦ୍ଧିପାଟଣା, ସମୟ: ମଧ୍ୟାହ୍ନ ୧୨ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବର ୫ମ ଦିବସ, ସ୍ଥାନ: କଣ୍ଟିଲୋ ଫକିର ଅତବୁଦ୍ଧିପାଟଣା, ସମୟ: ମଧ୍ୟାହ୍ନ ୧୨ଟା।
- ଚଇତି ପର୍ବର ୫ମ ଦିବସ, ସ୍ଥାନ: କଣ୍ଟିଲୋ କଂସାରିସାହିପାଟଣା, ସମୟ: ମଧ୍ୟାହ୍ନ ୧୨ଟା।
- ପଣା ସଂକ୍ରାନ୍ତି ଯାତ୍ରାର ୩ୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷିଣକାଳୀଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଏକାଦଶ ଦିବସରେ ସୀତା ହରଣ, ବେଢ଼ା ପରିକ୍ରମା, ପଞ୍ଚବଟି ପ୍ରବେଶ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଏକାଦଶ ଦିବସରେ ଅଭିଷେକ ବେଶ, ସ୍ଥାନ: ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ହନୁମାନ ଜୟନ୍ତୀର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବଡ଼ବାଣପୁର, ସମୟ: ସନ୍ଧ୍ୟା ୬ଟା।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ଶ୍ରୀରାମ ବନବାସ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡିଲାଗୁଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରପୁର, ସମୟ: ସକାଳ ୯ଟା ୩୦।
- ୮୦ ତମ ଜିଲା ପରିଷଦ ବୈଠକ, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ବିକ୍ରମପୁର, ଗୁଣପୁର, ସମୟ: ଅପରାହ୍ନ ୪ଟା।

**ନବରଙ୍ଗପୁର**
- ଅଗ୍ନିଶମ ସେବା ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଶ୍ରୀପଣ୍ଡିତ ମହାସଭାର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା।
- ବିଦ୍ୟାସାଗର ଜ୍ଞାନ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ : ଧୁରା ରାମଚଣ୍ଡି ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।
- ରାମଲୀଳା ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

**ରାଉରକେଲା**
- ମ୍ୟୁନିସିପାଲ କଲେଜରେ ବିଦାୟକାଳୀନ ସମାରୋହ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟରେ ଓଡ଼ିଆ ନବବର୍ଷ ଓ ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ସେକ୍ଟର–୨, ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତିକ ଦୁର୍ଗାପୂଜାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର–୩, ଅହିରାବନ୍ଧ ପଡିଆ, ସମୟ: ଅପରାହ୍ନ ୪ଟା।

**ବରଗଡ଼**
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ସମାରୋହ,ସ୍ଥାନ: ଢୁଙ୍ଗୁରିପାଲି, ବରଗଡ଼, ସମୟ:ସକାଳ ୮ଟା।
- ଶାନ୍ତି ତପୋବନ ଆଶ୍ରମର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତପୋବନ ଆଶ୍ରମ ପରିସର, ବରଗଡ଼, ସମୟ: ସକାଳ ୮ଟା

**କଳାହାଣ୍ଡି**
- ଜିଲାସ୍ତରୀୟ ମହିଳା କ୍ରିକେଟ ଦଳ ଚୟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୯ଟା।
- ଅଭିଭାବକ ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ବିକାଶ ଡିଗ୍ରୀ କଲେଜ, ସମୟ: ଅପରାହ୍ନ ୪ଟା।
- ଷୋହଳପ୍ରହର ନାମଯଜ୍ଞ ସମାପନ, ସ୍ଥାନ: ଲାଞ୍ଜିଗଡ ସାପ୍ତାହିକ ବଜାର୍ ପରିସର, ସମୟ: ସକାଳ ୭ଟା ୨୫।

**ବୌଦ୍ଧ**
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଏକାଦଶ ଦିବସ ନାଟକ କୁମ୍ଭକର୍ଣ୍ଣ ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଏକାଦଶ ଦିବସ ନାଟକ ଲକ୍ଷ୍ମଣ ଶକ୍ତିଭେଦ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ମାରୁତି ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ସର୍ବଦେବାଦେବୀ ପୂଜା, ସ୍ଥାନ: ସୋନପୁର ସହର ପଟାଭାଡି ସ୍ଥିତ ମାରୁତି ନଗର, ସମୟ: ସକାଳ ୭ଟା।
- ଡ. ଆମ୍ବେଡକରଙ୍କ ଜୟନ୍ତୀ ପାଳନ ସମାରୋହ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ଭୀମଟିକିରା ଆମ୍ବେଡକର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

**ନୂଆପଡ଼ା**
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡିଆଳ ବ୍ଲକ ପଦ୍ମପୁର ଗାଁ, ସମୟ: ସକାଳ ୮ଟା ୧୫।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଢକସର ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ ଧର୍ମସଭା, ସ୍ଥାନ: ଖଡିଆଳ ବ୍ଲକ ଢକସର ଗାଁ, ସମୟ: ଅପରାହ୍ନ ୪ଟା।

**ଝାରସୁଗୁଡ଼ା**
- ୧୬ ପ୍ରହର ନାମଯଜ୍ଞ, ସ୍ଥାନ: ପଞ୍ଚଗାଁ ଯଜ୍ଞମଣ୍ଡପ, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ତିଲେଇ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ରୁଦ୍ରାଭିଷେକ ଓ ଯଜ୍ଞ, ସ୍ଥାନ: କେଞ୍ଜୁରୀ ଶିବ ମନ୍ଦିର, ସମୟ: ସକାଳ ୮ଟା।
- ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ଯାମପାଲି କମ୍ୟୁନିଟି ହଲ, ସମୟ: ସକାଳ ୮ଟା।

# ମହିଳାଙ୍କୁ ଜମି ଦେବା ନାଁରେ ଠକେଇ

## ଟଙ୍କା ମାଗିବାରୁ ବଳାତ୍କାର, ନଗ୍ନ ଭିଡିଓ ଉତ୍ତୋଳନ, ବ୍ଲାକମେଲିଂ ଅଭିଯୋଗ

**ରାଜନଗର,୧୫।୪(ଭାସ୍କର ରାଉତରାୟ)**

ବିଧବା ମହିଳାଙ୍କୁ ଜମି ଦେବାକୁ କହି ଜଣେ ବ୍ୟକ୍ତି ଟଙ୍କା ନେଇ କବଲା ନ କରିବାରୁ ସେ ଟଙ୍କା ମାଗିଥିଲେ। ହେଲେ ବ୍ୟକ୍ତି ଜଣକ ଟଙ୍କା ନ ଫେରାଇ ମହିଳାଙ୍କୁ ଘରେ ପଶି ବଳାତ୍କାର କରିବା ଓ ବଳାତ୍କାରର ନଗ୍ନଚିତ୍ର ଉତ୍ତୋଳନ କରି ବ୍ଲାକମେଲିଂ କରୁଥିବା ନେଇ ରାଜନଗର ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇବା ପରେ ମହିଳାଙ୍କୁ ଡାକି ପଚରାଉଚରା କରୁଥିବା ଆଇଆଇସି ନରେଶ କୁମାର ସାହୁ କହିଛନ୍ତି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନାହିଁ।

ରାଜନଗର ଥାନାରେ ହୋଇଥିବା ଅଭିଯୋଗ ମୁତାବକ, ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ରାଜନଗର ଥାନା ଅଞ୍ଚଳରେ ଘର ଭଡ଼ା ନେଇ ୫ ବର୍ଷ ହେଲା ରହୁଛନ୍ତି। ୨ ବର୍ଷ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ୨ ଜଣ ଓ ଆଦର୍ଶ ଥାନା ଅଞ୍ଚଳର ଜଣେ ମିଶି ଉକ୍ତ ମହିଳାଙ୍କ ଘରେ ପହଞ୍ଚି ଏକ ସଂଘର ନେତା ବୋଲି ପରିଚୟ ଦେଇ କମ ମୂଲ୍ୟରେ ଜମି କରାଇ ଦେବେ ବୋଲି କହିଥିଲେ। ବାରମ୍ବାର ମନା କରିବା ସତ୍ତ୍ୱେ ସେମାନେ ମହିଳାଙ୍କୁ ମିଥ୍ୟା ପ୍ରଲୋଭନ ଦେଇ କମ ମୂଲ୍ୟରେ ଜମି ବିକ୍ରି କରିବେ ବୋଲି କହି ୨୦୨୨ ମାର୍ଚ୍ଚରେ ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ୨ଜଣ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ନେଇଥିଲେ। ଏହାର ମାସେ ପରେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଅନ୍ୟଜଣଙ୍କ ମାଧ୍ୟମରେ ଆଉ ୨୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବାର ବହୁତ ଦିନ ପରେ ମହିଳା ଜଣକ ଉକ୍ତ ବ୍ୟକ୍ତିଙ୍କୁ କେବେ ଜମି ରେଜିଷ୍ଟ୍ରି ହେବ ବୋଲି ପଚାରିବାରୁ ସେ କିଛି ସମୟ ମାଗିଥିଲେ। ବାରମ୍ବାର ସମୟ ଗଡାଇବା ପରେ ସେମାନେ ୧ ଲକ୍ଷ ୫୦ ହଜାର ଟଙ୍କାର ଏକ ଚେକ୍ ଦେଇଥିଲେ। ଡିସେମ୍ବର ୨୦୨୪ରେ ମହିଳା ଜଣକ ଘରେ ଏକା ଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଜବରଦସ୍ତି ପ୍ରବେଶ କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ସଂଘର ଆମେ ନେତା, କୋଉ ପୋଲିସ କି କୋର୍ଟ କିଛି କରିପାରିବ ନାହିଁ, ଏହା କହି ମହିଳାଙ୍କ ଚୁଟି ଧରି ବେଡ୍ ରୁମ ଭିତରକୁ ଘୋଷାଡି ନେଇଗଲେ। ସେ ଚିତ୍କାର କରିବାରୁ ସେମାନଙ୍କ ମଧ୍ୟରୁ ଜଣେ ପାଟିକୁ ଜାବୁଡ଼ି ଧରିଥିଲେ। ଅନ୍ୟ ଜଣେ ମହିଳାଙ୍କୁ ବଳାତ୍କାର କରିବା ବେଳେ ସାଙ୍ଗରେ ଥିବା ଅନ୍ୟ ବ୍ୟକ୍ତି ନଗ୍ନ ଭିଡିଓ ଉତ୍ତୋଳନ କରିଥିଲେ। ବଳାତ୍କାର ଓ ନଗ୍ନ ଭିଡିଓ ଉତ୍ତୋଳନ ପରେ ଆମକୁ ଆଉ ଟଙ୍କା ମାଗିଲେ ଏହାକୁ ଭାଇରାଲ କରିବା ସହ ପୁଅକୁ ହତ୍ୟା କରିଦେବୁ ବୋଲି ଧମକ ଦେବା ସହ ସେମାନେ ଦେଇଥିବା ବ୍ୟାଙ୍କ ଚେକ୍‌କୁ ଜୋରଜବରଦସ୍ତି ନେଇଯାଇଥିବା ନେଇ ମହିଳା ଜଣକ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ ବ୍ଲାକ୍‌ମେଲିଂ କରି ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିବାରୁ ସେ ଲିଖିତ ଅଭିଯୋଗ କରିଛନ୍ତି।

# ମନେପଡ଼ିଲେ ଦେହ ଥରୁଛି

**୧୯୭୮ ଏପ୍ରିଲ ୧୬ ଘୂର୍ଣ୍ଣିଝଡ଼ ବିଭୀଷିକା**

**ଆନନ୍ଦପୁର,୧୫।୪ (ସୁଶାନ୍ତ କୁମାର ସାହୁ)**


ଘୂର୍ଣ୍ଣିଝଡ଼ ବିଭୀଷିକା ସମୟର ଦୃଶ୍ୟ। (୧୯୭୮ର ଫଟୋ)

ସେଦିନ ଥିଲା ଏପ୍ରିଲ ୧୬। ଅପରାହ୍ନ ସମୟରେ ହଠାତ୍ କଳାବାଦଲ ଆକାଶରେ ଘୋଟିଆସିଥିଲା। କେହି କିଛି ବୁଝିବା ପୂର୍ବରୁ ଚାହୁଁ ଚାହୁଁ ପ୍ରଳୟଙ୍କାରୀ ଘୂର୍ଣ୍ଣିଝଡ଼ର ରୂପନେଇ ସବୁକିଛି ଛାରଖାର କରିଦେଇଥିଲା। ଘୂର୍ଣ୍ଣିଝଡ଼ ଏତେ ଭୟଙ୍କର ଥିଲା ଯେ, ଘଟଣାରେ ୧୭୮ ଜଣଙ୍କ ଜୀବନ ଯାଇଥିଲା। ନିମିଷକ ମଧ୍ୟରେ ସବୁ କିଛି ଉଜାଡ଼ି ଦେଇଥିଲା। ଏହାରି ମଧ୍ୟରେ ଏହାକୁ ୪୭ ବର୍ଷ ବିତିଯାଇଛି। ମାତ୍ର ଆଜି ବି ମେଘ ଉଠାଇଲେ ଗ୍ରାମବାସୀ ଭୟରେ ଥରୁଥିବା କହୁଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ପୁରୁଣାବାନ୍ଧଗୋଡ଼ା ଗାଁରେ ୧୯୭୮ ଏପ୍ରିଲ ୧୬ ଅପରାହ୍ନ ୪ଟାରେ ଘୂର୍ଣ୍ଣିଝଡ଼ ହୋଇଥିଲା। ପ୍ରଥମେ ଆକାଶରେ କଳାବାଦଲ ଘୋଟିଆସିଲା। କ୍ରମଶଃ ଏହା ଘନୀଭୂତ ହୋଇ ଘୂର୍ଣ୍ଣିଝଡ଼ର ରୂପ ନେଲା। ନିମିଷକ ମଧ୍ୟରେ ପ୍ରଳୟଙ୍କରୀ ରୂପ ଧାରଣ କରି ଗଛ, ଗୋରୁ ଓ ମଣିଷଙ୍କୁ ଆକାଶକୁ ଉଡ଼ାଇନେଲା। ଗାଁର ୧୨୦ଟି ଘର ଦେଖୁଦେଖୁ ମାଟିରେ ମିଶିଗଲା। କ୍ଷଣିକ ମଧ୍ୟରେ ୧୭୮ ଲୋକଙ୍କ ସହ ୭ ଶହ ଗୃହପାଳିତ ପଶୁଙ୍କ ଜୀବନ ଚାଲିଗଲା। ଗାଁ ଏକ ପ୍ରକାର ଶ୍ମଶାନରେ ପରିଣତ ହୋଇଗଲା। କେବଳ ପୁରୁଣାବାନ୍ଧଗୋଡ଼ା ଗ୍ରାମ ନୁହେଁ, ଘୂର୍ଣ୍ଣିଝଡ଼ ନିକଟସ୍ଥ କରଡ଼ାମାଳି, ନର୍ଦ୍ଧା, ଟିଗିରିଆ, ବିଲାବନ୍ଧ ଆଦି ଗାଁରେ ମଧ୍ୟ କ୍ଷତି ଘଟାଇଥିଲା। ଘଟଣା ପରେ ଦେଶ, ବିଦେଶରୁ ସହାୟତାର ସୁଅ ଛୁଟିଥିଲା। ଅକାଳରେ ପ୍ରାଣ ହରାଇଥିବା ଲୋକଙ୍କର ଗାଁମୁଣ୍ଡରେ ସମୂହ ଦାହସଂସ୍କାର କରାଗଲା। ସେହି ସ୍ଥାନରେ ଏକ ସ୍ମୃତିସ୍ତମ୍ଭ ମଧ୍ୟ ସ୍ଥାପିତ ହୋଇଛି। ସେହି ଅବିଶ୍ୱସନୀୟ ଘୂର୍ଣ୍ଣିଝଡ଼ ବିଷୟରେ ଆଜି ବି ଭାବିଲା ବେଳକୁ ଦେହ ଥରି ଉଠୁଥିବା ପ୍ରତ୍ୟକ୍ଷଦର୍ଶୀ ନାରାୟଣ ଚନ୍ଦ୍ର ଧୀର, ପ୍ରଦୀପ କୁମାର ନାଏକ, ନୃସିଂହ ଚରଣ ଧୀର, ସେବତୀ ନାୟକ କହିଛନ୍ତି। ଦୁର୍ଘଟଣା ପରେ ପୁରୁଣାବାନ୍ଧଗୋଡ଼ା ଗାଁରେ ଅନେକ ପରିବର୍ତ୍ତନ ଆସିଛି। କିନ୍ତୁ ଏପ୍ରିଲ ୧୬ ଆସିଲେ ଏବେ ବି ନିଜ ଲୁହକୁ ସମ୍ଭାଳି ପାରନ୍ତିନି ବୋଲି ପ୍ରତ୍ୟକ୍ଷଦର୍ଶୀ ମତପ୍ରକାଶ କରିଛନ୍ତି।

# ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ଜୟପୁର,୧୫।୪(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ଢେପଗୁଡା ଅଞ୍ଚଳରେ ଜଣେ ୧୬ ବର୍ଷର ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଜୟପୁର ଟାଉନ ଥାନା ପୋଲିସ ଗିରଫ କରିବା ସହ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜୟପୁର ଢେପଗୁଡା ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ମାମଲାରେ ଅନ୍ୟ କେତେକ ଯୁବକ ସାମିଲ ଥିବାରୁ ଅଭିଯୁକ୍ତଙ୍କ ନାମ ଗୋପନ ରଖାଯାଇଥିବା ପୋଲିସ କହିଛି। ଅଭିଯୁକ୍ତ ଯୁବକ ନାବାଳିକାଙ୍କୁ ଗତ ୩ ତାରିଖରୁ ଅପହରଣ କରି ନେଇଥିବା ବେଳେ ତାଙ୍କୁ ଆନ୍ଧ୍ରପ୍ରଦେଶକୁ ନେଇ ବଳାତ୍କାର କରିଥିଲେ। ନାବାଳିକା ଅଭିଭାବକଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି। ଉଭୟଙ୍କ ଡାକ୍ତରୀ ମାଇନା ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୧୦ ବର୍ଷ ପରେ ମା' କୋଳକୁ ଫେରିଲା ପୁଅ: ଜେଲ ଗଲେ ବାପା

**ବାଲେଶ୍ୱର, ୧୫।୪(ବାଞ୍ଛାନିଧି ଦେ):**

ଦୀର୍ଘ ୧୦ବର୍ଷ ପରେ ମା' କୋଳକୁ ଫେରିଲା ପୁଅ। ପୁଅକୁ ପାଇ ଭାବବିହ୍ୱଳ ହୋଇପଡ଼ିଲେ ମା'। ବହୁ ସଂଘର୍ଷ ପରେ ସେ ତାଙ୍କ ପୁଅକୁ ଫେରିପାଇଛନ୍ତି। ଆଜି ଧର୍ମର ଜୟ ହୋଇଛି। ପୁଅକୁ ପାଇ ବହୁତ ଖୁସି ଅନୁଭବ କରୁଛନ୍ତି ବୋଲି ମା' ସୀମା ଶତପଥି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ବାଲେଶ୍ୱର ଜିଲା ଗୋପାଳପୁର ଥାନା ଅଧୀନ ପଣ୍ଡାଶୁଣି ଗ୍ରାମର କମଳାକାନ୍ତ ମିଶ୍ର ମୋତିଗଞ୍ଜ ମେଣ୍ଢାଶୂଳ ଅଞ୍ଚଳର ଶରତ କୁମାର ଶତପଥିଙ୍କ କନ୍ୟା ସୀମାଙ୍କୁ ୨୦୦୮ରେ ବିବାହ କରିଥିଲେ। ଯୌତୁକଜନିତ ନିର୍ଯାତନା ଦିଆଯାଉଥିବା ନେଇ ୨୦୧୬ରେ ସୀମା ସ୍ୱାମୀଙ୍କ ବିରୋଧରେ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଥିଲେ। ସେମାନଙ୍କର ଏକ ଶିଶୁପୁତ୍ର ଥିଲା। ସୀମା ଶିଶୁପୁତ୍ର ସହ ନିଜ ବାପଘରକୁ ପଳାଇ ଆସିଥିଲେ। କୌଶଳକ୍ରମେ ସ୍ୱାମୀ କମଳାକାନ୍ତ ୪ବର୍ଷର ପୁଅକୁ ମା'ଠାରୁ ଲୁଚାଇ ନେଇ ଫେରାର ହୋଇଯାଇଥିଲେ। ପୁଅକୁ ଫେରିପାଇବା ଓ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଇବା ପାଇଁ ସୀମା ପରିବାର ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଶିଶୁପୁତ୍ରକୁ ମା'ଙ୍କୁ ହସ୍ତାନ୍ତର କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କମଳାକାନ୍ତ ଫେରାର ଥିବାରୁ ତାଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ବାଲେଶ୍ୱର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଦିଲ୍ଲୀରେ ଚଢ଼ାଉ କରି ୧୪ବର୍ଷର ନାବାଳକ ପୁତ୍ରକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିଲେ। ନାବାଳକ ପୁତ୍ରକୁ ଜିଲା ଶିଶୁ ମଙ୍ଗଳ କମିଟି ହେପାଜତରେ ରଖାଯାଇଥିଲା। ମଙ୍ଗଳବାର ପରିବାର ଅଦାଲତରେ ଗିରଫ ବାପାଙ୍କୁ ହାଜର କରାଯାଇଥିଲା। ଏହି ସମୟରେ ଉଦ୍ଧାର ପୁତ୍ର ସନ୍ତାନଙ୍କ ସହ ଉଭୟ ପକ୍ଷ ପରିବାର ଲୋକେ ସେଠାରେ ଉପସ୍ଥିତ ଥିଲେ।



ଉଦ୍ଧାର ପୁଅକୁ ସିଡବ୍ଲ୍ୟୁସି ଦ୍ୱାରା ମା'କୁ ହସ୍ତାନ୍ତର କରାଯାଉଛି।

ସୀମା ଶତପଥୀଙ୍କ ଓକିଲ ସସ୍ମିତା ମିଶ୍ରଙ୍କ କହିବା ଅନୁସାରେ, ସୀମାଙ୍କୁ ଭରଣପୋଷଣ ଓ ପୁଅକୁ ଫେରି ପାଇବା ଘଟଣାରେ ପରିବାର ଅଦାଲତରେ ଶୁଣାଣି ହୋଇଥିଲା। ପ୍ରଥମେ କମଳାକାନ୍ତଙ୍କ ସ୍ତ୍ରୀ ସୀମାଙ୍କ ପକ୍ଷରୁ କୋର୍ଟରେ ଭରଣପୋଷଣ ପାଇଁ ୬ଲକ୍ଷ ୪୫ହଜାର ଟଙ୍କା ଦାବି କରାଯାଇଥିଲା। ପ୍ରାଥମିକ ସ୍ତରରେ କମଳାକାନ୍ତ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ବାକି ୫ଲକ୍ଷ ୪୫ହଜାର ଟଙ୍କା ପ୍ରଦାନ କରି ନ ଥିଲେ। କୋର୍ଟ କମଳାକାନ୍ତଙ୍କୁ ବାକି ଟଙ୍କା ପ୍ରଦାନ କରିବାକୁ କହିଥିଲେ ହେଁ ସେ ଦେଇପାରିବେ ନାହିଁ ବୋଲି କହିଥିଲେ। ଏକ ଅଣ୍ଡରଟେକିଂ ମାଧ୍ୟମରେ ସିଡବ୍ଲୁସିଙ୍କଠାରୁ ଉଦ୍ଧାର ପୁତ୍ରକୁ ତାଙ୍କ ମା' ସୀମାକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଥିଲେ। କୋର୍ଟଙ୍କ ପୁରୁଣା ନିର୍ଦ୍ଦେଶ ମୁତାବକ ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଓ ଅନିତା କରଙ୍କ ଉପସ୍ଥିତିରେ ଅଣ୍ଡରଟେକିଂ ଦ୍ୱାରା ନାବାଳକ ପୁଅକୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଥିଲା। ନାବାଳକଙ୍କ ଅଜା ଓ ଆଇ ଉପସ୍ଥିତ ଥିଲେ। ଅପରପକ୍ଷରେ କମଳାକାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମଦିଗଟି ଭଲ ରହିଲେ ମଧ୍ୟ ପରିଚାଳନା ସମସ୍ୟାରେ ଚିନ୍ତିତ ହେବେ। ଈର୍ଷାପରାୟଣ ମନୋଭାବ ପୋଷଣକରି ନିଜ ଲୋକ ଅସୁବିଧାରେ ପକାଇବାକୁ ଚେଷ୍ଟା କରିବେ। ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ। ରାଜନୀତି ଏବଂ ସାଙ୍ଗଠନିକ କ୍ଷେତ୍ର ଶୃଙ୍ଖଳିତ ରହିବ।

**ବୃଷ** କର୍ମ କ୍ଷେତ୍ରରେ ଅବହେଳିତ ଏବଂ ଅଟକି ରହିଥିବା କାର୍ଯ୍ୟକୁ ପୂରଣ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିହେବ। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ବନ୍ଧୁ ସମସ୍ୟା ସୃଷ୍ଟି କରିପାରନ୍ତି। ବନ୍ଧୁଙ୍କ ଆହ୍ୱାନରେ ସଭାସମିତିରେ, ରାଜନୈତିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସଂଗୀତ, ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାମ ଅର୍ଜନ କରିବେ।

**ମିଥୁନ** ବିଭିନ୍ନ ସମସ୍ୟା ହେତୁ କର୍ମକ୍ଷେତ୍ରରେ ଅନ୍ୟମନସ୍କ ରହି କାମକୁ ବିଗାଡ଼ି ଦେଇପାରନ୍ତି। ସମ୍ପର୍କୀୟଙ୍କ ସହ ମିଶି କାର୍ଯ୍ୟପନ୍ଥା ସ୍ଥିର କରିପାରନ୍ତି। ଆଜି ଯାନବାହନ ଚାଳନା, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଦୀର୍ଘଦିନର ଅସୁସ୍ଥତା ପରେ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି।

**କର୍କଟ** ସଂଯମତା ଅଭାବରୁ କିମ୍ବା ମତାନ୍ତରରୁ ମନାନ୍ତର ଘଟିବ, ଯାହାର ପରିଣାମ ପରିବାରକୁ ମଧ୍ୟ ଆକ୍ରାନ୍ତ କରିପାରେ। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ପାଇବେ ଏବଂ କାମଟି ତ୍ୱରାନ୍ୱିତ ହେବ। ସନ୍ଦେହଜନକ ପରିସ୍ଥିତିକୁ ଲକ୍ଷ୍ୟ କରି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ସିଂହ** ସମସ୍ୟା ଓ ପ୍ରତିବନ୍ଧକ ଚିର ସହଚର ହେଲେ ମଧ୍ୟ ଆଜିର ପରିସ୍ଥିତି ଭଲ ରହିବ। ଖଳ ଲୋକଙ୍କର ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ସଭାସମିତି, ସାହିତ୍ୟ, ସାମ୍ବାଦିକତା, ନୂତନ କର୍ମାରମ୍ଭ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା** ପାରିବାରିକ କ୍ଷେତ୍ର, ଜମିଜମା ବ୍ୟବସାୟ, ବିଦ୍ୟୁତ, ଇଟାଭାଟି ସମ୍ପର୍କୀୟ କ୍ଷେତ୍ର ବିବାଦୀୟ ରହିବ। ଅଭାବ ରହିଲେ ମଧ୍ୟ ସାହାଯ୍ୟ ପାଇବାରେ ଅସୁବିଧା ହେବ ନାହିଁ। ବୁଦ୍ଧିଜୀବୀ କିମ୍ବା ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହେବେ। ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଅବସ୍ଥାଚକ୍ରରେ ପଡ଼ି ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ବିଜୟ ଲାଭ କରିବେ କିନ୍ତୁ ସମସ୍ୟା ବିଜଡ଼ିତ ରହିବାକୁ ପଡ଼ିବ। ସୁବିଧାବାଦୀ ଚିନ୍ତାଧାରା ସମାଲୋଚନା ପାଇଁ ଖୋରାକି ଯୋଗାଇପାରେ। ବନ୍ଧୁଙ୍କୁ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ତଥାପି ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ।

**ବିଛା** ପ୍ରତ୍ୟେକ ସ୍ତରରେ ଆଲୋଚନା ପରିସରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟକୁ ସନ୍ତୁଷ୍ଟ କରିପାରିବେ। ସ୍ତ୍ରୀଙ୍କ ସହ ମତାନ୍ତର କିମ୍ବା ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିପାରେ। ଦୀର୍ଘ ଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଆକସ୍ମିକ ଭାବରେ ପାଇ ଖୁସି ହେବେ। ଅଟକି ରହିଥିବା ଅର୍ଥ ଜୋର୍ କରି ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ** ନିଜର ଅପରିଣାମଦର୍ଶିତା ହେତୁ ସମସ୍ୟା ସୃଷ୍ଟି ସମ୍ଭାବନା ରହିଛି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ଏକ ନିର୍ଦ୍ଦିଷ୍ଟ ସମାଧାନରେ ଉପନୀତ ହେବେ। ଭଲ ସମ୍ପର୍କ ଥିବା ବନ୍ଧୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି। ଶିଳ୍ପ, ବାଣିଜ୍ୟ, ହୋଟେଲ, ଲେଖକ, ସାମ୍ବାଦିକତା କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମକର** ଯେତେ ପ୍ରକାରର ସୁବିଧା ଥିଲେ ମଧ୍ୟ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ପିଲାଙ୍କ କଳହକୁ କେନ୍ଦ୍ର କରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବୈବାହିକ କର୍ମ ସମ୍ପାଦନା ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**କୁମ୍ଭ** ସ୍ୱାର୍ଥ ସାଧନ ଲାଳସାରେ ନିଜ ଲୋକଟି ଶତ୍ରୁତା କରିବାକୁ ପଛାଇବ ନାହିଁ। ସାଧାରଣ ଘଟଣାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଆକସ୍ମିକ ଭାବରେ ଧାତବଜନିତ ଦ୍ରବ୍ୟ ଲାଭର ଯୋଗ ରହିଛି।

**ମୀନ** ପ୍ରତ୍ୟେକ ଦିଗରୁ ସହଯୋଗ ପାଇ କର୍ମକ୍ଷେତ୍ରରେ ପ୍ରତିଷ୍ଠାବନ୍ତ ହେବେ। ବିବାଦୀୟ ଘଟଣାରେ କିମ୍ବା ଅର୍ଥ ପ୍ରାପ୍ତିରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିବେ। ଆଶା କରିଥିବା ଜିନିଷଟି ଆଜି ପାଇଯିବେ। ନୂଆ ଯୋଜନା, ନୂତନ ବ୍ୟବସାୟ, ଚୁକ୍ତିପତ୍ର, ଜମିଜମା କାରବାର, ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ସଫଳତା ପାଇବେ।

ଆଜି ଏପ୍ରିଲ ୧୬ ତାରିଖ। ବୈଶାଖ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର। ରାଶି ନକ୍ଷତ୍ର ଅନୁରାଧା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୧ମି. ଗତେ ଘ.୦୭.୧୧ମି. ମଧ୍ୟେ, ଘ.୧୦.୧୨ମି. ଗତେ ଘ.୧୧.୨୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୧୧.୪୬ମି. ଗତେ ଘ.୦୧/୨୦ମି. ମଧ୍ୟେ ରାହୁ କାଳ।


# ବାର୍‌ହା ଆକ୍ରମଣରେ ୨ ଗୁରୁତର

ଆନନ୍ଦପୁର,୧୫।୪
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ ପୂର୍ବାହ୍ନ ୧୧ଟା ସମୟରେ ବାର୍‌ହା ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ହେଲେ ତରତରା ଗାଁର ନରେନ୍ଦ୍ର ସାମଲ, ଛତ୍ରକଣା ଗାଁର ଫକିର ଦେହୁରୀ। ଉଭୟଙ୍କୁ ବନ ବିଭାଗ ପକ୍ଷରୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ନରେନ୍ଦ୍ର ତରତରା ଗାଁ ନିକଟ ପଡ଼ିଆରେ ଛେଳି ଚରାଉଥିଲେ। ସେ ସମୟରେ ନରେନ୍ଦ୍ରଙ୍କୁ ଏକ ବାର୍‌ହା ଆକ୍ରମଣ କରିଥିଲା। ନରେନ୍ଦ୍ରଙ୍କୁ ପ୍ରଥମେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାର କିଛି ସମୟ ବ୍ୟବଧାନରେ ଉକ୍ତ ବାର୍‌ହା ନିକଟ ଗାଁ ଛତ୍ରକଣାରେ ପଶି ଫକିରଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲା। ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବାର୍‌ହାଟିକୁ କେହି ତୀର ମାରିଥିବାରୁ ସେ ଗାଁରେ ପଶି ଏପରି ଆକ୍ରମଣ କରୁଥିବା ଆଲୋଚନା ହେଉଛି। ତେବେ ଖବରପାଇ କାଠକଟା ବନବିଭାଗ କର୍ମଚାରୀମାନେ ବାର୍‌ହାକୁ ଧରିବାକୁ ଉଦ୍ୟମ କରିଥିଲେ। ବାର୍‌ହାଟି ଟାଙ୍ଗର ଗ୍ରାମର ଏକ ପୋଖରୀରେ ପଶି ଯାଇଥିଲା। ବନ ବିଭାଗ କର୍ମଚାରୀ ଧରିବାକୁ ଚେଷ୍ଟା କରିଥିବା ବେଳେ ସେଠାରୁ ବାହାରି ପୁରୁଣାଘାଟି ଗ୍ରାମକୁ ପଳାଇଥିବା ଜଣାପଡ଼ିଛି। କାଠକଟା ବନପାଳ ଡମ୍ବରୁଧର ମହାନ୍ତ କହିଛନ୍ତି, ଏ ପର୍ଯ୍ୟନ୍ତ ବାର୍‌ହାକୁ ଧରାଯାଇନାହିଁ। ବନ କର୍ମଚାରୀମାନେ ବାର୍‌ହା ଉପରେ ନଜର ରଖିଛନ୍ତି।


ମେଡ଼ିକାଲ ବେଡ୍‌ରେ ଗୁରୁତର ବୃଦ୍ଧ।


ପୋଖରୀରେ ଥିବା ବାର୍‌ହା


ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା ଓ ଉପବାଚସ୍ପତି ମୋହନ ସିଂ ବିଷ୍ଟ ମଙ୍ଗଳବାର ବିଧାନସଭାରେ ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ‘ନେଭା’ର କାର୍ଯ୍ୟକାରିତାକୁ ଦିଲ୍ଲୀ ବାଚସ୍ପତିଙ୍କ ପ୍ରଶଂସା

ଭୁବନେଶ୍ୱର,୧୫।୪(ରବିନାରାୟଣ ଜେନା)

ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା ଓ ଉପବାଚସ୍ପତି ମୋହନ ସିଂ ବିଷ୍ଟ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ମଙ୍ଗଳବାର ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଓଡ଼ିଶା ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ବିଶେଷ ଭାବେ ଅବଗତ ହେବା ସହିତ ଓଡ଼ିଶା ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେଶନ୍ (ନେଭା) କିଭଳି ବିଧାନସଭା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି ତାହା ଉପରେ ଅବଗତ ହୋଇଥିଲେ। କାଗଜବିହୀନ ବିଧାନସଭା ପରିଚାଳନାରେ ‘ନେଭା’ର ସଫଳ କାର୍ଯ୍ୟକାରିତାକୁ ସେ ପ୍ରଶଂସା କରିଥିଲେ । ଏହି ଅବସରରେ ଦିଲ୍ଲୀ ବିଧାନସଭାର ସଚିବ ରଣଜିତ୍ ସିଂ, ବିତ୍ତ ଅଧିକାରୀ ଗୁରୀନ୍ଦର ସିଂ ଏବଂ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଦୁଇ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ

ବସ୍ତା, ୧୫।୪(ହରିଶଙ୍କର ପାଢ଼ି)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗାନ୍ଧୀ ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୨ଟା ବେଳେ ଏକ ଦୁଃଖଦ ଘଟଣା ଘଟିଛି। ଖେଳୁଥିବା ସମୟରେ ଦୁଇ ସମ୍ପର୍କୀୟ ନାବାଳିକା ଭଉଣୀ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ନାବାଳିକାଦ୍ୱୟ ହେଲେ ଶେଖ୍ ତାଇରୁଦ୍ଦିନ ଏବଂ ଶେଖ ନାଜିମୁଦ୍ଦିନଙ୍କ ଝିଅ। ଉଭୟଙ୍କ ବୟସ ୬ ହେବ। ଦୁହେଁ ଖେଳୁଥିବା ବେଳେ ଘର ପଛ ପଟ ପୋଖରୀକୁ ଯାଇଥିଲେ। ଅସାବଧାନତାରୁ ଉଭୟେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବାରୁ ନାବାଳିକାଦ୍ୱୟ ପାଣିରେ ଭାସୁଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ସେଠାରେ ଉଭୟଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ସମ୍ପର୍କରେ ପୋଲିସ ଦୁଇଟି ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏକାବେଳେ ଦୁଇଜଣଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି।

# ବିଦ୍ୟୁତ୍ ଟାରିଫ୍ ଜନଶୁଣାଣି ୬କୁ ଘୁଞ୍ଚିଲା

ଭୁବନେଶ୍ୱର,୧୫।୪
(ରବିନାରାୟଣ ଜେନା)

ଚଳିତ ଆର୍ଥିକବର୍ଷ ୨୦୨୫-୨୬ ପାଇଁ ଖୁଚୁରା ବିଦ୍ୟୁତ୍ ଟାରିଫ୍ ଧାର୍ଯ୍ୟ ସଂକ୍ରାନ୍ତୀୟ ଜନଶୁଣାଣି ଆସନ୍ତା ମେ’ ୬ ତାରିଖକୁ ଘୁଞ୍ଚିଛି। ଏହି ସମୟ ମଧ୍ୟରେ କୋଇଲା ମୂଲ୍ୟ ନିର୍ଣ୍ଣୟ ଦରଖାସ୍ତକୁ ସାର୍ବଜନୀନ କରିବାପାଇଁ ଓସିପିଏଲ୍‌କୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ପକ୍ଷରୁ କୁହାଯାଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ଚଳିତ ଆର୍ଥିକବର୍ଷ ଲାଗି ଓପିଜିସିର ବିଦ୍ୟୁତ୍ ମୂଲ୍ୟ ନିର୍ଣ୍ଣୟ ପାଇଁ ଦୁଇଟି ଦରଖାସ୍ତ ଓଇଆର୍‌ସିଙ୍କ ନିକଟରେ ଦାଖଲ ହୋଇଥିଲା। ମାତ୍ର ଓଇଆର୍‌ସି କେବଳ ପ୍ରଥମ ପର୍ଯ୍ୟାୟ ୪୨୦ ମେଗାୱାଟ୍ ବିଶିଷ୍ଟ ୟୁନିଟ୍ ପ୍ରଥମ ଓ ଦ୍ୱିତୀୟ ବିଦ୍ୟୁତ୍ ମୂଲ୍ୟ ନିର୍ଣ୍ଣୟ କରି ଖୁଚୁରା ବିଦ୍ୟୁତ୍ ମୂଲ୍ୟକୁ ଅପରିବର୍ତ୍ତିତ ରଖିଥିଲେ। ଆଜି ଦ୍ୱିତୀୟ ପର୍ଯ୍ୟାୟ ୧୩୨୦ ମେଗାୱାଟ୍ ବିଶିଷ୍ଟ ୟୁନିଟ୍ ୩ ଓ ୪ର ବିଦ୍ୟୁତ୍ ମୂଲ୍ୟ ନିର୍ଣ୍ଣୟ ପାଇଁ ଓଇଆର୍‌ସି ଜନଶୁଣାଣି କରିଥିଲେ।

## କୋଇଲା ମୂଲ୍ୟ ନିର୍ଣ୍ଣୟ ଦରଖାସ୍ତକୁ ସାର୍ବଜନୀନ ପାଇଁ ଓସିପିଏଲ୍‌କୁ ଓଇଆର୍‌ସିଙ୍କ ନିର୍ଦ୍ଦେଶ

ଓଇଆର୍‌ସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଓ ଅନ୍ୟ ଦୁଇ ସଭ୍ୟ ଗଜେନ୍ଦ୍ର ମହାପାତ୍ର ଏବଂ ସୁଶାନ୍ତ ରାୟ ମହାପାତ୍ର ପୂର୍ଣ୍ଣ ବେଞ୍ଚରେ ଜନଶୁଣାଣି କରିଥିଲେ। ଏହି ଅବସରରେ ଜନସାଧାରଣଙ୍କ ତରଫରୁ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଥିଲେ, ଓପିଜିସି ବିଦ୍ୟୁତ ମୂଲ୍ୟ ନିର୍ଣ୍ଣୟ ପ୍ରକ୍ରିୟାରେ କୋଇଲା ମୂଲ୍ୟ ଏକ ମୁଖ୍ୟଅଂଶ। ଓପିଜିସି ବିଦ୍ୟୁତ୍ ମୂଲ୍ୟରେ କୋଇଲା ଖର୍ଚ୍ଚର ଅବଦାନ ପ୍ରାୟ ୫୦ ପ୍ରତିଶତ ଥିବାବେଳେ କୋଇଲା ମୂଲ୍ୟ ଏପର୍ଯ୍ୟନ୍ତ ଆୟୋଗ ନିର୍ଣ୍ଣୟ କରିନାହାନ୍ତି। ବିଦ୍ୟୁତ୍ ଉତ୍ପାଦନ ପାଇଁ ଓପିଜିସି ଆବଶ୍ୟକ କରୁଥିବା କୋଇଲା ଏହାକୁ ଆବଣ୍ଟିତ ହୋଇଥିବା ମନୋହରପୁର କୋଇଲା ଖଣିରୁ ମିଳୁଛି, ଯାହାର ପରିଚାଳନା ଦାୟିତ୍ୱ ଓପିଜିସିର ସହଯୋଗୀ ସଂସ୍ଥା ଓଡ଼ିଶା କୋଲ୍ ଏଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ଉପରେ ନ୍ୟସ୍ତ ହୋଇଛି। ଓଇଆର୍‌ସି ଅଧିନିୟମ ଅନୁସାରେ କୋଇଲା ମୂଲ୍ୟ ନିର୍ଣ୍ଣୟ ପାଇଁ ଓସିପିଏଲ୍ ବହୁତ ବିଳମ୍ବରେ ଦରଖାସ୍ତ କରିଥିଲେ ବି ତାହାକୁ ଜନଶୁଣାଣି ମାଧ୍ୟମରେ ନିର୍ଣ୍ଣୟ କରିବା ପାଇଁ ଆୟୋଗ ଅଦ୍ୟାବଧି କୌଣସି ପଦକ୍ଷେପ ନେଇନାହାନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଆୟୋଗ କୋଇଲା ମୂଲ୍ୟ ନିର୍ଣ୍ଣୟ ପାଇଁ ଜନଶୁଣାଣି ପ୍ରକ୍ରିୟା ଅବଲମ୍ବନ କରିବାକୁ ଚାହୁଁ ନାହାନ୍ତି। କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ (ସିଇଆର୍‌ସି) ଉପଭୋକ୍ତାଙ୍କ ନିକଟରେ ଏହାର ଲାଭ ପହଞ୍ଚାଇବା ପାଇଁ ୨୦୧୯ରେ ଏକ ଅଧ୍ୟୟନ ଗୋଷ୍ଠୀ କରିଥିଲେ। ଅଧ୍ୟୟନ ରିପୋର୍ଟ ମିଳିବାପରେ ୨୦୨୧ରେ କୋଇଲା ମୂଲ୍ୟ ନିର୍ଣ୍ଣୟ ଅଧିନିୟମ ଜାରି କଲେ । କିନ୍ତୁ ମନୋହରପୁର କୋଇଲାଖଣିରୁ ୨୦୧୯ରୁ କୋଇଲା ଉତ୍ତୋଳନ ହୋଇ ଓପିଜିସିକୁ ଯୋଗାଣ ହେଉଥିଲେ ବି ରାଜ୍ୟ ଆୟୋଗ କୌଣସି ପଦକ୍ଷେପ ନେଲେନାହିଁ। ଫଳରେ କେନ୍ଦ୍ରୀୟ ତାପଜ ବିଦ୍ୟୁତ୍ ସଂସ୍ଥା ପାଇଁ କୋଇଲା ମୂଲ୍ୟ ଟନ୍ ପିଛା ୯୦୦ ଟଙ୍କା ରହିଥିବାବେଳେ ଓଡ଼ିଶା ଉପଭୋକ୍ତା ଟନ୍ ପିଛା ଦୁଇଗୁଣ ଅର୍ଥାତ୍ ୧୮୦୦ ଟଙ୍କା ଟାରିଫ୍ ମାଧ୍ୟମରେ ପରିଶୋଧ କରୁଛନ୍ତି। ତେଣୁ ମନୋହରପୁର କୋଇଲା ଖଣିର ଲାଭ ୬ ବର୍ଷ ବିତି ଯାଇଥିଲେ ବି ଉପଭୋକ୍ତାଙ୍କ ନିକଟରେ ଆଜି ପର୍ଯ୍ୟନ୍ତ ତାହା ପହଞ୍ଚି ପାରିଲା ନାହିଁ। ତେଣୁ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି କୋଇଲା ମୂଲ୍ୟ ନିର୍ଣ୍ଣୟ ପାଇଁ ଓସିପିଏଲ୍ କରିଥିବା ଆବେଦନଟିକୁ ଏକ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ସାର୍ବଜନୀନ କରିବାକୁ ସେ ଦାବି କରିଥିଲେ।

ଆୟୋଗ ସମସ୍ତଙ୍କ ପକ୍ଷ ଶୁଣିବା ପରେ ଓପିଜିସିର ଜନଶୁଣାଣିକୁ ମେ’ ୬ ତାରିଖକୁ ଘୁଞ୍ଚାଇବା ସହିତ କୋଇଲା ମୂଲ୍ୟ ନିର୍ଣ୍ଣୟ ପାଇଁ ଜନଗଣଙ୍କ ମତାମତ ଏକ ସାଧାରଣ ବିଜ୍ଞପ୍ତି ଜରିଆରେ ଆହ୍ୱାନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ ବୋଲି ଆନନ୍ଦ କହିଛନ୍ତି।

# କେରଳରେ ବସ୍ ଧକ୍କାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ମୋହନା,୧୫।୪ (ମନ୍ମଥ ମିଶ୍ର)

ଗଜପତିରେ ପୁଣି ଦାଦନ ଦୁଃଖ। କେରଳରେ ବସ ଧକ୍କାରେ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମୋହନା ଥାନା ଚନ୍ଦ୍ରଗିରି ଗ୍ରାମ ହରିଜନ ସାହିର ରସାନ୍ତ କୁମାର ମାଳି। ରସାନ୍ତ ୨ବର୍ଷ ତଳେ କେରଳର କୋଚି ଜିଲା ଅତାନିର ଏକ ହୋଟେଲରେ ଶ୍ରମିକ ଭାବେ କାମ କରୁଥିଲେ। ପ୍ରତ୍ୟେକ ଦିନ ଭଳି ଶନିବାର ସନ୍ଧ୍ୟାରେ କାମ ସାରି ଫେରିବା ବେଳେ ପଛପଟୁ ଏକ ବସ୍ ଧକ୍କା ଦେଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ପରିବାରକୁ ଖବର ଆସିଥିଲା। ନିଜ ପରିବାର ପୋଷିବା ଲାଗି ପତ୍ନୀଙ୍କ ସହ ଦାଦନ ଯାଇଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁକୁ ସହ୍ୟ କରିପାର ନାହାନ୍ତି ପରିବାର ଲୋକେ। ରସାନ୍ତଙ୍କ ମୃତଦେହ ଗାଁକୁ ଆଣିବାକୁ ପରିବାର ତରଫରୁ ପ୍ରଶାସନକୁ ନିବେଦନ କରାଯାଇଛି। ସରପଞ୍ଚ ରଜନୀ ପ୍ରଧାନ ହରିଶନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ପରିବାରକୁ ଦେଇଛନ୍ତି।

# ମହୁମାଛି ଆକ୍ରମଣରେ ୩୦ ଆହତ, ୨ ଗୁରୁତର

ବୈପାରିଗୁଡ଼ା ,୧୫।୪
(କଳ୍ପତରୁ ମହାନ୍ତି)

ବୈପାରିଗୁଡ଼ା କେନ୍ଦୁପଡ଼ା ନିକଟ ଜଙ୍ଗଲରେ ବୀରଖମ୍ବଙ୍କ ପୀଠରେ ପୂଜାର୍ଚ୍ଚନା ଚାଲୁଥିବା ବେଳେ ମହୁମାଛି ଆକ୍ରମଣରେ ମଙ୍ଗଳବାର ସକାଳେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୨ ଗୁରୁତର ରହିଛନ୍ତି। ଗୁରୁତରମାନେ ହେଲେ ନବରଙ୍ଗପୁର ଜିଲାର ଅଶ୍ୱିନ ପଟ୍ଟନାୟକ ଓ ପୀଠର ପୂଜକ କୃଷ୍ଣ ନାୟକ। ଆହତମାନଙ୍କୁ ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୂଜକ ଓ ଅଶ୍ୱିନୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ପ୍ରତି ସପ୍ତାହରେ ମଙ୍ଗଳବାର ଓ ଶୁକ୍ରବାର ଜଙ୍ଗଲ ମଧ୍ୟରେ ଥିବା ବୀରଖମ୍ବ ଠାକୁରଙ୍କ ପୀଠରେ ସ୍ଥାନୀୟ ଆଦିବାସୀ ପୂଜକମାନେ ପୂଜାର୍ଚ୍ଚନା କରିଥାନ୍ତି। ସ୍ଥାନୀୟ ତଥା ବାହାର ଅଞ୍ଚଳର ବହୁ ସଂଖ୍ୟକ ଭକ୍ତ ଏଠାକୁ ଆସିଥାନ୍ତି। ପୀଠ ନିକଟରେ ଥିବା ଏକ ଗଛରେ ମହୁମାଛି ବସା ବାନ୍ଧିଥିଲେ। ଗୋଟିଏ ମାଙ୍କଡ଼ ମହୁଫେଣା ଭାଙ୍ଗିଦେବାରୁ ମହୁମାଛି ଉପସ୍ଥିତ ଲୋକଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ ଲୋକେ ଏଣେ ତେଣେ ଦୌଡ଼ୁଥିଲେ।

# ବଜ୍ରପାତରେ ଜଣେ ମୃତ, ୪ ଆହତ

ନବରଙ୍ଗପୁର/ ପାପଡ଼ାହାଣ୍ଡି/ ତେନ୍ତୁଳିଖୁଣ୍ଟ, ୧୫।୪ (ସଦାଶିବ ପ୍ରହରାଜ/ ସ୍ୱପ୍ନଜିତ ପଟ୍ଟନାୟକ/ ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ପାପଡ଼ାହାଣ୍ଡି ଥାନା ବାରିଗୁଡ଼ା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଛନ୍ତ। ମୃତକ ହେଲେ ଉକ୍ତ ଗ୍ରାମର ସୋମନାଥ ଜାନୀ । ଆହତମାନେ ହେଲେ ପ୍ରବୀଣ ହରିଜନ, କମଲୁ ଜାନୀ, କେଶବ ଜାନୀ ଏବଂ ସୁକୁମନ ଗୌଡ଼ । ଆହତଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବାରିଗୁଡ଼ା ଗ୍ରାମ ନିକଟରେ ଥିବା ଇଟାଭାଟିରେ ୬ ଜଣ ଶ୍ରମିକ କାମ କରୁଥିବାବେଳେ ଅପରାହ୍ନ ପ୍ରାୟ ୩ଟା ୩୦ରେ ବର୍ଷା ସହ ବିଜୁଳି ଓ ଘଡ଼ଘଡ଼ି ମାରିଥିଲା । ବଜ୍ରପାତରେ ଘଟଣାସ୍ଥଳରେ ସୋମନାଥଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଜଣ ଆହତ ହୋଇଥିଲେ। ତେବେ ୨ଜଣ ଅଳ୍ପକେ ବର୍ତ୍ତିଯାଇଥିଲେ। ପାପଡ଼ାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ୨ ମାସ ମାଛଧରା ଉପରେ ଲାଗିଲା କଟକଣା

## କ୍ଷତିପୂରଣ ଦାବିକଲେ ମତ୍ସ୍ୟଜୀବୀ

ଛତ୍ରପୁର,୧୫।୪
(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)

ସମୁଦ୍ରରେ ମାଛ ମାରିବା ଉପରେ ମଙ୍ଗଳବାରଠାରୁ ଜୁନ ୧୪ ତାରିଖ ପର୍ଯ୍ୟନ୍ତ କଟକଣା ଜାରି କରିଛି ମତ୍ସ୍ୟ ବିଭାଗ। ଏହି ୬୧ ଦିନ ସମସ୍ତ ପ୍ରକାରର ଟ୍ରଲର ଓ ଡଙ୍ଗା (୮.୫ ମି ଦୈର୍ଘ୍ୟ ପର୍ଯ୍ୟନ୍ତ ପାରମ୍ପରିକ ଓ ଯାନ୍ତ୍ରିକ ଡଙ୍ଗା ବ୍ୟତୀତ) ସମୁଦ୍ରରେ ମାଛ ଧରିବା ନିଷେଧ ରହିଛି। ଏହି ସମୟ ମାଛଙ୍କ ପ୍ରଜନନ ସମୟ ଓ ସମୁଦ୍ର ଅଶାନ୍ତ ରହୁଥିବାରୁ ମାଛ ମାରିବା ବାରଣ କରାଯାଇଥାଏ। ମତ୍ସ୍ୟଜୀବୀ ଏବେ କିପରି ପରିବାର ଚଳାଇବେ ଚିନ୍ତାରେ ପଡିଛନ୍ତି। ସରକାର ମତ୍ସ୍ୟଜୀବୀ ପରିବାର ପିଛା ମାସିକ ୧୫ ହଜାର ହିସାବରେ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଗଞ୍ଜାମ ଜିଲାରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଅଧିକାଂଶ ଲୋକ ଦୈନିକ ସମୁଦ୍ରକୁ ଯାଇ ମାଛ ମାରିଥାନ୍ତି। ବର୍ତ୍ତମାନେ ସରକାରଙ୍କ ସମସ୍ତ ନିୟମ ମାନିବାକୁ ସାଗର ମିତ୍ର ଜରିଆରେ ସଚେତନତା ସହ ଗାଁ ଗାଁରେ ପୋଷ୍ଟର ଲଗାଯାଉଛି। ପ୍ରଜନନ ପରେ ମାଛ ସଂଖ୍ୟା ବୃଦ୍ଧି ହେବ। ମତ୍ସ୍ୟଜୀବୀମାନେ ଅଧିକରୁ ଅଧିକ ମାଛ ଧରିପାରିବେ ବୋଲି କୁହାଯାଇଛି। ଗଞ୍ଜାମ ଉପକୂଳବର୍ତ୍ତୀ ଅଞ୍ଚଳରେ ୨୭ଟି ସାମୁଦ୍ରିକ ଗ୍ରାମ ରହିଛି । ସାଗର ମିତ୍ର ସବୁ ଗ୍ରାମର ମତ୍ସ୍ୟଜୀବୀଙ୍କୁ ସଚେତନ କରାଉଥିବା ସାମୁଦ୍ରିକ ମତ୍ସ୍ୟ ବିଭାଗ ସହକାରୀ ମତ୍ସ୍ୟ ଅଧିକାରୀ ବିଶ୍ୱ ଭୂଷଣ ଜେନା କହିଛନ୍ତି। ଯଦି କେହି ବେନିୟମ ଭାବେ ସମୁଦ୍ରକୁ ମାଛ ମାରିବା ପାଇଁ ଯିବେ ସେମାନଙ୍କ ଡଙ୍ଗାକୁ ଜବତ କରାଯିବା ବୋଲି ନିର୍ଦ୍ଦେଶ ରହିଛି ।

# ଜଙ୍ଗଲୀ ଭାଲୁକୁ ନିର୍ଯାତନା ଅଭିଯୋଗ, ୨ ଗିରଫ

ମାଲକାନଗିରି,୧୫।୪
(ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ସୁକ୍‌ମା ଜିଲାରେ ଏକ ଭାଲୁକୁ ନିର୍ଯାତନା ଏବଂ ହତ୍ୟା ଅଭିଯୋଗରେ ବନ ବିଭାଗ ୨ ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ମାମଲା ସମ୍ପର୍କରେ ବିଳାସପୁର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଜଙ୍ଗଲ ବିଭାଗ ମନ୍ତ୍ରୀ ଏହାକୁ ଅକ୍ଷମଣୀୟ ଅପରାଧ ବୋଲି କହିଛନ୍ତି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ଘଟଣାରେ ସମ୍ପୃକ୍ତମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ, ଜଗଦଲପୁର ସର୍କଲର ମୁଖ୍ୟ ବନ ସଂରକ୍ଷକଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ଭାଇରାଲ ଭିଡିଓ ଏବଂ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହି ଘଟଣାଟି ସୁକ୍‌ମା ଜିଲା କିଷ୍ଟାରାମ ଅଞ୍ଚଳର ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଛତିଶଗଡ଼ ଜଙ୍ଗଲ ମନ୍ତ୍ରୀ କେଦାର କଶ୍ୟପ କହିଛନ୍ତି, ବନ୍ୟପ୍ରାଣୀ ଆମର ମୂଲ୍ୟବାନ୍ ପ୍ରାକୃତିକ ଐତିହ୍ୟ, ଯାହାର ସୁରକ୍ଷା ସରକାର, ପ୍ରଶାସନ ଏବଂ ସାଧାରଣ ଜନତାଙ୍କ ଦାୟିତ୍ୱ। ଭାଲୁ ପ୍ରତି ନିଷ୍ଠୁରତାର ଭିଡିଓ ଅତ୍ୟନ୍ତ ଦୁଃଖଦ ଏବଂ ଅମାନବୀୟ। ସରକାର କୌଣସି ପରିସ୍ଥିତିରେ ଏପରି ଅପରାଧକୁ ସହ୍ୟ କରିବେ ନାହିଁ। ଜଙ୍ଗଲ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ, ସୂଚନା ଦେବା ବ୍ୟକ୍ତିଙ୍କୁ ୧୦ହଜାର ଟଙ୍କା ପୁରସ୍କାର ଦିଆଯିବ ଏବଂ ତାଙ୍କ ପରିଚୟ ଗୋପନ ରଖାଯିବ ବୋଲି ଘୋଷଣା କରାଯାଇଥିଲା। ସରକାରଙ୍କ ଦ୍ୱାରା ଏହି ପଦକ୍ଷେପ ନିଆଯିବା ପରେ ସ୍ଥାନୀୟ ଲୋକଙ୍କଠାରୁ ମଧ୍ୟ ସମର୍ଥନ ମିଳିଥିଲା। ଛତିଶଗଡ଼ ତେଲଙ୍ଗାନା ସୀମାନ୍ତ ଅଞ୍ଚଳରୁ ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଚାରିଧାମ ଯାତ୍ରା, ଶ୍ରୀହେମକୁଣ୍ଡ ସାହିବ ଯାତ୍ରା ପାଇଁ ପଞ୍ଜୀକରଣ ଆରମ୍ଭ

ଭୁବନେଶ୍ୱର,୧୫।୪
(ଅନୁରାଧା ମହାରଣା)

ଚାରିଧାମ ଯାତ୍ରା ଏବଂ ଶ୍ରୀହେମକୁଣ୍ଡ ସାହିବ ଯାତ୍ରା ପାଇଁ ଉତ୍ତରାଖଣ୍ଡ ସରକାର ବ୍ୟାପକ ବନ୍ଦୋବସ୍ତ କରିଛନ୍ତି। ଉତ୍ତରାଖଣ୍ଡ ପର୍ଯ୍ୟଟନ ବିକାଶ ପରିଷଦ ପକ୍ଷରୁ ଏନେଇ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହି ଯାତ୍ରାରେ ସାମିଲ ହେବାକୁ ଚାହୁଁଥିବା ପର୍ଯ୍ୟଟକଙ୍କ ପାଇଁ ଯାତ୍ରା ପୂର୍ବରୁ ଆଧାର ପ୍ରମାଣିତ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। କେବଳ ପଞ୍ଜୀକୃତ ତାରିଖରେ ହିଁ ଯାତ୍ରୀମାନେ ଦର୍ଶନ କରିପାରିବେ। registrationandtouristcare.uk.gov.inରେ ଅନ୍‌ଲାଇନ୍ ପଞ୍ଜୀକରଣ କରାଯାଇପାରିବ। ତେବେ ଅନ୍‌ଲାଇନ୍ ପଞ୍ଜୀକରଣ କରିପାରି ନ ଥିବା ବ୍ୟକ୍ତି ଏପ୍ରିଲ ୨୮ ପରଠାରୁ ଋଷିକେଶ, ହରିଦ୍ୱାର, ହବର୍ଟପୁର, ନୟାଗାଓଁରେ ପଞ୍ଜୀକରଣ କରିପାରିବେ। ଧାମରେ ଦର୍ଶନର ୪୮ ଘଣ୍ଟା ପୂର୍ବରୁ ଅନ୍‌ସ୍ପଟ୍ ପଞ୍ଜୀକରଣ ଉପଲବ୍ଧ ହେବ। ସେହିପରି ୨୫ କିମ୍ବା ଅଧିକ ଯାତ୍ରୀଙ୍କ ସାମୂହିକ ପଞ୍ଜୀକରଣ ପାଇଁ ୧୩୬୪ରେ କଲ୍ କରିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ଦଳ ସେମାନଙ୍କ ହୋଟେଲ କିମ୍ବା ଆଶ୍ରମକୁ ଆସି ସାମୂହିକ ପଞ୍ଜୀକରଣ କରାଇନେବେ। ଧାମରେ ଉପସ୍ଥିତ ତୀର୍ଥଯାତ୍ରୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ସେମାନଙ୍କ ସୁରକ୍ଷା ଓ ସୁବିଧା ଅନୁସାରେ ପଞ୍ଜୀକରଣ କରାଯିବ।

# ସେବାଶ୍ରମରେ ମହୁମାଛି ଆକ୍ରମଣ | ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ, ୪ ଗୁରୁତର


ଦାରିଙ୍ଗବାଡ଼ି ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଡାକ୍ତର ପିଲାମାନଙ୍କୁ ଚିକିତ୍ସା କରୁଛନ୍ତି।

ଦାରିଙ୍ଗବାଡ଼ି, ୧୫।୪ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବାଡ଼ାବାଙ୍ଗା ପଞ୍ଚାୟତରେ ଥିବା ସେବାଶ୍ରମରେ ମଙ୍ଗଳବାର ଅଭାବନୀୟ ଘଟଣା ଘଟିଛି। ମହୁମାଛି ଆକ୍ରମଣ କରିବାରୁ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍‌ଜରଭେଶନରେ ରଖାଯାଇଛି। ଅନ୍ୟମାନଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଡାକ୍ତର ସ୍ୱାଗତ ସେନାପତି କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଦ୍ୟାଳୟ ଛୁଟି ପରେ ଛାତ୍ରୀଛାତ୍ର ଗାଧୋଇବାକୁ ସେବାଶ୍ରମ ବାହାରକୁ ଯାଇଥିଲେ। ସେ ସମୟରେ ସେବାଶ୍ରମ ପରିସରରେ ବସା ବାନ୍ଧିଥିବା ମହୁମାଛି କୌଣସି କାରଣରୁ ଉଡ଼ିବା ଆରମ୍ଭ କରିବା ସହ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଫଳରେ ଛାତ୍ରୀଛାତ୍ରମାନେ ଏଣେତେଣେ ଦୌଡ଼ି ବିଦ୍ୟାଳୟ ଭିତରକୁ ପଶିଯାଇଥିଲେ। ବାଡ଼ାବାଙ୍ଗା ସରପଞ୍ଚ ପ୍ରସନ୍ନ ପ୍ରଧାନ ଘଟଣା ସମ୍ପର୍କରେ ଖବର ପାଇ ବିଦ୍ୟାଳୟକୁ ଆସିଥିଲେ। ପ୍ରଧାନ ଶିକ୍ଷକ ପ୍ରାଣବନ୍ଧୁ ମହାନାୟକଙ୍କ ସହ ସେ କଥା ହୋଇ ମହୁମାଛି ଆକ୍ରମଣରେ ଆହତ ଛାତ୍ରୀଛାତ୍ରମାନଙ୍କୁ ୨ଟି ଅଟୋରେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସା ପରେ ୪ଜଣ ଗୁରୁତରଙ୍କୁ ଛାଡ଼ି ଅନ୍ୟମାନଙ୍କୁ ସେବାଶ୍ରମକୁ ଫେରେଇ ନିଆଯାଇଛି। ଖବରପାଇ ଦାରିଙ୍ଗବାଡି ବିଡିଓ ପ୍ରୀତିରଞ୍ଜନ ରଥ ତୁରନ୍ତ ମେଡିକାଲ ଟିମ୍ ଓ ଆମ୍ବୁଲାନ୍ସ ସେବାଶ୍ରମକୁ ପଠାଇଥିଲେ। କୌଣସି ଗାଡ଼ି କରି ତୁରନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବାକୁ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ, ସରପଞ୍ଚ ସମସ୍ତଙ୍କ ଉଦ୍ୟମରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପିଲାଙ୍କୁ ପହଞ୍ଚାଇଥିଲେ। ବିଡିଓ ଏହାର ତଦନ୍ତ କରିବା ସହ ପିଲାଙ୍କ ତଦାରଖ ପାଇଁ ସାମାଜିକ ସୁରକ୍ଷା ଅଧିକାରୀ ଖେତୀଶ ପ୍ରିୟଦର୍ଶୀ ସାହୁଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି।



ତୁମେ ଯେଉଁ ଉର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ–ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। –ଶ୍ରୀମା



# ହିନ୍ଦୀରେ ଇଂଲିଶ୍ ନାମ

ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ଇଂଲିଶ୍–ମାଧ୍ୟମ ସ୍କୁଲଗୁଡ଼ିକରେ ପ୍ରଚଳିତ ନୂଆ ପାଠ୍ୟ ପୁସ୍ତକର ହିନ୍ଦୀ ନାମକରଣ କରିଛି, ଯାହାକୁ ନେଇ ବିବାଦ ଉପୁଜିଛି। ଉଲ୍ଲେଖନୀୟ ଯେ, କେନ୍ଦ୍ର ସରକାରଙ୍କ ଅଧୀନ ଏନ୍‌ସିଇଆର୍‌ଟି ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଡୁକେଶନ (ସିବିଏସ୍‌ଇ)ର ବିଭିନ୍ନ ଶ୍ରେଣୀ ପାଇଁ ପାଠ୍ୟକ୍ରମ ଏବଂ ବହି ପ୍ରସ୍ତୁତ କରିଥାଏ। ଚଳିତବର୍ଷ ଷଷ୍ଠ ଶ୍ରେଣୀର ଇଂଲିଶ୍ ପୁସ୍ତକର ନାମ ହନିସକଲ୍ସକୁ ବଦଳାଇ ହିନ୍ଦୀରେ ପୂର୍ବୀ ରଖାଯାଇଛି। ଏହା ଶାସ୍ତ୍ରୀୟ ସଙ୍ଗୀତର ଏକ ରାଗର ନାମ। ଏହାସହ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଇଂଲିଶ୍ ପୁସ୍ତକର ନାମ ହିନ୍ଦୀରେ ମୃଦଙ୍ଗ ରଖାଯାଇଛି। ଏହା ବ୍ୟତୀତ ତୃତୀୟ ଶ୍ରେଣୀ ଇଂଲିଶ୍ ବହିର ନାମ ସନ୍ତୁର ହୋଇଛି। ଏସବୁ ବାଦ୍ୟଯନ୍ତ୍ରର ନାମ। ସେହିପରି ଷଷ୍ଠ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର ନାମ ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ୍ ବିୟଣ୍ଡ ବଦଳରେ ଏବେ ହିନ୍ଦୀରେ 'ସମାଜ କା ଅଧ୍ୟୟନ: ଭାରତ ଔର ଉସ୍‌କେ ଆଗେ' କରାଯାଇଛି। ତେବେ ପୁସ୍ତକର ନାମକୁ ଇଂଲିଶ୍‌ରୁ ହିନ୍ଦୀ କରାଯାଇଥିବାରୁ ତାହା ଉପରେ ଭାଷା ବିଶେଷଜ୍ଞ ଓ ଶିକ୍ଷାବିତ୍‌ମାନେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ଏହି ପଦକ୍ଷେପ ଯୋଗୁ ଏନ୍‌ସିଇଆରଟି ତାହାର ଦୀର୍ଘବର୍ଷର ନିୟମାବଳୀଠାରୁ ଦୂରେଇ ଯାଇଛି। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସ୍କୁଲରେ ତ୍ରିଭାଷୀ ନୀତି ଲାଗୁ କରି ଅଣ–ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ହିନ୍ଦୀ ଭାଷାକୁ ଜୋରଜବରଦସ୍ତି ଲଦି ଦିଆଯାଉଛି ବୋଲି ତାମିଲନାଡୁ ସମେତ ଅନେକ ରାଜ୍ୟ ବିରୋଧ କରିଆସୁଥିବାବେଳେ ଏବେ ଏନ୍‌ସିଇଆରଟିର ଏହି ପଦକ୍ଷେପ ବିବାଦକୁ ଆହୁରି ତୀବ୍ର କରିଛି।

୧ ସେପ୍ଟେମ୍ବର ୧୯୬୧ରେ ଗଠିତ ଏନ୍‌ସିଇଆର୍‌ଟି ୧୯୭୭ରୁ ପୁସ୍ତକ ପରିବର୍ତ୍ତନକୁ ନେଇ ଅଧିକାଂଶ ସମୟରେ ବିବାଦରେ ରହିଆସିଛି। ନିକଟ ଅତୀତରେ ସିଲାବସ୍‌କୁ ଅଧିକ ବଦଳାଯିବା ସହ ଓ ବିଭିନ୍ନ ଶ୍ରେଣୀର ପାଠ୍ୟ ପୁସ୍ତକରେ ବିଷୟଗୁଡ଼ିକରେ ପରିବର୍ତ୍ତନ କିମ୍ବା ସଂଶୋଧନ କରାଯାଉଛି। ଦ୍ୱାଦଶ ଇତିହାସ ବହିରୁ ଗୋଟିଏ ଅଧ୍ୟାୟରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ବିଷୟରେ ଏବଂ ସପ୍ତମ ଶ୍ରେଣୀ ଇତିହାସ ବହିରେ ମୋଗଲ ସମ୍ରାଟ୍‌ଙ୍କ ସଫଳତାର କାହାଣୀରେ ପରିବର୍ତ୍ତନ କରାଯାଇଥିଲା। ଏହା ବ୍ୟତୀତ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବହିଗୁଡ଼ିକରୁ ଗୋଧ୍ରା ଦଙ୍ଗା ବିଷୟକୁ ବାଦ ଦିଆଯାଇଥିଲା। ଏଭଳି ବ୍ୟାପକ ପରିବର୍ତ୍ତନକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ହୁଏ ଯେ, ପାଠ୍ୟ ପୁସ୍ତକରେ ଗୋଟିଏ ଗୋଷ୍ଠୀର ରାଜନୈତିକ ଦଳର ବିଚାରଧାରାକୁ ପ୍ରତିଫଳିତ କରିବାରେ ଏନ୍‌ସିଇଆର୍‌ଟିର ସକ୍ରିୟ ଭୂମିକା ରହୁଛି। ଏହା ବ୍ୟତୀତ ବାରମ୍ବାର ଇତିହାସକୁ ବଦଳାଇବା ସହିତ ପାଠ୍ୟକ୍ରମରେ ପରିବର୍ତ୍ତନ ଅଣାଯାଉଥିବାରୁ ବିଗତ ବର୍ଷର ବହି ପରବର୍ତ୍ତୀ ବର୍ଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବ୍ୟବହାର କରାଯାଉନାହିଁ। ଫଳ ସ୍ୱରୂପ ଯେଉଁ ପରିବାରରେ ଏକରୁ ଅଧିକ ପିଲା ଥିବେ, ସେଠାରେ ଦ୍ୱିତୀୟ ପିଲା ତା'ର ବଡ଼ ଭଉଣୀ କିମ୍ବା ଭାଇର ବହିକୁ ବ୍ୟବହାର କରିପାରିବ ନାହିଁ। ଏହାଦ୍ୱାରା ଅନେକ ପରିବାର ଉପରେ ଅର୍ଥନୈତିକ ଚାପ ମଧ୍ୟ ଲଦି ଦିଆଯାଉଛି, ଯାହା ସମ୍ପୂର୍ଣ୍ଣ ଭାବେ ଅଦରକାରୀ। ସାଧାରଣରେ ପାଠ୍ୟ ପୁସ୍ତକକୁ ଭଉଣୀ ଭାଇ ପଢୁଥିବାର ସମସ୍ତେ ଜାଣନ୍ତି। କିନ୍ତୁ ଅନିଶ୍ଚିତତା ଏବଂ ନିଜେ ଅସ୍ପଷ୍ଟ ଥିବା ଏନ୍‌ସିଇଆର୍‌ଟିର କର୍ମକର୍ତ୍ତାମାନେ ବୋଧହୁଏ ଜାଣିପାରୁନାହାନ୍ତି କେଉଁ ପ୍ରକାର ଐତିହାସିକ ବାର୍ତ୍ତାକୁ ବଦଳାଇଲେ ତାଙ୍କର ଲକ୍ଷ୍ୟ ପୂରଣ ହେବ। ଏଠାରେ ମନେରଖିବାକୁ ହେବ ଯେ, ଏନ୍‌ସିଇଆର୍‌ଟି ହେଉଛି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଶିକ୍ଷା ମନ୍ତ୍ରଣାଳୟର ଏକ ଅଙ୍ଗ। ତାହାର ବଜେଟ ବା ବ୍ୟୟ ଅଟକଳ ସେହି ମନ୍ତ୍ରଣାଳୟରୁ ଆସିଥାଏ। ଯେତେବେଳେ ସରକାର ବଦଳିବ, ଯାହା କି ଗଣତନ୍ତ୍ରରେ ଏକ ସୁନିଶ୍ଚିତ ଘଟଣା, ସେତେବେଳେ ପୁନର୍ବାର ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିବା ସେହି ସରକାରଙ୍କର ପ୍ରଥମ ଦାୟିତ୍ୱ। ଏହା ଦ୍ୱାରା ଆମେ ଭବିଷ୍ୟତ ପିଢ଼ିକୁ ଏକ ବିକୃତ ଇତିହାସ ବାଢ଼ିବା, ଯାହାକି ଏହି ଦେଶ ପାଇଁ କ୍ଷତିକାରକ ହେବ। ଏହା କହିଲାବେଳକୁ ସ୍ୱୀକାର କରିବାକୁ ହେବ ଯେ, ବ୍ରିଟିଶ୍ ଶାସକମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଭାରତର ଇତିହାସ ଗଳ୍ପଗୁଡ଼ିକରେ ମୁସଲମାନ, ମୋଗଲ ଏବଂ ଗୋରା ଶାସକମାନଙ୍କର ଭୂମିକାକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ହିନ୍ଦୁମାନଙ୍କର ଭୂମିକା ଅତ୍ୟନ୍ତ ଗୌଣ କରି ଦିଆଯାଇଥିଲା। ତେବେ ଏଭଳି ଦେଖିଲାବେଳକୁ ସବୁ ଘଟଣାରେ ପରିବର୍ତ୍ତନ ଅଣାଗଲେ ଭବିଷ୍ୟତରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ଉଦାହରଣ ସ୍ୱରୂପ, ଯଦି କେହି କହେ ଯେ, ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିଥିବା ନାଥୁରାମ ଗଡ୍‌ସେ ମରାଠୀ ନ ଥିଲେ କିମ୍ବା ତାଙ୍କର ଧର୍ମ ହିନ୍ଦୁ ନ ଥିଲା, ତେବେ ତାହା ଏକ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସମସ୍ତେ ଜାଣିବେ। ଏଭଳି ପାଠ ଯଦି ଆମ ପିଲାଙ୍କୁ ପଢ଼ାଯାଏ, ତେବେ ଭାରତୀୟ ସମାଜକୁ ଧ୍ୱଂସାଭିମୁଖୀ କରିଦେଇପାରେ।

ଶେଷରେ କୁହାଯାଇପାରେ ଯେ, ଏଭଳି ପାଠ୍ୟକ୍ରମ ପ୍ରତ୍ୟେକ ମୁହୂର୍ତ୍ତରେ ବଦଳାଇବା ଦ୍ୱାରା ଶିକ୍ଷକମାନଙ୍କର ଦକ୍ଷତା ହ୍ରାସ ପାଇବ। ଏଥିସହିତ ଏନ୍‌ସିଇଆର୍‌ଟି ଭଳି ସଂସ୍ଥା ପ୍ରତ୍ୟେକ ବର୍ଷ ଯଥେଷ୍ଟ ପରିମାଣରେ ବହି ଛପାଇ ଛାତ୍ରୀଛାତ୍ରଙ୍କୁ ଯୋଗାଇବାରେ ବିଫଳ ହେଉଥିବା କଥା ଏହି ଦଶନ୍ଧି ଭିତରେ ଶୁଣାଯାଉଛି। ଏହି ଅପାରଗତାକୁ ଆୟତ୍ତ କରି ପୂର୍ବରୁ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ସାଙ୍ଗରେ ଖେଳିବା ଆଦୌ ଗ୍ରହଣୀୟ ନୁହେଁ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 7 | | | | | 2 |
| | 1 | 7 | | 6 | | | | |
| 2 | | | 4 | | | | | |
| | | | 6 | | | | | 3 |
| 9 | | | | 1 | | | 5 | |
| | | | 9 | | 7 | | 1 | |
| | 9 | 6 | | 3 | | | | 4 |
| | 2 | | 1 | | | | | 7 |
| | 5 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 9 | 4 | 6 | 2 | 3 | 5 | 1 |
| 6 | 4 | 3 | 1 | 8 | 5 | 7 | 9 | 2 |
| 1 | 2 | 5 | 7 | 9 | 3 | 6 | 8 | 4 |
| 3 | 5 | 8 | 6 | 2 | 1 | 4 | 7 | 9 |
| 2 | 9 | 7 | 5 | 4 | 8 | 1 | 3 | 6 |
| 4 | 1 | 6 | 3 | 7 | 9 | 5 | 2 | 8 |
| 8 | 7 | 4 | 2 | 5 | 6 | 9 | 1 | 3 |
| 9 | 6 | 1 | 8 | 3 | 7 | 2 | 4 | 5 |
| 5 | 3 | 2 | 9 | 1 | 4 | 8 | 6 | 7 |

ଗତକାଲିର ଉତ୍ତର

# କିଶୋର ନ୍ୟାୟ ବ୍ୟବସ୍ଥାରେ ଶିଶୁ ଯତ୍ନ ଅନୁଷ୍ଠାନ



ରାଜୀବ କୁମାର ନାୟକ

କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଅଧିନିୟମରେ ସାଧାରଣତଃ ଦୁଇ ପ୍ରକାରର ଶିଶୁଙ୍କ ସମ୍ବନ୍ଧରେ ପ୍ରାବଧାନତା ରହିଛି। ପ୍ରଥମତଃ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଏବଂ ଦ୍ୱିତୀୟରେ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ। ଯତ୍ନ ଏବଂ ସୁରକ୍ଷା ସମ୍ବନ୍ଧୀୟ ମାମଲା ସବୁର ଫଇସଲା ଜିଲାସ୍ତରରେ ଅବସ୍ଥାପିତ ଶିଶୁ ମଙ୍ଗଳ ସମିତି କରୁଥିବାବେଳେ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁଙ୍କ ମାମଲା ସବୁ କିଶୋର ନ୍ୟାୟ ବୋର୍ଡ ଫଇସଲା କରିବାର ବ୍ୟବସ୍ଥା ରହିଛି। ପୁଣି ମାମଲା ସବୁ ଚାରିମାସ ମଧ୍ୟରେ ଏବଂ ନିହାତି ସମ୍ଭବ ହୋଇ ନ ପାରିଲେ ଛଅ ମାସ ମଧ୍ୟରେ ନିଷ୍ପତ୍ତି ନେବାର ପ୍ରାବଧାନତା ରହିଛି।

ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ମଧ୍ୟରେ ମାତୃପିତୃହୀନ ଶିଶୁ ଭିନ୍ନ ଯୌନ ନିର୍ଯାତନାର ଶିକାର ହୋଇଥିବା ଶିଶୁ, ଚାଲାଣର ଶିକାର ହୋଇଥିବା ଶିଶୁ, ମାନସିକ ବିକାରଗ୍ରସ୍ତ ଶିଶୁ, ବାଲ୍ୟ ବିବାହର ଶିକାର ହୋଇଥିବା ଶିଶୁ, ଘର ଛାଡ଼ି ପଳାଇ ଆସିଥିବା ତଥା ହଜି ଯାଇଥିବା ଶିଶୁ, ଉଦ୍ଧାର ଶିଶୁ ଶ୍ରମିକ ଭଳି ତତ୍‌କ୍ଷଣାତ୍ ନିଷ୍ପତ୍ତି ନେବାକୁ ଥିବା କେସ୍‌ସବୁ ମଧ୍ୟ ଅନ୍ତର୍ଭୁକ୍ତ। ଯଦିଓ ପରିବାରରେ ରହିବା ଶିଶୁର ଅଧିକାର, ତଥାପି ସ୍ଥଳ ବିଶେଷରେ ଶିଶୁର ସର୍ବୋତ୍ତମ ସ୍ୱାର୍ଥକୁ ଆଖି ଆଗରେ ରଖି ତା'ର ପାଠପଢ଼ା ସକାଶେ କିଛି ବର୍ଷ ଲାଗି ବା ଯତ୍ନ ଏବଂ ସୁରକ୍ଷା ଦାୟିତ୍ୱ ନେବା ପାଇଁ ଉପଯୁକ୍ତ ବ୍ୟକ୍ତି ଚିହ୍ନଟ ହେବା ପର୍ଯ୍ୟନ୍ତ ସ୍ୱଳ୍ପ ରହଣି ସକାଶେ କୌଣସି ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ରହିବା ନିମିତ୍ତ ନିର୍ଦ୍ଦେଶ ପ୍ରଦାନ କରାଯାଇଥାଏ। ଏଥିନିମିତ୍ତ ୱାନ୍ ଷ୍ଟପ୍ ସେଣ୍ଟର, ମୁକ୍ତ ଆଶ୍ରୟ ସ୍ଥଳ (ଓପନ ଶେଲ୍‌ଟର) ତଥା ଶିଶୁଗୃହ ରହିଅଛି। ଏଠି ଶିଶୁଙ୍କୁ ଉପଯୁକ୍ତ ଥଇଥାନ ନିମିତ୍ତ ନିର୍ଦ୍ଦେଶ ଦେବାବେଳେ କମିଟି ସମୟ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାଏ। ଯୌନ ନିର୍ଯାତନାର ଶିକାର ହୋଇଥିବା ଶିଶୁଟିଏକୁ ୱାନ ଷ୍ଟପ୍ ସେଣ୍ଟରରେ ଅତିବେଶିରେ ପାଞ୍ଚଦିନ ରଖାଯାଇପାରିବ ବା ନିର୍ଦ୍ଦେଶନାମାର ଅବଧିକୁ ହୁଏତ ଆଉ କିଛି ଦିନ ସକାଶେ ବୃଦ୍ଧି କରାଯାଇପାରେ। କିନ୍ତୁ ସମିତି ପାଖରେ ଅନ୍ୟ କିଛି ବିକଳ୍ପ ନ ଥିବାରୁ ତାକୁ ଶିଶୁଗୃହରେ ରଖାଯାଇଥାଏ। ଆଗରୁ ଏଭଳି ପୀଡ଼ିତାଙ୍କୁ ସ୍ୱଧାରଗୃହରେ ରଖାଯାଉଥିଲା। କିନ୍ତୁ ସରକାରଙ୍କ ବର୍ତ୍ତମାନର ନୀତି ଅନୁଯାୟୀ ସ୍ୱାଧାର ଗୃହରେ ରହିବା ନିମିତ୍ତ ସମ୍ପୃକ୍ତା ପୀଡ଼ିତାର ବୟସ ଅଠର ବର୍ଷ ନିହାତି ପକ୍ଷେ ହୋଇଥିବା ଆବଶ୍ୟକ। ଅନ୍ୟ କ୍ଷେତ୍ରରେ ପରିବାରର ସଦସ୍ୟ ଯଦି ଝିଅକୁ ଘରକୁ ନ ନେଉଛନ୍ତି ଏବଂ ପାଠପଢ଼ା ଛାଡ଼ି ଦେଇଥିବ କି ପଢ଼ିବାରେ ଅରାଜି ହେଉଥିବ, ତାକୁ ଶିଶୁଗୃହରେ ରଖିଲେ ତା' ପ୍ରତି ଅଲଗା ଅନ୍ତେବାସୀଙ୍କ ଦୃଷ୍ଟିଭଙ୍ଗୀ ଭିନ୍ନ ହେବ। ଏଭଳି ଝିଅଙ୍କ ସଂଖ୍ୟା ମଧ୍ୟ ଏକାଥରକୁ ବହୁତ ନ ଥିବା କାରଣରୁ ତା' ପାଇଁ ଅଲଗା



ବ୍ୟବସ୍ଥା ଶିଶୁଗୃହ କର୍ତ୍ତୃପକ୍ଷ କରିବା ସହଜ ନୁହେଁ। ଶିଶୁକୁ ଜଣେ କରି ଅନ୍ୟମାନଙ୍କଠାରୁ ଅଲଗା ରଖିଲେ ତା'ର ଏକାକୀତ୍ୱବୋଧ ମଧ୍ୟ ଅସୁବିଧାରେ ପକାଇପାରେ। ଅନେକ ସମୟରେ ଘର ଛାଡ଼ି କୌଣସି ପୁଅପିଲା ସହିତ ଝିଅ ଯଦି ଚାଲି ଆସିଥାଏ, ତା'ହେଲେ ମା'ବାପା ଯଦି ନେବାକୁ ନ ଆସନ୍ତି ଝିଅଟି ଶିଶୁଗୃହର ପାଚେରି ଡେଇଁ ପଳାୟନ କରିବାର ଅନେକ ମାମଲା ପୋଲିସ ପାଖରେ ପଡି ରହିଛି।

ମାନସିକ ଅସୁସ୍ଥ ଶିଶୁକୁ ଥଇଥାନ ନିମିତ୍ତ ଓଡ଼ିଶାର ଅଧିକାଂଶ ଜିଲାରେ ବ୍ୟବସ୍ଥା ନାହିଁ। ଏଭଳି କ୍ଷେତ୍ରରେ ମଧ୍ୟ ଶିଶୁ ମଙ୍ଗଳ ସମିତିକୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ହୋଇଥାଏ। ଭିନ୍ନକ୍ଷମ ଶିଶୁ ଯଦି ହଜିଯାଇ ବା ଘରୁ ପଳାୟନ କରିଥିବା ଅବସ୍ଥାରେ ଶିଶୁ ମଙ୍ଗଳ ସମିତି ଆଗରେ ଉପସ୍ଥାପିତ ହୁଏ, ତାକୁ ଥଇଥାନ ନିମିତ୍ତ ଅଧିକାଂଶ ଜିଲାରେ କିଛି ବ୍ୟବସ୍ଥା ନାହିଁ। କାରଣ ସେହି ଶିଶୁ ଆଖିକୁ ଦେଖା ଯାଉ ନ ଥିବାରୁ ବା ମୂକ ହୋଇଥିବାରୁ ନିଜର ଅସୁବିଧା ପ୍ରକାଶ କରିପାରେନାହିଁ।

ଅପରପକ୍ଷରେ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁକୁ ବେଲ୍ ନ ମିଳିଲେ ତାକୁ ମଧ୍ୟ ଏକ ଶିଶୁଯତ୍ନ ଅନୁଷ୍ଠାନରେ ରଖାଯିବାର ପ୍ରାବଧାନତା ରହିଛି। ଏଠି ଅପରାଧ ସବୁକୁ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଅଛି ଯଥା– ମାମୁଲି, ଗୁରୁତର ଏବଂ ଜଘନ୍ୟ। ମାମୁଲି ଅପରାଧ ସେସବୁକୁ କୁହାଯାଇଥାଏ, ଯେଉଁଠି ଦଣ୍ଡର ପ୍ରାବଧାନତା ତିନି ବର୍ଷରୁ କମ୍ ଥାଏ। ଯେଉଁଠାରେ ଦଣ୍ଡର ମାତ୍ରା ତିନି ବର୍ଷରୁ ବେଶି ଏବଂ ଅତି ଅଧିକ ଦଣ୍ଡର ପ୍ରାବଧାନତା ଯେତେ ଅଧିକ ବି ଥାଇପାରେ, ତାକୁ ଗୁରୁତର ଅପରାଧ ଏବଂ ଯେଉଁଠି ଦଣ୍ଡର ପ୍ରାବଧାନତା ଅତି କମ୍‌ରେ ସାତ ବର୍ଷ ଥାଏ, ତାକୁ ଜଘନ୍ୟ ଅପରାଧ କୁହାଯାଇଥାଏ। ଏହି ତିନି ଶ୍ରେଣୀର ପିଲାଙ୍କ କଥା ବିଚାରକଲେ ମାମୁଲି ଅପରାଧରେ ବେଲ୍ ମିଳିବାର ସମ୍ଭାବନା ଶହେରୁ ଶହେ। ଏପରିକି କିଶୋର ନ୍ୟାୟ ବୋର୍ଡରେ ଉପସ୍ଥାପିତ ନ କରି ପୋଲିସ ମଧ୍ୟ ଏକ୍ଷେତ୍ରରେ ବେଲ୍ ଦେଇ ଏ ସମ୍ବନ୍ଧୀୟ ସମସ୍ତ ଦଲିଲ ପରବର୍ତ୍ତୀ ସମୟରେ ବୋର୍ଡକୁ ପଠାଇ ଦେଇପାରେ। ଜଘନ୍ୟ ଅପରାଧ କ୍ଷେତ୍ରରେ ହଠାତ୍ ବେଲ୍ ପ୍ରାୟତଃ ମିଳି ନ ଥାଏ ଏବଂ ଏ କ୍ଷେତ୍ରରେ ୧୬ରୁ ୧୮ ବର୍ଷ ବୟସର କୌଣସି ବ୍ୟକ୍ତି ନାଁରେ ଅଭିଯୋଗ ଥିଲେ, ତାଙ୍କୁ ନିରାପଦ ସ୍ଥଳ ବା ପ୍ଲେସ୍ ଅଫ୍ ସେଫ୍‌ଟିରେ ରଖାଯିବ ଆଉ ସଂପୃକ୍ତ ଶିଶୁର ବୟସ ୧୬ ବର୍ଷରୁ କମ୍ ଥିଲେ ତାକୁ ପର୍ଯ୍ୟବେକ୍ଷଣ ଗୃହରେ ରଖାଯିବ। ଠିକ୍ ସେହିପରି ଗୁରୁତର ଅପରାଧ କ୍ଷେତ୍ରରେ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁକୁ ସ୍ଥଳ ବିଶେଷରେ ତତ୍‌କ୍ଷଣାତ୍ ବେଲ୍ ମିଳି ଯାଇଥାଏ ଆଉ କିଛି କ୍ଷେତ୍ରରେ ତୁରନ୍ତ ବେଲ୍ ନ ମିଳିଲେ ମଧ୍ୟ ଅଳ୍ପ ଦିନ ମଧ୍ୟରେ ବେଲ୍ ମିଳିଯିବା ସମ୍ଭାବନା ଯଥେଷ୍ଟ ବେଶି ଥାଏ।

କିଶୋର ନ୍ୟାୟ (ଶିଶୁମାନଙ୍କୁ ଯତ୍ନ ଏବଂ ସୁରକ୍ଷା) ଅଧିନିୟମ ୨୦୧୫ ଅନୁଯାୟୀ ବେଲ୍ ହେଉଛି ଶିଶୁର ଅଧିକାର ଏବଂ ବେଲ୍ ଦେବାକୁ ମନା କରିବା ହେଉଛି ବ୍ୟତିକ୍ରମ। ବେଲ୍ ଦେବାକୁ ମନା କଲାବେଳେ ବୋର୍ଡ ଦୁଇ/ତିନୋଟି ବିଷୟ ଦେଖିଥାଏ ଯଥା–୧. ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ ବେଲ୍‌ରେ ଗଲେ ତା' ପାଇଁ ବାହାରେ ଶାରୀରିକ ବା ମନସ୍ତାତ୍ତ୍ୱିକ ବିପଦ ନାହିଁ ତ? ୨. ସଂପୃକ୍ତ ଶିଶୁ ବେଲ୍‌ରେ ଯାଇ କୌଣସି ଜଣାଶୁଣା ମନ୍ଦ ଲୋକଙ୍କ ସଂସ୍ପର୍ଶରେ ଆସିବ ନି ତ? ଏବଂ ୩. ସଂପୃକ୍ତ ବ୍ୟକ୍ତିର ବେଲ୍ ଆଇନକୁ ବାଟବଣା କରିଦେବ ନାହିଁ ତ? ତେଣୁ ଅନେକ ସ୍ଥଳେ ବେଲ୍ ମିଳିବା ବା କିଛି ଦିନ ଅନ୍ତରରେ ବେଲ୍ ମିଳିବାର ସମ୍ଭାବନା କାରଣରୁ ତଥା ଜଘନ୍ୟ ଅପରାଧ ସ୍ଥଳେ ଏବଂ କେସ୍ ଫଇସଲା ହେଉ ହେଉ ବ୍ୟକ୍ତିକୁ ୧୮ ବର୍ଷରୁ ଅଧିକ ହୋଇଯାଇଥିବ ଏବଂ ୨୧ ବର୍ଷ ହୋଇ ନ ଥିବ ସେପରି ସ୍ଥଳେ ଦଣ୍ଡ ମିଳିଲା ପରେ ତାଙ୍କୁ ନିରାପଦ ସ୍ଥଳରେ ରଖାଯିବାର ପ୍ରାବଧାନତା ରହିଛି ଆଉ ୨୧ ବର୍ଷରେ ପଦାର୍ପଣ କରିସାରିଥିଲେ ତାକୁ ସାଧାରଣ ଜେଲରେ ରଖିବାର ବ୍ୟବସ୍ଥା ଅଛି। ଏଭଳି କ୍ଷେତ୍ରରେ ଓଡ଼ିଶା ସରକାର ଯେଉଁ ତିନି/ଚାରୋଟି ଲେଖାଏଁ ଜିଲା ସକାଶେ ଗୋଟିଏ କରି ପର୍ଯ୍ୟବେକ୍ଷଣ ଗୃହ ସହିତ ଏକାଠିକରି ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା କରିଛନ୍ତି, ତହିଁରେ ରହିବାକୁ ପିଲା ଆସିବେ କୁଆଡୁ? କେସ୍ ଚାଲୁଥିବା ସମୟରେ ପର୍ଯ୍ୟବେକ୍ଷଣ ଗୃହ ଏବଂ ଦଣ୍ଡ ମିଳିଲେ ଯେଉଁ ସ୍ୱତନ୍ତ୍ର ଗୃହରେ ରହିବାର ବ୍ୟବସ୍ଥା ରହିଛି, ତାହା ପୁଣି ବୟସ ଭିତ୍ତିରେ ପୃଥକ୍ ପୃଥକ୍ କରି ରଖାଯିବାର କଥା କୁହାଯାଇଅଛି ତାହା ମଧ୍ୟ ଅବାସ୍ତବ ମନେହୁଏ। କାରଣ ଅନେକ ମାମୁଲି ତଥା ଗୁରୁତର କେସ୍‌ରେ ଦଣ୍ଡ ମିଳିବାର ସମ୍ଭାବନା ଯଥେଷ୍ଟ କମ୍ ଥିବାରୁ ଏବଂ କାଁ ଭାଁ କେଉଁଠି ଦଣ୍ଡ ମିଳୁଥିବା ଏଭଳି କେସ୍‌ର ସଂଖ୍ୟା ଏତେ କମ୍ ଯେ, ତା' ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଖୁବ୍ କଷ୍ଟ। ତେଣୁ ଆଗାମୀ ଦିନରେ ଏହା ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ ଯେ, ଏବେ ଏବେ ଖୋଲା ଯାଇଥିବା ଅନେକ ଶିଶୁଯତ୍ନ ଅନୁଷ୍ଠାନ ବନ୍ଦ ମଧ୍ୟ ହୋଇ ଯାଇପାରେ। ଅନ୍ୟ ଦିଗରେ ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ କେନ୍ଦ୍ରରେ ଛଅ ବର୍ଷରୁ କମ୍ ବୟସର ଶିଶୁଙ୍କୁ ହିଁ କେବଳ ରଖାଯାଇ ପାରିବ ଏବଂ ବହୁତ ସଂଖ୍ୟାରେ ପୋଷ୍ୟ ଗ୍ରହଣ ସକାଶେ ଉପଯୁକ୍ତ ଶିଶୁ ଥାଇ ମଧ୍ୟ ପିତା/ମାତା ବା ଅନ୍ୟ କେହି ଅଭିଭାବକ ହସ୍ତାନ୍ତର କରିବାକୁ ନାରାଜ ହେଉଥିବା କାରଣରୁ ପୋଷ୍ୟ ଗ୍ରହଣରେ ଆଗକୁ ବଢ଼ି ହେଉନାହିଁ।

ମୋ: ୯୪୩୭୫୭୧୮୩୧

# ଅସହ୍ୟ ତାତି



ଅଲେଖ ଚନ୍ଦ୍ର ସାମଲ

ଆଧୁନିକ ଯନ୍ତ୍ରପାତି, କଳକାରଖାନା ଓ ଯାନବାହନରୁ ବାହାରୁଥିବା ଅଙ୍ଗାରକାମ୍ଳ ଓ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷଣ କରିବାରେ ଲାଗିଛି। ଏହାଦ୍ୱାରା ବାୟୁମଣ୍ଡଳର ତାପମାତ୍ରା ମଧ୍ୟ ବୃଦ୍ଧି ହେବାରେ ଲାଗିଛି। ଏଥିପାଇଁ ଗ୍ରୀଷ୍ମ ଋତୁ ବ୍ୟତୀତ ଅନ୍ୟ ଋତୁମାନଙ୍କରେ ବି ଅସହ୍ୟ ଗରମ ହେଉଛି। ଏହା କେବଳ ଉତ୍ତପ୍ତ ବାୟୁମଣ୍ଡଳ ଯୋଗୁ। କେବଳ ତାତି ହେଉଛି ତାହା ନୁହେଁ, ଏହା ଅଧିକ ଜୀବନ ନେବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି। ବୈଜ୍ଞାନିକମାନଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଆଶାତୀତ ଭାବେ ଲୋକ ଓ ପଶୁପକ୍ଷୀଙ୍କର ମୃତ୍ୟୁ ହେବ। ଏହାର ପ୍ରମୁଖ କାରଣ ହେଉଛି ବାୟୁ ପ୍ରଦୂଷଣ। ଗବେଷଣା ଅନୁସାରେ, ଲୋକମାନେ ଦୂଷିତ ପାଣି ପିଇ ବେଶି ସଂଖ୍ୟାରେ ମୃତ୍ୟୁମୁଖରେ ପଡୁଥିଲେ। କିନ୍ତୁ ବାୟୁ ପ୍ରଦୂଷଣ ଯୋଗୁ ଆହୁରି ଅଧିକ ମୃତ୍ୟୁମୁଖରେ ପଡ଼ିବେ ବୋଲି ଜଣାପଡ଼ିଛି। ସର୍ଭେ ଅନୁଯାୟୀ ବାୟୁ ପ୍ରଦୂଷଣ ଯୋଗୁ ଲୋକଙ୍କ ମୃତ୍ୟୁ ସଂଖ୍ୟା ଧୀରେ ଧୀରେ ବଢ଼ି ୨୦୫୦ ମସିହା ବେଳକୁ ପ୍ରତିବର୍ଷ ୩ଲକ୍ଷ ୬୦ ହଜାର ଲୋକ ମୃତ୍ୟୁମୁଖରେ ପଡ଼ିବେ। ଆସନ୍ତା କେତେ ବର୍ଷ ଭିତରେ ସହରର ଲୋକମାନଙ୍କ ମରଣ ହେବ କେବଳ ପ୍ରଦୂଷିତ ପରିବେଶ ଓ ଅପରିଷ୍କାର ପାଣି ଯୋଗୁ। ଉଭୟ ବିକାଶଶୀଳ ଓ ବିକଶିତ ଦେଶ ୨୦୫୦ ମସିହା ସୁଦ୍ଧା ତାତି ଉଠିବ। ବର୍ଷକୁ ପ୍ରାୟ ୩ ଲକ୍ଷ ୬୦ ହଜାର ଲୋକ ମୃତ୍ୟୁମୁଖରେ ପଡ଼ିବେ। ସେଥିମଧ୍ୟରୁ ଚାଇନା ଓ ଭାରତରେ ଏହି ସମସ୍ୟା ବେଶି ଦେଖାଯିବ। କାରଣ ଏହି ଦେଶମାନଙ୍କରେ ଆଶାତୀତ ଭାବେ ଜନସଂଖ୍ୟା, ଯାନବାହନ, କଳକାରଖାନା ଓ ବିଭିନ୍ନ ଯନ୍ତ୍ରପାତି ବୃଦ୍ଧି ପାଉଛି। କିନ୍ତୁ ଏଥିରୁ ନିର୍ଗତ ହେଉଥିବା ବିଷାକ୍ତ ଅଙ୍ଗାରକାମ୍ଳକୁ ଶୋଷି ନେବା ପାଇଁ ଉପଯୁକ୍ତ ପରିମାଣରେ ଗଛ ନାହିଁ। ଏଠାରେ ଜଙ୍ଗଲ କ୍ଷୟ କରାଯାଉଛି। କିନ୍ତୁ ସେହିପରି ଭାବରେ ସୃଷ୍ଟି କରାଯାଉନାହିଁ। ଦ ଅର୍ଗାନାଇଜେଶନ କୋଅପରେଶନ ଆଣ୍ଡ ଡେଭଲପମେଣ୍ଟର ରିପୋର୍ଟ ଅନୁଯାୟୀ, ଏହାର ପ୍ରଭାବରେ ସମ୍ପୂର୍ଣ୍ଣ ଜଳବାୟୁ ପରିବର୍ତ୍ତନ ହୋଇଯିବ। ୬ଟି ଋତୁ ଅନୁଭବ ହେବା କଷ୍ଟକର ହୋଇପଡ଼ିବ। ବେଶି ଗ୍ରୀଷ୍ମ ଋତୁ ଅନୁଭବ ହେବ। ଯାହା ଅସହ୍ୟ ହୋଇପଡ଼ିବ। ତାପ ବୃଦ୍ଧି ଯୋଗୁ ଭୂପୃଷ୍ଠରୁ ଜଳ ପତ୍ତନ ତଳକୁ ଖସି ଯିବ। ଲୋକେ ଭୂପୃଷ୍ଠର ପରିଷ୍କାର ପାଣି ପିଇବା ପାଇଁ ପାଇବେନି, ଚାଷ ଜମି ମଧ୍ୟ ଉପଯୁକ୍ତ ପାଣି ନ ପାଇ ମରୁଡ଼ି ପଡ଼ିବ, ଏହିପରି ଭାବରେ ବିଭିନ୍ନ ସମସ୍ୟା ଦେଖାଯିବ।

ବୈଜ୍ଞାନିକ କହନ୍ତି ଯେ ଗ୍ଲୋବାଲ ୱାର୍ମିଂ ଯୋଗୁ ଆଜି ତ ବିଭିନ୍ନ ଦୁର୍ଘଟଣାମାନ ଘଟୁଛି। ଯଦି ଆହୁରି ତାପମାତ୍ରା ଦ୍ରୁତ ବେଗରେ ବୃଦ୍ଧି ପାଇବ, ତେବେ ବଞ୍ଚିବା ଅସମ୍ଭବ। ପୃଥିବୀରୁ ଜୀବସତ୍ତା ଲୋପ ପାଇଯିବା ଆଶଙ୍କା ସୃଷ୍ଟି ହେବ। ତେଣୁ ଏଥିରେ ବଞ୍ଚିବାକୁ ହେଲେ ଆମକୁ ପୃଥିବୀକୁ ସବୁଜମୟ କରିବାକୁ ହେବ। ବଡ଼ ବଡ଼ ଜଙ୍ଗଲ ସୃଷ୍ଟି କରିବାକୁ ହେବ। ଏହାଦ୍ୱାରା କ୍ଷତିକାରୀ ଅଙ୍ଗାରକାମ୍ଳ ଗଛ ଶୋଷି ନେବ ଏବଂ ପରିବେଶ ସୁସ୍ଥ ରହିବ। ଯାନବାହନର ବ୍ୟବହାର ନିୟନ୍ତ୍ରଣ କରିବା। ନଚେତ୍ ୨୦୫୦ ବେଳକୁ ମୃତ୍ୟୁମୁଖରେ ପଡ଼ିବା ସ୍ୱାଭାବିକ, ଏଥିରେ ସନ୍ଦେହ ନାହିଁ।

ତେବେ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ଅଭାବନୀୟ ଓ ଅପ୍ରତ୍ୟାଶିତ ପ୍ରାକୃତିକ ବିପଦ ଓ



ଜଳବାୟୁ ସଙ୍କଟ ସମଗ୍ର ବିଶ୍ୱ ପାଇଁ ବଡ଼ ଉଦ୍‌ବେଗର କାରଣ ପାଲଟିଛି। ଇତିମଧ୍ୟରେ ଦେଖାଦେଇଛି ୟୁରୋପ, ଉତ୍ତର ଆମେରିକା, ଏସିଆ, ଓସେନିଆ ଓ ଆଫ୍ରିକାର ପ୍ରାୟ ୪୦ ଦେଶ ଗମ୍ଭୀର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛନ୍ତି। ମୋଟାମୋଟି ଦେଖିଲେ, ବିଶ୍ୱ ଏବେ ଏକସଙ୍ଗେ ବନ୍ୟା, ଝଡ଼, ହିଟ୍‌ୱେଭ, ଜଙ୍ଗଲ ନିଆଁ ଓ ମରୁଡ଼ି କବଳରେ। ପ୍ରକୃତି ବିରୋଧରେ ଅତିଶୟ ମାନବୀୟ ହସ୍ତକ୍ଷେପ ଏହାର ମୁଖ୍ୟ କାରଣ, ଯାହାଦ୍ୱାରା ପୃଥିବୀ ଉପରେ ଜଳବାୟୁ ସଙ୍କଟ ଘନେଇଛି ବୋଲି ବୈଜ୍ଞାନିକ ପ୍ରମାଣରୁ ସ୍ପଷ୍ଟ ହୋଇଛି। ଏହିପରି ଅତିଶୟ ଜଳବାୟୁଜନିତ ଘଟଣା ବାରମ୍ବାର ତଥା ଆହୁରି ଗମ୍ଭୀର ହେବାକୁ ଯାଉଛି ବୋଲି ୱାର୍ଲଡ ମେଟେରୋଲୋଜିକାଲ ଅର୍ଗାନାଇଜେଶନ ନିଜର ସଦ୍ୟ ରିପୋର୍ଟରେ ଚେତାଇ ଦେଇଛି। ମାନବ ପ୍ରେରିତ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱସ୍ତରରେ ଅତିରିକ୍ତ ବର୍ଷା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ସଦ୍ୟତମ ଅଧ୍ୟୟନ ସ୍ପଷ୍ଟ କରିଛି।

ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ ସଙ୍କଟ ତାଲିକାରେ ବିଶ୍ୱର ଅନ୍ୟତମ ବିକାଶଶୀଳ ରାଷ୍ଟ୍ର ଭାରତ ମଧ୍ୟ ବର୍ତ୍ତି ପାରିନାହିଁ। ମଣିଷ ନିଜେ ପ୍ରଚୁର ମାତ୍ରାରେ ଉଭୟ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପଲ୍ୟୁଶନ ବା ପ୍ରଦୂଷଣ ଉତ୍ପନ୍ନ କରୁଛି। ଟକ୍ସିକ୍ ପଲ୍ୟୁଶନ ହେଉଛି ଫାଇନ୍ ପାର୍ଟିକ୍ୟୁଲେଟ ମ୍ୟାଟର, ଯାହା ମଣିଷ ସ୍ୱାସ୍ଥ୍ୟକୁ ସିଧାସଳଖ କ୍ଷତି ପହଞ୍ଚାଏ। ସେହିପରି ନନ୍‌ଟକ୍ସିକ୍ ପଲ୍ୟୁଶନ ବା ପ୍ରଦୂଷଣ ବିଶ୍ୱତାପନ ପାଇଁ ଦାୟୀ। ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ଯୋଗୁ ଏହା ମାନବ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ଉଭୟ ପ୍ରଦୂଷଣ ପରସ୍ପରକୁ ବଢ଼ାଇଥାଏ। ସଦ୍ୟ ଅଧ୍ୟୟନରେ ଗବେଷକମାନେ ବିଶ୍ୱର କିଛି ନିର୍ଦ୍ଦିଷ୍ଟ ଦେଶରେ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପ୍ରଦୂଷଣ ମଧ୍ୟରେ ଦୃଢ଼ ସମ୍ପର୍କ ଦର୍ଶାଇଛନ୍ତି। ଏହି ଦୁଇ ପ୍ରକାର ପ୍ରଦୂଷଣ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ପ୍ଲସ ୱାନ୍ ପତ୍ରିକାରେ ପ୍ରକାଶିତ ଅଧ୍ୟୟନରେ ଗବେଷକମାନେ ଏଭଳି କିଛି ଦେଶ ଚିହ୍ନଟ କରିଛନ୍ତି, ଯାହା ଉଭୟ ପ୍ରଦୂଷଣର ଶିକାର ହୋଇଛନ୍ତି। ଟକ୍ସିକ୍ ପଲ୍ୟୁଶନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ କ୍ଷତି ଆଶଙ୍କା ଅଧିକ ଥିବା ଦେଶ ମଧ୍ୟରେ ଶୀର୍ଷ ୧୦ରେ ରହିଛନ୍ତି – ସିଙ୍ଗାପୁର, ରୁଆଣ୍ଡା, ଚାଇନା, ଭାରତ, ସୋଲୋମନ ଆଇଲାଣ୍ଡ, ଭୁଟାନ, ବୋଟସ୍ୱାନା, ଜର୍ଜିଆ, ଦକ୍ଷିଣ କୋରିଆ ଓ ଥାଇଲାଣ୍ଡ। ଗବେଷକମାନେ ଆହୁରି କହିଛନ୍ତି ବିଶ୍ୱତାପନ ଓ ପ୍ରବଳ ବୃଷ୍ଟିପାତ କୃଷି କାର୍ଯ୍ୟରେ ବାଧା ଉପୁଜାଉଛି। ଏହାଦ୍ୱାରା କୁପୋଷଣ ଓ ଏହାଜନିତ ରୋଗ ବୃଦ୍ଧି ପାଉଛି। ଚାଇନା ଓ ଭାରତ ଉପରୋକ୍ତ ତାଲିକାର ଶୀର୍ଷ ୫ ଦେଶ ମଧ୍ୟରେ ଅଛନ୍ତି। ଉଭୟ ଦେଶ ଜଳବାୟୁ ପରିବର୍ତ୍ତନ ଓ ଟକ୍ସିକ ପଲ୍ୟୁଶନ ଭୟଙ୍କର ସଙ୍କଟ ଦେଇ ଗତି କରୁଛନ୍ତି।

ବଡ଼ ଉଦ୍‌ବେଗର ଘଟଣା ହେଉଛି ଅତ୍ୟାଧୁନିକ ଜ୍ଞାନକୌଶଳ ମଧ୍ୟ ଏ କ୍ଷେତ୍ରରେ ଫେଲ ମାରିଛି। ବିଶ୍ୱର ଶୀର୍ଷ ଜଳବାୟୁ ବିଶେଷଜ୍ଞ ସ୍ୱୀକାର କରିଛନ୍ତି, ଜର୍ମାନୀ ବନ୍ୟା ଓ ଉତ୍ତର ଆମେରିକାର ହିଟ୍ ୱେଭର ତୀବ୍ରତା ଅନୁମାନ କରିବାରେ ସେମାନେ ବିଫଳ ହୋଇଛନ୍ତି। ତାପମାତ୍ରାରେ ଏଭଳି ପରିବର୍ତ୍ତନକୁ ଉଚିତ ଶିକ୍ଷା ଗ୍ରହଣ କରି ପୃଥିବୀକୁ ବଞ୍ଚାଇବା ଲାଗି ଆମ ସମସ୍ତଙ୍କର ଦାୟିତ୍ୱବୋଧ ରହିଛି।

**ସମାଜସେବୀ, ପୂର୍ବତନ ଡିଏଫ୍‌ଓ,**
**ପଲାଇବାଲିଚନ୍ଦ୍ରପୁର, ଯାଜପୁର**
**ମୋ : ୯୪୩୭୨୫୭୧୨୩**

## ଏଇ ଭାରତରେ

କୋରିଓଗ୍ରାଫର ବିନୟ ଶର୍ମାଙ୍କ ସମର୍ପିତ ଜୀବନ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା। ସେ ନିର୍ଦ୍ଦେଶନା ଛାଡ଼ି ବସ୍ତି ପିଲାମାନଙ୍କୁ ମାଗଣାରେ ଡ୍ୟାନ୍ସ ଶିକ୍ଷା ଦେଉଛନ୍ତି। ବିନୟଙ୍କ ବୟସ ୩୫। ରହୁଛନ୍ତି ଦିଲ୍ଲୀରେ। ସେ ୨୦୧୬ରେ 'ଡ୍ୟାନ୍ସ ଆଉଟ ଅଫ୍ ପଭର୍ଟି' ଆରମ୍ଭ କରି ଏହା ମାଧ୍ୟମରେ ଗରିବ ପିଲାମାନଙ୍କୁ ଡ୍ୟାନ୍ସ ଶିକ୍ଷା ଦେଉଛନ୍ତି। ବିଗତ ୬ ବର୍ଷରେ ୬ରୁ ୨୮ ବର୍ଷ ବୟସ ମଧ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱଙ୍କୁ ଡ୍ୟାନ୍ସ ଶିକ୍ଷା ଦେଇସାରିଲେଣି। ସେ ମୁମ୍ବାଇରେ ପ୍ରଥମେ ଟି–ସିରିଜରେ ଯୋଗଦେଇ ପରେ ରାଜକୁମାର ସନ୍ତୋଷୀରେ ସହନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଏଭଳି ଆକର୍ଷଣୀୟ କ୍ୟାରିୟର ଛାଡ଼ି ସେ ଦିଲ୍ଲୀ ଫେରଆସି ମାଗଣା ଡ୍ୟାନ୍ସ ଶିକ୍ଷା ଜାରି ରଖିଛନ୍ତି। ଏ ବାବଦରେ ବିନୟ ପାଖାପାଖି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। କେବଳ ଏତିକି ନୁହେଁ, ତାଙ୍କ ଅନୁଷ୍ଠାନରୁ ଡ୍ୟାନ୍ସ ଶିକ୍ଷା ପାଇଁ ଏବେ ସୁଦ୍ଧା ୧୦୦ରୁ ଊର୍ଦ୍ଧ୍ୱ ପିଲା ଡ୍ୟାନ୍ସର, ଡ୍ୟାନ୍ସ ଇନ୍‌ଷ୍ଟ୍ରକଟର ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିରେ କୋରିଓଗ୍ରାଫର ଭାବେ କାର୍ଯ୍ୟ କରୁଛନ୍ତି। ଏବେ ଦିଲ୍ଲୀର ୨୫୦ ପିଲା ବିନୟଙ୍କ ପାଖରୁ ଡ୍ୟାନ୍ସ ଶିକ୍ଷା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଏପ୍ରିଲ ୧୯୭୬

- ପ୍ରଦେଶ କଂଗ୍ରେସ ସଭାପତି ଦାୟିତ୍ୱରୁ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅବ୍ୟାହତି।
- ଦୂରଦର୍ଶନ (ଟେଲିଭିଜନ) ସଙ୍ଗଠନର ପ୍ରଥମ ଡାଇରେକ୍ଟର ଜେନେରାଲ ରୂପେ ପି.ଭି. କୃଷ୍ଣମୂର୍ତ୍ତିଙ୍କ ଦାୟିତ୍ୱ ଗ୍ରହଣ।
- ରାଜସ୍ଥାନ ହାଇକୋର୍ଟ ରାଜ୍ୟର ସବୁ ତଳିଆ କୋର୍ଟକୁ ହିନ୍ଦୀ ଭାଷାରେ କାର୍ଯ୍ୟ ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଚିରନ୍ତନୀ

ଆକାଶ ଧରା ଅଭେଦ ସମ
ନୟନେପଥେ ଭାତିଲା ମମ
ସେ ଗୀତ ଆଜି ଦୂରତା ସବୁ
ନିମିଷେ ଦେଲା ନାଶି
ଶରତ–ଧଳା ବଉଦ ସମ
ଚକିତେ ଗଲା ଭାସି।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଶ୍ୱ ନେତାଙ୍କ ଟାରିଫ ଯୁଦ୍ଧ

ମହାଶୟ,

ଗଲା ସପ୍ତାହରେ ଆମେରିକାର ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ନୂଆ ଶୁଳ୍କ ନୀତି ଘୋଷଣା କରାଯାଇଥିଲା। ଏହି ନୂଆ ଶୁଳ୍କ ନୀତି ସମଗ୍ର ବିଶ୍ୱକୁ ନୂଆ ଚିନ୍ତାରେ ପକାଇଛି। ବିଶ୍ୱର ଅର୍ଥନୀତିରେ ସଙ୍କଟ ଦୃଷ୍ଟି ଗୋଚର ହେବା ସଙ୍ଗେ ସଙ୍ଗେ ଦେଶଗୁଡ଼ିକ ଭିତରେ ଥିବା ସମ୍ବନ୍ଧ ଭିତରେ ତିକ୍ତତା ସୃଷ୍ଟି କରିଛି। ବର୍ତ୍ତମାନ ଏ ନୂଆ ଶୁଳ୍କ ନୀତି ନିଶ୍ଚିତ ଭାବରେ ବିଶ୍ୱକୁ ଆମେରିକା ବିରୁଦ୍ଧରେ ଏକାଠି କରିବା ପାଇଁ ବାଧ୍ୟ ହୋଇଛି। ବିଶ୍ୱରେ ସତେ ଯେମିତି ଟାରିଫ୍ ୱାର ଜନ୍ମ ନେଇଛି। ଭାରତରୁ ଆମେରିକା ରପ୍ତାନୀ ହୋଇଥିବା ପଦାର୍ଥଗୁଡ଼ିକ ହେଲା ମୋତି, ମୂଲ୍ୟବାନ ପଥର, ଇଲେକ୍ଟ୍ରିକ ଏବଂ ଇଲେକ୍ଟ୍ରୋନିକ୍ସ ପଦାର୍ଥ ଇତ୍ୟାଦି। ଆମେରିକାରେ ଭାରତୀୟ ଷ୍ଟିଲ ଓ ଲୁହାର ବଡ଼ ମାର୍କେଟ ରହିଛି। ଏ ଭିତରେ ଯଦି ଆମେରିକା ଶୁଳ୍କକୁ ନେଇ ରାଜନୀତି କରେ ତା'ହେଲେ ନିଶ୍ଚିତ ଭାବରେ ବିଶ୍ୱର ବିଭିନ୍ନ ଦେଶ ଏ ବିଷୟରେ ବିଚାର କରିବେ।

–କାଳୀ ଦାସ, ବ୍ରହ୍ମପୁର, ଖୋଡାସିଂଗି, କଳିଙ୍ଗନଗର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାଳରୁ ମିଳିଲା ଆବାସିକ ବିଦ୍ୟାଳୟ ଛାତ୍ରଙ୍କ ମୃତଦେହ

ପାରଳାଖେମୁଣ୍ଡି,୧୫।୪(ଗିରିଧାରୀ ପରିଛା)
ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସେରଙ୍ଗ ଥାନା ଅନ୍ତର୍ଗତ ତାବରସିଂ ନାଳରେ ପଡି ଅନୁଗୁମ୍ପା ଆବାସିକ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ଋତୁରାଜ ଗମାଙ୍ଗ ଗତ ରବିବାରଠାରୁ ନିଖୋଜ ଥିଲେ। ସୋମବାର ଏକ ପରିତ୍ୟକ୍ତ ନାଳରୁ ତାଙ୍କ ମୃତଦେହ ମିଳିଛି। ତେବେ ତାଙ୍କ ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଏ ନେଇ ସେରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଋତୁରାଜଙ୍କ ମୃତ୍ୟୁ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି।

ଗତ ରବିବାର ମଧ୍ୟାହ୍ନଭୋଜନ ପରେ ଋତୁରାଜ ଓ ଅନ୍ୟ ୨ ଜଣ ଛାତ୍ର ମିଶି ପାହେରି ଡେଇଁ ହଷ୍ଟେଲ ବାହାରକୁ ଯାଇଥିଲେ ବୋଲି ସୂଚନା ମିଳିଛି। ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀ ନିଜ କାର୍ଯ୍ୟରେ ଅବହେଳା କରିଥିବା ଏହି ଘଟଣାରୁ ସ୍ପଷ୍ଟ ବାରି ହେଉଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ବର୍ତ୍ତମାନ ପୁଣା କାହିଁକି

## ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ ଋତୁରାଜଙ୍କ ମୃତ୍ୟୁ କୌଣସି ଦୁର୍ଘଟଣା ନା ଯୋଜନାବଦ୍ଧ ଭାବେ ହୋଇଛି ଏହା ତଦନ୍ତ ପରିସରଭୁକ୍ତ ହେବା ଆବଶ୍ୟକ। ଋତୁରାଜଙ୍କ ଘର ଗୁଣ୍ଡୁବେଳି ପଞ୍ଚାୟତ ଅନ୍ତର୍ଗତ କୁଲପଟ ଗ୍ରାମରେ। ବାପା ଦାଦନ ଶ୍ରମିକ ଭାବେ ଚେନ୍ନାଇରେ କାମ କରନ୍ତି ଏବଂ ମା' ଛୋଟ ଭୁଆ ସହିତ ଗ୍ରାମରେ ଦିନ ମଜୁରିଆ ଭାବେ କାମ କରନ୍ତି। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପାତ୍ର କହିଛନ୍ତି ଯେ ରବିବାର ମଧ୍ୟାହ୍ନ ଭୋଜନ ପରେ ୩ ଜଣ ଛାତ୍ର ହଷ୍ଟେଲ ଛାଡି ଯାଇଥିଲେ। ବିଳମ୍ବିତ ରାତିରେ ଋତୁରାଜଙ୍କ ସହ ଯାଇଥିବା ଦୁଇ ଛାତ୍ର ହଷ୍ଟେଲକୁ ଆସିଥିଲେ। ସେମାନେ ଋତୁରାଜଙ୍କ ସମ୍ପର୍କରେ କିଛି ନ କହି ଚୁପ ରହିଥିଲେ। ସୋମବାର ହଷ୍ଟେଲରେ ଋତୁରାଜଙ୍କ ଅନୁପସ୍ଥିତକୁ ନେଇ ସେରଙ୍ଗ ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତି କରି ପୋଲିସ ଖୋଜାଖୋଜି କରିବା ସମୟରେ ହଷ୍ଟେଲ ଠାରୁ ୨ କିମି ଦୂରରେ ଥିବା ତାବରସିଂ ନାଳରୁ ମୃତଦେହ ମିଳିଥିଲା। ତେବେ ଏ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ସଲମାନ ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ ଦେପତ୍ମଆ ଭାବେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି, ଏ ନେଇ ସରକାରଙ୍କୁ ରିପୋର୍ଟ ଦିଆଯାଇଥିବା କହିଛନ୍ତି। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ପ୍ରଶାସନିକ ଅଧିକାରୀ ଏତେ ହାଲୁକା ଭାବେ ଗ୍ରହଣ କରିବାକୁ ସାଧାରଣରେ ନିନ୍ଦା କରାଯାଉଛି। ଏହାର ସରଜମିନ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭଞ୍ଜନଗର,୧୫।୪(ବାବୁଲା ପ୍ରଧାନ)
ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଆୟୋଜିତ ସଭାରେ ଅଧକ୍ଷ ରାଜେନ୍ଦ୍ର ଦାସ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରଙ୍କୁ ଅଧିକ ପାଠପଢ଼ି ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ କହିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସସ୍ମିତା ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ, ଅଧ୍ୟାପକ ରମାକାନ୍ତ ସାହୁ, ଅର୍ପଣ ପ୍ରଧାନ, ବୁଦ୍ଧିବନ୍ତ ବରିହା, ଅଧ୍ୟାପିକା ସୁଧାଶ୍ରୀ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ରନ୍ଧାମଦ ଜବତ, ୩ ଗିରଫ

ଆସିକା,୧୫।୪(ସୁରେନ୍ଦ୍ର ନାଥ ସାହୁ)
ଆସିକା ପୋଲିସ ପକ୍ଷରୁ ମଙ୍ଗଳବାର ସହର ଉପକଣ୍ଠ ପାକଲାପଲ୍ଲୀ ନିକଟସ୍ଥ ବଡନଦୀ ପଠାରେ ବେଆଇନ ଭାବେ ଚାଲିଥିବା ମଦ ଭାଟି ଉପରେ ଚଢାଉ କରାଯାଇ ୬୦ ଲିଟର ରନ୍ଧାମଦ ଜବତ ସହ ୨ହଜାର ଲିଟର ପୋଚ ନଷ୍ଟ କରାଯାଇଛି । ଏହି ଘଟଣାରେ କେ. ରେଣୁ, ଜେ. ରାମୁ ଓ ଦାସୁ ଲକ୍ଷ୍ମୀଙ୍କୁ ଗିରଫ କରାଯାଇଛି। ଏ ନେଇ ମାମଲା ରୁଜୁ ହେବ ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି।

### ନାରୀ ନିର୍ଯାତନା ପ୍ରତିବାଦରେ ମଶାଲ ଶୋଭାଯାତ୍ରା

ବୁଗୁଡା,୧୫।୪(କାଳିଚରଣ ଦାଶ)
ନାରୀ ସୁରକ୍ଷାର ଦାବି ସାଙ୍ଗକୁ ନାରୀ ନିର୍ଯାତନାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପୋଲସରା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅଗସ୍ତି ବରାଡ଼ଙ୍କ ନେତୃତ୍ୱରେ ଏହି ମଶାଲ ଶୋଭାଯାତ୍ରା ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ବାହାରି ବ୍ଲକ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ପୋଲସରା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରଭାରୀ ଅଞ୍ଜନା ତ୍ରିପାଠୀ, ବୁଗୁଡା ବ୍ଲକ୍ ସଭାପତି ଶଙ୍କର୍ଷଣ ବେହେରାଙ୍କ, ପ୍ରାକ୍ତନ ପିସିସି ସଦସ୍ୟ ସୁଜିତ ସ୍ୱାଇଁ, ଜାନକୀ ବଲ୍ଲଭ ରାଉତ, ରାଜେଶ ଜେନା ପ୍ରମୁଖ ସାମିଲ ଥିଲେ।

# କାଳ ବୈଶାଖୀରେ ଭାଙ୍ଗିଲା ଗଛ, ଉଡ଼ିଲା ଛପର



ଛତ୍ରପୁର/ଧରାକୋଟ,୧୫।୪ (ଦିଲୀପ ସାମଲ/ବିଷ୍ଣୁ କେଶରୀ ଆଚାର୍ଯ୍ୟ)
କାଳ ବୈଶାଖୀରେ ମଙ୍ଗଳବାର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଛି। ଛତ୍ରପୁର ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। କିଛି ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିଲା। ଛତ୍ରପୁର ଫାୟର ଅଫିସର ଧନଞ୍ଜୟ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଗଛ କାଟି ରାସ୍ତା ସଫା କରିଛନ୍ତି। ସେହିପରି ଧରାକୋଟ ବ୍ଲକ୍ ସାବା ବଳରାମପୁର ପଞ୍ଚାୟତରେ କାଳ ବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ବର୍ଷା ପବନ ହେବାରୁ ସାବା ପଞ୍ଚାୟତର ଭଳିଆଗୁଡ଼ା ଗ୍ରାମର ଅମାସ ମଣ୍ଡଳ, ସତ୍ୟ ବଡ଼ରଇତ ଓ ସୁମନ୍ତ ଗମାଙ୍ଗଙ୍କ ନୂଆଁ ଟିଣ ଓ ଚାଳ ଛପର ଘରର ଛାତ ଉଡ଼ି ଯାଇଛି। କ୍ଷତିଗ୍ରସ୍ତ ପରିବାରକୁ ରାଜସ୍ୱ ବିଭାଗ ତରଫରୁ ସହାୟତା ସହ ବ୍ଲକ ପ୍ରଶାସନ ତରଫରୁ ପ୍ରଧାମନ୍ତ୍ରୀ ଆବାସ ଯୋଜନାରେ ଘର ଦେବାକୁ ଦାବି ହୋଇଛି।

# କଇଁଛ ଶାବକଙ୍କ ସୁରକ୍ଷା ପାଇଁ ବେଳାଭୂମିରେ ସ୍ୱେଚ୍ଛାସେବୀ ଟିମ୍

ଗଞ୍ଜାମ,୧୫।୪(ବିଦ୍ୟାଧର ସାହୁ)
ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଁଣ ସମୁଦ୍ର ବେଳାଭୂମିର ବାଲୁକା ଶଯ୍ୟାରେ ବେବି ଅଲିଭ ରିଡଲେ ଅଣ୍ଡାରୁ ଜନ୍ମ ହେବା ପରେ ସମୁଦ୍ର ମୁହାଁ ହୋଇ ନୂଆ ଠିକଣା ପାଉଥିବା ଲକ୍ଷ୍ୟ କରାଯାଉଛି। ଏହି ପରିପ୍ରେକ୍ଷୀରେ କିଛି ସାମୁଦ୍ରିକ କଇଁଛ ଶାବକ ବାଟବଣା ହୋଇ ଉପର ମୁହାଁ ହେଉଛନ୍ତି ତ କିଛି ଜାଲରେ ଲାଗି ଓ ଓଲଟି ପଡି ଛଟପଟ ହେଉଛନ୍ତି। ଉକ୍ତ ଶାବକଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ସମୁଦ୍ର ଜଳରେ ଛାଡ଼ିବା ପାଇଁ ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପୋଡ଼ମପେଟା ବେଳାଭୂମିରେ ସ୍ୱେଚ୍ଛାସେବୀ ଟିମ୍ ପହଞ୍ଚି



ସୁରକ୍ଷା ପ୍ରଦାନ କରୁଛନ୍ତି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଗଞ୍ଜାମର ଦିଗଦର୍ଶନ ୟୁଥ କ୍ଲବ୍ ଓ ତାରିଣିପଲି ଗ୍ରାମର ୟୁଥଫର ଭିଲେଜ ପକ୍ଷରୁ କଇଁଛ ଶାବକ୍‌ଙ୍କ ସୁରକ୍ଷା ପାଇଁ ପ୍ରୟାସ କରାଯାଇଛି। ଦିଗଦର୍ଶନ ଅନୁଷ୍ଠାନର ପ୍ରତିଷ୍ଠାତା ବିଜୟଲକ୍ଷ୍ମୀ ମହାନ୍ଙ୍କୁଡ଼, ସଭାପତି ଉମାକାନ୍ତ ବେହେରା, ୟୁଥ ଫର ଭିଲେଜ ସଭାପତି ଡ଼ି.ଦେବହରି ରେଡି, ଶିଶୁ ପରିବେଶବିତ ଡ଼ି. ବ୍ରିଶାଙ୍କ ରେଡି, ରୁପାଲୀ ମହାପାତ୍ର, ମହା ପ୍ରସାଦ ମହାପାତ୍ର, ସୁରଜ ପଣ୍ଡା, ବାସୁଦେବ ଗୌଡ଼, ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟର ଡାକ୍ତରୀ ଛାତ୍ର ଡ଼କ୍ଟର ସୁଶିଲ ଚ୍‌ନାୟକ ପ୍ରମୁଖ ସ୍ୱେଚ୍ଛାସେବୀ ଭୋର ସମୟରୁ ବେଳାଭୂମିରେ ପ୍ଲାଷ୍ଟିକ ପାତ୍ର ଧରି ପହଞ୍ଚିବା ସହ କଇଁଛ ଛୁଆ ଗୁଡ଼ିକୁ ସଂଗ୍ରହ କରି ସମୁଦ୍ର ଜଳରେ ସୁରକ୍ଷିତ ଭାବେ ଛାଡ଼ିବା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ସେହିପରି ଭିୟୁଷ ଅନୁଷ୍ଠାନର କୋଡିନେଟର ଜେ. ଟିଟୁ ଓ ସ୍ୱେଚ୍ଛାସେବୀ ସି ଏଚ ପଦ୍ମିନୀଙ୍କ ନେତୃତ୍ୱରେ ଉକ୍ତ କଇଁଛ ଛୁଆମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଲକ୍ଷ୍ୟ କରାଯାଇଛି।

# ଅଟୋ-ବାଇକ୍ ଧକ୍କା, ଜଣେ ମୃତ

ଗୋପାଳପୁର,୧୫।୪(ନବୀନ ରାଜ ଆଚାରୀ)
୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଥାନା ଅଧିନସ୍ଥ ଚଟି ଛକ ନିକଟରେ ବାଇକ୍ ସହ ଅଟୋକୁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବାଇକ୍ ଚାଳକ ଜଣଙ୍କ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ଇନିଭର ସିଟି ଅଞ୍ଚଳର ଲିଙ୍ଗୁ ମାଝୀ। ଲିଙ୍ଗୁ ଏକ ବାଇକ୍ (ନଂ. ଓଡି୦୭ ଏ -୫୦୮୯)ଯୋଗେ ଇଚ୍ଛାପୁର ପଟୁ ବ୍ରହ୍ମପୁର ଯାଉଥିବା ବେଳେ ଚଟି ଛକ ନିକଟରେ ଏକ ଯାତ୍ରୀବାହୀ ଅଟୋ ସହ ଧକ୍କା ହୋଇଥିଲା। ଖବର ପାଇ ଗୋଳନ୍ଥରା ପୋଲିସ ଓ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସୂଚନା ଦେଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ନିଜ ହେପାଜତକୁ ନେଇଥିବା ବେଳେ ଘଟଣା ସ୍ଥଳରୁ ଚାଳକ ଅଟୋ ନେଇ ଚମ୍ପଟ ମାରିଛି।

# ମହିଳାଙ୍କ ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ଗୋପାଳପୁର,୧୫।୪
(ନବୀନ ରାଜ ଆଚାରୀ)
ଗୋପାଳପୁର ଥାନା ଅଞ୍ଚଳରେ ଲୁଟ, ଡକାୟତି, ଜୁଆ ଖେଳ ସହ ଆଇନ ଶୃଙ୍ଖଳା ଧୀରେ ଧୀରେ ବିପର୍ଯ୍ୟସ୍ତ ଆଡ଼କୁ ମୁହାଁଉଛି। ମଙ୍ଗଳବାର ପ୍ରାତଃ ଭ୍ରମଣ ସମୟରେ ମହିଳାଙ୍କ ବେକରୁ ଦୁର୍ବୃତ୍ତ ମାନେ ସୁନା ଚେନ୍ ଝାମ୍ପି ନେଇଛନ୍ତି। ଏନେଇ ଗୋପାଳପୁର ଥାନା ପୋଲିସ ନିକଟରେ ଅଭିଯୋଗ ହେବା ସହ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ସନକୁଷ୍ଠଳି ଗ୍ରାମର ସନଜୀବନି ଦ୍ୱିତୀୟ ଗଳି ଅଞ୍ଚଳର ଭି.ପଦ୍ମାବତୀ ମଙ୍ଗଳବାର ପ୍ରାତଃ ଭ୍ରମଣ କରୁଥିବା ସମୟରେ ଇନକମ ଟ୍ୟାକ୍ସ କାର୍ଯ୍ୟାଳୟ ସମ୍ମୁଖରେ ହଠାତ ୨ ଦୁର୍ବୃତ୍ତ ଏକ ମୋଟର ସାଇକେଲରେ ପଦ୍ମାବତୀଙ୍କ ନିକଟକୁ ଆସିଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭିତ କରି ବେକରେ ପିନ୍ଧିଥିବା ସୁନା ଚେନକୁ ଝାମ୍ପି ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣା ନେଇ ଗୋପାଳପୁର ଥାନାରେ ପଦ୍ମବତୀ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ କେଶ୍ ନଂ. ୧୦୫/୨୫ରେ ମାମଲା ରୁଜୁ କରିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

# ଭାଜପାର ଗାଁକୁ ଚାଲ କାର୍ଯ୍ୟକ୍ରମ



ନୂଆଗଡ଼,୧୫।୪(ଯୋଗ୍ୟବନ୍ତ ପରିଛା)
ଗଜପତି ଜିଲା ନୂଆଗଡ ବ୍ଲକ ବେତାରସିଂ ପଞ୍ଚାୟତ ବେତାରସିଂ ଗ୍ରାମରେ ଭାଜପାର ନୂଆଗଡ ମଣ୍ଡଳ ସଭାପତି ଦୁର୍ଯ୍ୟୋଧନ ପାଇକଙ୍କ ସଭାପତିତ୍ୱରେ ଗାଁକୁ ଚାଲ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ସଭାପତି ନବକିଶୋର ଶବର, ରାୟଗଡ ମଣ୍ଡଳ ଏମ୍‌ପି ପ୍ରତିନିଧି ପ୍ରଦୀପ ବିଷୋୟୀ, ଜିଲା ସହ ସମ୍ପାଦକ ମନୋଜ ପାଇକ, ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଆଖଣ୍ଡଳମଣି ଗୌଡ଼, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ଆଲୋକ ଦଳେଇ, ନୂଆଗଡ ମଣ୍ଡଳ ସମ୍ପାଦକ ପଞ୍ଚାନନ ବେହରଦଳାଇ, ପୂର୍ବତନ ମଣ୍ଡଳ ସଭାପତି ନକୁଳ ବଡରଇତ, ଆଦିକନ୍ଦ ସୁଦର୍ଶନ ମଣ୍ଡଳ, ବେତାରସିଂ ସରପଞ୍ଚ ସ୍ନେହଲତା ପ୍ରଧାନ, ପୁଟୁରୁପଡ଼ା ସରପଞ୍ଚ ଏବଂ ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ବୈଠକ ପରେ ସ୍ଥାନୀୟ ସରପଞ୍ଚ ଏବଂ ଗ୍ରାମବାସୀଙ୍କ ସହ ମିଶି ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ସହ ଗାଁର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଗାଁର ଉନ୍ନତି ନିମନ୍ତେ ସରକାରଙ୍କୁ ଜଣାଇବାକୁ ଭାଜପା ନେତାମାନେ ପ୍ରତିଶ୍ରୁତି ଦେଇଥିଲେ।


**ସୁଶ୍ରୀ ସ୍ମିତା ଗର୍ଗ, ବିଚାରପତି, ପରିବାର ଅଦାଳତ-୦୧**
ଦକ୍ଷିଣ ପୂର୍ବ, ସାକେତ, ନୂଆଦିଲ୍ଲୀଙ୍କ ଅଦାଳତରେ
ଦାମ୍ପତ୍ୟ ଅଧିକାର ପୁନଃ ସ୍ଥାପନ ନିମନ୍ତେ ଆବେଦନରେ ଡିକ୍ରୀ ଫର୍ଦ୍ଦ
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ XX ନିୟମ ୭)

[illegible]

ଏହି ଆବେଦନ ମୋ ଉପସ୍ଥିତିରେ ... ଆବେଦନକାରୀଙ୍କ ଓକିଲ ଶ୍ରୀ ରାଜପାଲ କାସାନାଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ଫଏସଲା ପାଇଁ ଆସିଛି।
ଜବାବଦାତା ଅନୁପସ୍ଥିତ ଅଛନ୍ତି ତା୧୩।୦୩।୨୦୨୪ରିଖ
ଆଦେଶ ଦିଆଯାଉଛି ଯେ ଆବେଦନକାରୀ ମିନତି ରାଣୀ ମହାପାତ୍ରଙ୍କ ଦ୍ୱାରା ଦାଏର କରାଯାଇଥିବା ହିନ୍ଦୁ ବିବାହ ଅଧିନିୟମର ଧାରା ୯ ଅଧୀନରେ ଆବେଦନକୁ ଏତଦ୍ୱାରା ଅନୁମତି ଦିଆଯାଉଛି ଏବଂ ଆବେଦନକାରୀଙ୍କୁ ଅବିଳମ୍ବେ ତାଙ୍କର ସଂସର୍ଗରେ ଯୋଗଦେବା ପାଇଁ ଅନୁମତି ଦେବା ଲାଗି ଜବାବଦାତା/ମହେଶ ପ୍ରସାଦ ମିଶ୍ରଙ୍କୁ ନିର୍ଦ୍ଦେଶ ଦିଆଯାଉଛି।
ମୋର ଦସ୍ତଖତ ଏବଂ ଅଦାଲତଙ୍କ ମୋହର ଅଧୀନରେ ପ୍ରଦତ୍ତ
ତାରିଖ ୧୩।୦୧।୨୦୨୫ (ସ୍ମିତା ଗର୍ଗ)
ବିଚାରପତି, ପରିବାର ଅଦାଲତ-୦୧,
ଦକ୍ଷିଣ ପୂର୍ବ ଜିଲ୍ଲା, ସାକେତ ଅଦାଲତ, ନୂଆଦିଲ୍ଲୀ



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ସିଟି ଫଟୋ ଷ୍ଟୁଡିଓ**
ପାଇଁ Photoshopରେ ଅଭିଜ୍ଞତା ଥିବା **ଫଟୋଗ୍ରାଫର** ଆବଶ୍ୟକ।
Mob:9337126712

**WANTED**
• MANAGER (MBA) • ACCOUNTANT (Tally) • DATA ENTRY OPERATOR (MS Office & Tally) • OFFICE ASSISTANT • SUPERVISOR
Contact: 9338554697

**APPOINTMENT**
**DISTRICT DISABILITY REHABILITATION CENTRE (DDRC), DEOGARH**
Applications are invited from the Interested Professonal /Personnels for engagement at DDRC, Deogarh on contractual basis for the following posts with eligible criteria. Salary as prescribed by Govt. of India, DDRC Project
**1. Audiologist/Sr. Speech Therapist (1 no.)** Qualification: BASLP/B.Sc. Speech & Hearing with Valid CRR No., **2. Accountant Cum Clerk (1 no.)** Qualification: B.Com with 2 Yrs Experience, **3. Vocational Counsellor. (1 no.)** Qualification: +3 With Diploma in Counselling/ B.R.Sc / ADCGC with Valid CRR No.
**Interested Candidates may send their Resume affix a PP size colour photo, headed as Post applied for with all the qualification certificates and marksheets in single pdf within 300kb. E mail: to ddrcdeogarh@gmail.com as on or before 23rd April, 2025. Shortlisted candidates will be called for Interview. Applications received thereafter shall not be entertained.**
Sd/-
DDRO, DDRC, Deogarh



**ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତ, ଖଲ୍ଲିକୋଟ, ଗଞ୍ଜାମ**
ସି.ଏସ୍. ନଂ.-୧୨୦/୨୦୨୨
ଶ୍ରୀମତୀ କାଞ୍ଚନ ସାହୁ ...ଆବେଦନକାରୀ
ବନାମ
ସନ୍ତୋଷ ପରିଡ଼ା ଓ ଅନ୍ୟାନ୍ୟ ... ପ୍ରତିବାଦୀ
ନୋଟିସ ଅଣ୍ଡର ଅର୍ଡର-୫, ରୁଲ୍-୨୦ ଦେୱାନୀ କାର୍ଯ୍ୟବିଧି ଆଇନ
ପ୍ରାପ୍ତେଷୁ,
(୧) ସନ୍ତୋଷ ପରିଡ଼ା
ପିତା: ଦଣ୍ଡପାଣି ପରିଡ଼ା
(୨) ସୁଶାନ୍ତ ପରିଡ଼ା
ପିତା: ଦଣ୍ଡପାଣି ପରିଡ଼ା
ଉଭୟଙ୍କ ସ୍ଥାୟୀ ଠିକଣା:
ଗ୍ରାମ: ବିକ୍ରମପୁର, ପୋଷ୍ଟ: ବିକ୍ରମପୁର, ଥାନା: ଖଲ୍ଲିକୋଟ
ବର୍ତ୍ତମାନ ଠିକଣା:
ଗ୍ରାମ: ବିକ୍ରମପୁର, ପୋଷ୍ଟ: ବିକ୍ରମପୁର, ଥାନା: ଖଲ୍ଲିକୋଟ
ଏହି ନୋଟିସ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଅଦାଲତରୁ ବାରମ୍ବାର ସ୍ଥାୟୀ ଠିକଣା ଓ ଅବସ୍ଥିତି/ବର୍ତ୍ତମାନ ଠିକଣାରେ ନୋଟିସ ଯାଇ ଆପଣଙ୍କ ଅନୁପସ୍ଥିତି ଥିବାରୁ ଫେରି ଆସୁଅଛି।
ଏଣୁ ଏହି ଖବରକାଗଜ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ଏହି ମକଦ୍ଦମା ଆସନ୍ତା ତା୧୨।୦୫।୨୦୨୫ରିଖକୁ ତୁମ୍ଭର ହାଜିରା ଓ ଜବାବ ପାଇଁ ଦିନ ଧାର୍ଯ୍ୟ ହୋଇଅଛି।
ଏଣୁ ଏହି ଖବରକାଗଜ ନୋଟିସ ପରେ ତୁମ୍ଭେ ସ୍ୱୟଂ କିମ୍ବା ଓକିଲଙ୍କ ଜରିଆରେ ଧାର୍ଯ୍ୟ ତାରିଖ ଦିନ କୋର୍ଟରେ ହାଜର ହୋଇ ମକଦ୍ଦମା ତଦାରଖ କରିବେ। ଆପଣଙ୍କ ଉପସ୍ଥିତିରେ ମକଦ୍ଦମା ଫଏସଲା କରାଯିବ। ଏହାପରେ ଯଦି ଆପଣ କିମ୍ବା ଆପଣଙ୍କ ଓକିଲ ମାଧ୍ୟମରେ ଅଦାଲତରେ ଧାର୍ଯ୍ୟ ତାରିଖରେ ଉପସ୍ଥିତ ନ ହୁଅନ୍ତି ତେବେ ମାମଲା କୋର୍ଟଙ୍କ ଦ୍ୱାରା ଏକତରଫା ବିଚାର କରାଯିବ।
ଅଦ୍ୟ ତା୧୧।୦୪।୨୦୨୫ ଆମ୍ଭର ଦସ୍ତଖତ ଓ ଅଦାଲତଙ୍କ ମୋହର କ୍ରମେ ଦିଆଗଲା।
ସ୍ୱା./- ବରିଷ୍ଠ ଦେୱାନୀ ବିଚାରପତି, ଖଲ୍ଲିକୋଟ



**ଦକ୍ଷିଣ ପୂର୍ବ ରେଳପଥ, ଆଦ୍ରା ମଣ୍ଡଳ ସହ ସହବନ୍ଧନ ପାଇଁ ଆଗ୍ରହର ଅଭିବ୍ୟକ୍ତି**
ମଣ୍ଡଳ ଚିକିତ୍ସାଳୟ ଏବଂ ଆଦ୍ରା ଡିଭିଜନର ସ୍ୱାସ୍ଥ୍ୟ ୟୁନିଟ୍‌ର ରେଳବାଇ ହିତାଧିକାରୀଙ୍କ ପାଇଁ ସିଜିଏଚ୍‌ଏସ୍ ଦର କିମ୍ବା ଚିକିତ୍ସାଳୟ ଦରରେ, ଯାହା କମ୍ ହେଉଥିବ, ୦୨ (ଦୁଇ) ବର୍ଷ ଅବଧି, ଯାହାକୁ ପାରସ୍ପରିକ ରାଜିନାମା ଦ୍ୱାରା ଅଧିକ ସମୟ ପାଇଁ ବୃଦ୍ଧି କରାଯାଇପାରେ, ନିମନ୍ତେ (i) ସ୍ପେଶାଲିଟି ଓ ସୁପର୍ ସ୍ପେଶାଲିଟି ଚିକିତ୍ସା ପାଇଁ ଦକ୍ଷିଣ ପୂର୍ବ ରେଳପଥ, ମଣ୍ଡଳ ଚିକିତ୍ସାଳୟ/ଆଦ୍ରା ସହ ସହବନ୍ଧନ ପାଇଁ ବିଭିନ୍ନ ଚିକିତ୍ସାଳୟ ଏବଂ (ii) ପାଥୋଲୋଜିକାଲ, ସି.ଟି. ସ୍କାନ୍, ଏମ୍‌ଆର୍‌ଆଇ, ପିଇଟି ସ୍କାନ୍, ଇସିଜି, ଇଇଜି, ୟୁଏସ୍‌ଜି, ଏକ୍ସ-ରେ, ଅପର୍ ଓ ଲୋୟର ଜି.ଆଇ. ଏଣ୍ଡୋସ୍କୋପି, ମାମୋଗ୍ରାଫି, ଇକୋକାର୍ଡିଓଗ୍ରାଫି, ଶିରାର କଲର୍ ଡପ୍‌ଲର୍ ଷ୍ଟଡି ଇତ୍ୟାଦି ଭଳି ଅନୁସନ୍ଧାନ ନିମନ୍ତେ ଡାଇଗ୍ନୋଷ୍ଟିକ୍ ସେଣ୍ଟର/ଚିକିତ୍ସାଳୟଗୁଡ଼ିକଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଆଗ୍ରହୀ ଚିକିତ୍ସାଳୟ/ଡାଇଗ୍ନୋଷ୍ଟିକ୍ ସେଣ୍ଟରଗୁଡ଼ିକୁ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୨୧ ଦିନ ଅବଧି ମଧରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ସହ ସିଏମ୍‌ଏସ୍/ଦ.ପୂ. ରେଳପଥ/ଆଦ୍ରା, ପୋଷ୍ଟ- ଆଦ୍ରା, ଜିଲ୍ଲା- ପୁରୁଲିଆ, ପିନ୍- ୭୨୩୧୨୧ (ପଶ୍ଚିମବଙ୍ଗ)ଙ୍କୁ ଡାକରେ କିମ୍ବା **cmsadra365@gmail.com**ରେ ଇମେଲ୍ ଜରିଆରେ ଆବେଦନ କରିପାରିବେ । ବିବରଣୀ ୱେବ୍‌ସାଇଟ୍ **www.ser.indianrailways.gov.in (division-Adra-Department-Medical-notification**କୁ ଯାଆନ୍ତୁ)ରେ ଉପଲବ୍ଧ।
**ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ଆଦ୍ରା**
(PR-46)
South Eastern Railway
We serve with a smile



**କାର୍ୟପାଲକ अभियन्ता का कार्यालय,**
पेयजल एवं स्वच्छता प्रमण्डल संख्या–1, धनबाद
**शुद्धि–पत्र**

पेयजल एवं स्वच्छता प्रमण्डल सं.1, धनबाद के अन्तर्गत ई–प्रोक्यूरमेन्ट निविदा आमंत्रण सूचना संख्या– DHANBAD-1/OandM/01/2025-26 जिसका सूचना एवं जनसम्पर्क विभाग के PR No.- 349673 (Drinking Water and Sanitation) 25-26 है, में निम्नलिखित संशोधन संसूचित किया जाता है।

| क्र. | विवरणी | पूर्व में प्रकाशित सूचना | संशोधित सूचना |
|---|---|---|---|
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5 .00 बजे अपराह्न तक। | 19.04.2025, 5 .00 बजे अपराह्न तक। |
| 4 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03 .10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5 .00 बजे अपराह्न तक। | 19.04.2025, 5 .00 बजे अपराह्न तक। |
| 5 | तकनीकी बीड खोलने की तिथि एवं समय: | 15.04.2025, 05.00 बजे अपराह्न | 21.04.2025, 5.00 बजे अपराह्न |

शेष सभी शर्तें यथावत रहेगी।
PR 350352 Drinking Water and Sanitation(25-26)D
कार्यपालक अभियन्ता,
पेयजल एवं स्वच्छता प्रमण्डल संख्या–1, धनबाद



**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/01**
Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/1000002467 | Rate Contract for SITC of Air Conditioners across TPCODL for 1 year |
| 2 | TPCODL/P&S/2025-26/1000002481 | Rate Contract for Supply of Safety Hand Gloves for 2 Years |
| 3 | TPCODL/P&S/2025-26/1000002482 | Rate Contract for Supply of 09Mtr. PSC poles for 1 Year |
| 4 | TPCODL/CCG/2025-26/1000002512 | Rate Contract for Supply of Three Phase Smart Meters at Odisha DISCOMs for 1 Year |
| 5 | TPCODL/CCG/2025-26/1000002513 | Rate Contract for Supply of Meter Boxes at Odisha DISCOMs for 1 Year |
| 6 | TPCODL/CCG/2025-26/1000002515 | Rate Contract for Supply of UPS under TPNODL and TPWDOL for 1 Year |
| 7 | TPCODL/CCG/2025-26/1000002518 | Rate Contract for SITC of Control Relay Panel for Odisha DISCOMs for 1 Year |
| 8 | TPCODL/P&S/2025-26/1000002516 | Rate Contract for Construction of Store Shed for 1 Year |
| 9 | TPCODL/P&S/2025-26/1000002493 | Strengthening of electrical infrastructure in elephant corridor & movement area in TPCODL on Turnkey basis |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd.17.04.2025**. Future communication / corrigendum to tender documents, if any, shall be available on TPCODL website.



**ପୂର୍ବ ତଟ ରେଳପଥ**
**ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 23 SLRs ଏବଂ 1 VP ର ଇ-ନିଲାମୀ**

| କ୍ରମ ସଂ. | ଟ୍ରେନ୍ ନଂ. | ଠାରୁ-ପର୍ଯ୍ୟନ୍ତ | ଲଟ୍ ସମାପ୍ତି ତାରିଖ ଓ ସମୟ |
|---|---|---|---|
| 1 | 12815-16 | ପୁରୀ-ଆନନ୍ଦ ବିହାର ଟର୍ମିନାଲ (ରାଉଣ୍ଡ ଟ୍ରିପ୍) | 19.04.2025, 1130 ଘଟିକା |
| 2 | 20918 | ପୁରୀ-ଇନ୍ଦୋର | 21.04.2025, 1130 ଘଟିକା |
| 3 | 12822 | ପୁରୀ-ଶାଲିମାର | 21.04.2025, 1140 ଘଟିକା |
| 4 | 12888 | ପୁରୀ-ଶାଲିମାର | 21.04.2025, 1150 ଘଟିକା |
| 5 | 12994 | ପୁରୀ-ଗାନ୍ଧୀଧାମ | 21.04.2025, 1200 ଘଟିକା |
| 6 | 18419 | ପୁରୀ-ଜୟନଗର | 21.04.2025, 1210 ଘଟିକା |
| 7 | 20823 | ପୁରୀ-ଅଜମେର | 21.04.2025, 1220 ଘଟିକା |
| 8 | 22819 | ଭୁବନେଶ୍ୱର-ବିଶାଖାପାଟଣା | 21.04.2025, 1230 ଘଟିକା |
| 9 | 12281 | ଭୁବନେଶ୍ୱର-ନୂଆଦିଲ୍ଲୀ | 21.04.2025, 1240 ଘଟିକା |
| 10 | 22866 | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ | 21.04.2025, 1250 ଘଟିକା |
| 11 | 12843 | ପୁରୀ-ଅହମଦାବାଦ | 21.04.2025, 1300 ଘଟିକା |
| 12 | 22823 | ଭୁବନେଶ୍ୱର-ନୂଆଦିଲ୍ଲୀ | 21.04.2025, 1310 ଘଟିକା |
| 13 | 22805 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ | 21.04.2025, 1320 ଘଟିକା |
| 14 | 18425 | ପୁରୀ-ଦୁର୍ଗ | 21.04.2025, 1330 ଘଟିକା |
| 15 | 20472 | ପୁରୀ-ବିକାନେର | 21.04.2025, 1340 ଘଟିକା |
| 16 | 20813 | ପୁରୀ-ଯୋଧପୁର | 21.04.2025, 1350 ଘଟିକା |
| 17 | 12819 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ | 21.04.2025, 1400 ଘଟିକା |
| 18 | 12880 | ଭୁବନେଶ୍ୱର-ଲୋକମାନ୍ୟ ତିଲକ ଟର୍ମିନସ୍ | 21.04.2025, 1410 ଘଟିକା |
| 19 | 12875 | ପୁରୀ-ଆନନ୍ଦ ବିହାର ଟର୍ମିନାଲ | 21.04.2025, 1420 ଘଟିକା |
| 20 | 12815 | ପୁରୀ-ଆନନ୍ଦ ବିହାର ଟର୍ମିନାଲ | 21.04.2025, 1430 ଘଟିକା |
| 21 | 18463 | ଭୁବନେଶ୍ୱର-ବେଙ୍ଗାଲୁରୁ | 21.04.2025, 1440 ଘଟିକା |
| 22 | 18410 | ପୁରୀ-ଶାଲିମାର | 21.04.2025, 1450 ଘଟିକା |
| 23 | 11020 | ଭୁବନେଶ୍ୱର-ଛତ୍ରପତି ଶିବାଜୀ ଟର୍ମିନସ୍ | 21.04.2025, 1500 ଘଟିକା |
| 24 | 12146 | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ | 21.04.2025, 1510 ଘଟିକା |

ଫ୍ରଣ୍ଟ/ରିଅର SLR: VP (କ୍ରମ ସଂ.1 ପାଇଁ), F-1 (କ୍ରମ ସଂ. 2 ରୁ 5, 10, 12, 13, 16, 17, 19 ରୁ 21 ପାଇଁ), R-1 (କ୍ରମ ସଂ. 6 ରୁ 9, 11, 14, 15, 18, 22 ରୁ 24 ପାଇଁ)। ପରିଚାଳନ ଦିବସ: 2 ଦିନ (କ୍ରମ ସଂ. 1, 7, 17 ଏବଂ 18 ପାଇଁ), 1 ଦିନ (କ୍ରମ ସଂ. 2, 4 ରୁ 6, 9, 10, 13, 15, 16 ଏବଂ 24 ପାଇଁ), 7 ଦିନ (କ୍ରମ ସଂ. 3, 8, 14, 21 ରୁ 23 ପାଇଁ), 4 ଦିନ (କ୍ରମ ସଂ. 11, 12 ଏବଂ 20 ପାଇଁ), 3 ଦିନ (କ୍ରମ ସଂ. 19 ପାଇଁ)। ଲଟ୍ ଆରମ୍ଭ ତାରିଖ ଓ ସମୟ: 19.04.2025, 1100 ଘଟିକା (କ୍ରମ ସଂ. 1 ପାଇଁ) ଏବଂ 21.04.2025, 1100 ଘଟିକା (କ୍ରମ ସଂ. 2 ରୁ 24 ପାଇଁ)। ସର୍ବନିମ୍ନ ବୃଦ୍ଧି: 0.20% (କ୍ରମ ସଂ. 1 ରୁ 24 ପାଇଁ)। ଲଟ୍ ସ୍ଥିତି: ଡ୍ରାଫ୍ଟ କ୍ୟାଟାଲଗରେ ନୂଆ (କ୍ରମ ସଂ.1 ରୁ 24 ପାଇଁ)।
ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ।
PR-31/Q/25-26
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ଼



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking
**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିଡ୍‌ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]
ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରେଢ଼ାଖୋଲ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ରେଢ଼ାଖୋଲ ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତା/ଆଇନଗତଉତ୍ତରାଧିକାରୀଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ମହିମା ଇଣ୍ଡେନ, ସ୍ୱତ୍ତ୍ୱାଧିକାରୀ: ମୃତକ କଳ୍ପନା ନାୟକଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ତରଫରୁ ପ୍ରତିନିଧିତ୍ୱ: ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ / ବନ୍ଧକଦାତା / ଗ୍ୟାରେଣ୍ଟିଦାତା: ମୃତକ କଳ୍ପନା ନାୟକଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀମାନଙ୍କ ତରଫରୁ ପ୍ରତିନିଧିତ୍ୱ: ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ, ସମସ୍ତଙ୍କ ଠିକଣା- ସା: ସାକସିଂହା, ଥାନା: ଅନୁଗୁଳ ସଦର, ତହସିଲ: ବଥଁରପାଳ, ଜିଲ୍ଲା: ଅନୁଗୁଳ-୭୫୯୧୨୩ | ଟ.୧୭,୩୨,୫୫୮.୫୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୩୦.୧୧.୨୦୨୪ / ୧୧.୦୪.୨୦୨୫ | ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ, ପୃଥିବୀ ରାଜ ସିଂହମନ୍ତ୍ରୀ, ଖରାଦୀ ମହିମା ଏବଂ ଜୟଶ୍ରୀ ମହିମା (୰କଳ୍ପନା ନାୟକଙ୍କ ଆଇନଗତ ଉତ୍ତରାଧିକାରୀମାନେ)ଙ୍କ ନାମରେ ଥିବା ଜମି ଏବଂ ସେଠାରେ ଥିବା ବ୍ୟବସାୟୀକ ଗୃହ (ଏଲପିଜି ଗୋଦାମ) ଯାହାର ମୌଜା: ବର୍ଷକିୟାଖୋଲ, ଥାନା: ରାମପୁର, ତହସିଲ: ରେଢ଼ାଖୋଲ, ଜିଲ୍ଲା: ସମ୍ବଲପୁର, ମ୍ୟୁଟେସେନ ଖାତା ନଂ.: ୩୧୯/୧୪, ପ୍ଲଟ୍ ନଂ.: ୧୩୯/୩୯୫, କ୍ଷେତ୍ର: ଏକର ୧.୪୦ ଡ଼ିସିମିଲି, ପ୍ଲଟ୍ ନଂ.: ୧୩୯/୩୯୬, କ୍ଷେତ୍ର: ଏକର ୦.୨୦ ଡ଼ିସିମିଲି, ପ୍ଲଟ୍ ନଂ.: ୧୩୯/୩୯୭, କ୍ଷେତ୍ର: ଏକର ୦.୪୦ ଡ଼ିସିମିଲି, ସମୁଦାୟ ୧ଟି ଖାତା, ୩ଟି ପ୍ଲଟ୍, **ସମୁଦାୟ କ୍ଷେତ୍ର: ଏକର ୨.୦୦ ଡ଼ିସିମିଲି** |

ସ୍ଥାନ: ସମ୍ବଲପୁର
ତାରିଖ: ୧୫.୦୪.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# କନ୍ଧମାଳ ଜିଲା ସମଗ୍ର ଶିକ୍ଷା ଅଭିଯାନରେ ଅନିୟମିତତା

ଫୁଲବାଣୀ, ୧୫।୪
(ରାକେଶ କୁମାର ରାଉତ)

**■ଟିସିଙ୍କ ଆକାଉଣ୍ଟକୁ ଯାଉଛି କୋଟି କୋଟି ଟଙ୍କା**
**■୧୭ ବର୍ଷ ଧରି ଜଣେ ଟିସିଙ୍କ ବଦଳି ନାହିଁ**

ସର୍ବଶିକ୍ଷା ଅଭିଯାନ ଏବେ ସମଗ୍ର ଶିକ୍ଷା ଅଭିଯାନରେ ପରିଣତ ହୋଇଛି। ପ୍ରାଥମିକ ଶିକ୍ଷାକୁ ବେଶ୍ ଗୁରୁତ୍ୱ ଦେବାକୁ ଏହା ହୋଇଛି। ଅଭିଯାନରେ ସ୍କୁଲ ଶ୍ରେଣୀ ଗୃହ, ପାଇଖାନା, ବିଦ୍ୟୁତୀକରଣ, ଶିକ୍ଷଣ ସାମଗ୍ରୀ ପାଇଁ ବ୍ୟାପକ ଅର୍ଥ ଆସୁଛି । ମାତ୍ର ଯେଭଳି ନିୟମ ଅନୁସାରେ କାର୍ଯ୍ୟ ହେବା କଥା କନ୍ଧମାଳ ଜିଲା ସମଗ୍ର ଶିକ୍ଷା ଅଭିଯାନରେ ସେପରି ହେଉନି। ସରକାରଙ୍କ ଅର୍ଥକୁ ବେଆଇନ ଭାବେ ଆତ୍ମସାତ କରାଯାଉଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ସରକାରଙ୍କ ନିୟମକୁ ମୋଡିମକଚି କୋଟିକୋଟି ଟଙ୍କା ଟିସି (ଟେକ୍‌ନିକାଲ କନ୍‌ସଲଟାଣ୍ଟ)ଙ୍କ ଆକାଉଣ୍ଟକୁ ପଠାଯାଉଛି । ଯଦି ଟିସି ସେହି ଟଙ୍କା ନେଇ ଫେରାର ହେବେ, ତେବେ ଦାୟିତ୍ୱ କିଏ ମୁଣ୍ଡ ଉପରକୁ ନେବ ବୋଲି ଏବେ ପ୍ରଶ୍ନ ଉଠିଛି। ସେହିପରି ଏକାଧିକ ଟିସିଙ୍କ ବଦଳି ହେଉନାହିଁ। ଜଣେ ଟିସି ୧୭ ବର୍ଷ ଧରି ଗୋଟିଏ ସ୍ଥାନରେ ଅଛନ୍ତି। ତାଙ୍କ ଆକାଉଣ୍ଟକୁ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ପାଖାପାଖି ୪ କୋଟି ୨୭ ଲକ୍ଷ ଟଙ୍କା ଛଡାଯାଇଛି।

ମିଳିଥିବା ସୂଚନାରୁ ଜଣାପଡିଛି, ୨୦୨୪-୨୫ ଆର୍ଥିକ ବର୍ଷରେ ସ୍କୁଲରେ ବିଦ୍ୟୁତୀକରଣ ଏବଂ ପାଇଖାନା ପାଇଁ ଗତ ମାର୍ଚ୍ଚ ମାସରେ ଟିସିମାନଙ୍କ ଆକାଉଣ୍ଟକୁ ଅଗ୍ରିମ ଟଙ୍କା ପଠାଯାଇଛି। ଏବେ ଏପ୍ରିଲ ସରିବାକୁ ବସିଲାଣି। କୌଣସି ସ୍ଥାନରେ କାମ ଶେଷ ହୋଇନାହିଁ । କୋଟି କୋଟି ଟଙ୍କା କାହିଁକି ଏବଂ କେଉଁ ପରିସ୍ଥିତିରେ ସେମାନଙ୍କ ଆକାଉଣ୍ଟକୁ ପଠାଯାଉଛି ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ମତ ପ୍ରକାଶ ପାଉଛି। ସରକାରଙ୍କ ନିୟମ ଅନୁସାରେ ଟିସିଙ୍କ ନାମରେ ଆକାଉଣ୍ଟ ରହିପାରିବ ନାହିଁ । ଏଥିରେ ଆଉ ଜଣେ ଅଧିକାରୀ ହୁଅନ୍ତୁ କିମ୍ବା ଏସ୍‌ଟିସି(ସିନିୟର ଟିସି) ରହି ପାରିବେ। ଏହାଦ୍ୱାରା ଜଣେ ଚାହିଁଲେ ଟଙ୍କା ଉଠାଇ ପାରିବନାହିଁ। ଦୁଇ ଜଣ ଦସ୍ତଖତ କଲେ ହିଁ ଟଙ୍କା ଉଠାଣ ହେବ । ହେଲେ ଏଠାରେ ସେପରି ନିୟମକୁ ଅଣଦେଖା କରାଯାଉଛି।

ତୁମୁଡିବନ୍ଧ ଏବଂ କୋଟଗଡ ବ୍ଲକକୁ ଉଦାହରଣ ରୂପେ ନେଲେ ସେଠାରେ କିଭଳି ବ୍ୟାପକ ଜାଲିଆତି ହୋଇଛି ତାହା ସ୍ପଷ୍ଟ ହେଉଛି। ଏହି ଦୁଇଟି ବ୍ଲକ ଦାୟିତ୍ୱରେ ଜଣେ ଟିସି ରହିଛନ୍ତି। ସେ ହେଲେ ବୈରୀଗଞ୍ଜନ ବ୍ରହ୍ମାନନ୍ଦ ବେହେରା। ଦୀର୍ଘ ୧୭ ବର୍ଷ ହେଲା ସେ ଏହି ବ୍ଲକ ଦାୟିତ୍ୱରେ ଅଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ତାଙ୍କ ଆକାଉଣ୍ଟକୁ ଯେତିକି ଟଙ୍କା ଯାଇଥିଲା, ନୂତନ ଆର୍ଥିକ ବର୍ଷ ଆରମ୍ଭ ହେଲା ବେଳକୁ ତାଙ୍କ ଉପରେ ପାଖାପାଖି ୨ କୋଟି ଟଙ୍କା ଥିଲା । ଯାହାର ସୁଧମୂଳ ହିସାବ ଏଯାଏ ବିଭାଗ ପାଖରେ ନାହିଁ । ଅର୍ଥାତ ଏସବୁ ଅର୍ଥକୁ ଆତ୍ମସାତ କରାଯାଇଛି । ୨୦୨୩-୨୪ରେ ଏଫ୍‌ଏଲ୍‌ଏନ୍(ଭାଷା ସାକ୍ଷରତା ଓ ସଂଖ୍ୟା ମୂଳକତା) କାର୍ଯ୍ୟକ୍ରମ ପାଇଁ ବହୁ ଅର୍ଥ ଆସିଥିଲା। କୋଟଗଡ ଟିସିଙ୍କ ଆକାଉଣ୍ଟକୁ ଏହି ବାବଦରେ ୧ କୋଟି ୬୦ ଲକ୍ଷ ଟଙ୍କା ଯାଇଥିଲା । ଯେଉଁ କାମସବୁ ହେଲା ତାହା ଅତି ନିମ୍ନମାନର । ଆଜି ପର୍ଯ୍ୟନ୍ତ କାମ ଶେଷ ହୋଇନି କି ୟୁସି ଦାଖଲ ହୋଇନି । ଏସବୁ ପରେ ପୁଣି ଏବେ ତାଙ୍କ ଆକାଉଣ୍ଟକୁ ୬୭ ଲକ୍ଷ ୫୦ ହଜାର ଟଙ୍କା ପଠାଯାଇଛି । ବର୍ତ୍ତମାନ ସୁଦ୍ଧା ତାଙ୍କ ପାଖରେ ୪ କୋଟି ୨୭ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ପଡି ରହିଛି । ଏହି ଟଙ୍କାର ହିସାବ କି ସୁଧ ଟଙ୍କା ଉପରେ ବିଭାଗ ଚୁପ୍ ରହିଛି। ଏହି ଘଟଣା ଜଣାପଡିବା ପରେ ତତ୍କାଳୀନ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ସୁଧ ଟଙ୍କାର ହିସାବ ମାଗିଥିଲେ । ତାଙ୍କର ବଦଳି ହୋଇଯିବାରୁ ତାହାକୁ ବିଭାଗ ଚାପି ଦେଇଛି ।

ସମ୍ପୃକ୍ତ ଟିସି ବେହେରା ଏବଂ ବାଲିଗୁଡା ଟିସିଙ୍କ ବେଆଇନ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଓସେପାକୁ ଏମାନଙ୍କ ବଦଳି ପାଇଁ ଚିଠି ଲେଖିଥିଲେ। ବିଭାଗ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ସମଗ୍ର ଶିକ୍ଷାକୁ ପଠାଇଥିଲା । ହେଲେ ଡିପିସି ତଥା ତତ୍କାଳୀନ ଜିଲା ଶିକ୍ଷାଧିକାରୀ ତାହାକୁ ଚାପି ଦେଲେ । ଏଯାଏ ସେମାନଙ୍କ ନାମରେ ତଦନ୍ତ ରିପୋର୍ଟ ଯାଇ ନ ଥିବା ଜଣାପଡିଛି। ଏହି ଅଭିଯୋଗ ସମ୍ପର୍କରେ ଟିସି ବେହେରାଙ୍କୁ ପଚାରିବାରୁ ମୋ ଆକାଉଣ୍ଟକୁ ଟଙ୍କା ଆସି ନ ଥିବା କହିଛନ୍ତି। ତେବେ ଘଟଣା ନେଇ ଏଫ୍‌ସି(ଫାଇନାନ୍‌ସିଆଲ କନ୍‌ସଲଟାଣ୍ଟ) ତନୁଜ ପାଣିଗ୍ରାହୀଙ୍କୁ ପଚାରିବାରୁ ଟଙ୍କା ଆକାଉଣ୍ଟକୁ ଯାଇଥିବା କହିଛନ୍ତି।

## ଆନ୍ଧ୍ର କଲେଜରେ ଚମକିଲେ ଓଡ଼ିଆ ଝିଅ



ପାତ୍ରପୁର,୧୫।୪
(ଉମା ଚରଣ ନେପାକ)

ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା କାଞ୍ଚିଲିମଣ୍ଡଳ ସାରିଆପଲୀ ସ୍ଥିତ ଏପି ମଡେଲ କଲେଜରେ ଅଧ୍ୟୟନରତ ଓଡ଼ିଆ ଝିଅ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟର ଏବଂ ପାତ୍ରପୁର ଅଞ୍ଚଳର ଗର୍ବ ବଢ଼ାଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜୟନ୍ତୀପୁର ପଞ୍ଚାୟତ ବୋରିବାଡ ଗ୍ରାମର ଆଲୁ ରମେଶ ଓ ମୋହିନୀଙ୍କ ଦ୍ୱିତୀୟ ଝିଅ ଆଲୁ ସ୍ୱନ୍ଦନା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସାରିଆପଲୀ ସ୍ଥିତ ଏପି ମଡେଲ କଲେଜ ଓ ସାରିଆପଲୀ ଗ୍ରାମ ଭଦ୍ରବ୍ୟକ୍ତିଙ୍କ ତରଫରୁ କଲେଜସ୍ତରରେ +୨ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରୀଛାତ୍ରଙ୍କୁ ଏକତ୍ରିତ କରି ଆଲୁ ସ୍ୱନ୍ଦନାଙ୍କୁ ସମ୍ବର୍ଦ୍ଧନା କରିଥିଲେ।
ଆଲୁ ସ୍ୱନ୍ଦନା ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଜୟନ୍ତୀପୁର ଇଂରେଜୀ ମାଧ୍ୟମ ପାଠ୍ୟକ୍ରମ ସମାପନ କରି ପଞ୍ଚମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବରଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରେ ନବମ ଦଶମ ଶ୍ରେଣୀ ବରଙ୍ଗ ସରକାରୀ ଅପ ଗ୍ରେଡ ହାଇସ୍କୁଲ ସରକାରୀ ବିଦ୍ୟାଳୟରେ ପାଠ୍ୟକ୍ରମ ସମାପନ କରିଥିଲେ। ଦଶମ ବୋର୍ଡ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ସାରିଆପଲୀ ଏପି ମଡେଲ କଲେଜରେ +୨ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ଅଧିକ ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଥିଲେ। ଚଳିତ ବର୍ଷ ପରୀକ୍ଷାରେ ମଣ୍ଡଳ ଓ ବ୍ଲକସ୍ତରରେ ୫୫୫ ଜଣ ଛାତ୍ରୀଛାତ୍ର +୨ ଦ୍ୱିତୀୟ ବର୍ଷ ପରୀକ୍ଷାରେ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ସମସ୍ତଙ୍କ ଠାରୁ ଅଧିକ ମାର୍କ ରଖି ସଫଳତା ହାସଲ କରିଛନ୍ତି । ସ୍ୱନ୍ଦନା ତାଙ୍କ ସଫଳତା ପାଇଁ ନିଜର ଶ୍ରମ, ସରକାରୀ ଶିକ୍ଷକମାନଙ୍କ ନିର୍ଦ୍ଦେଶନା ଓ ପରିବାରର ସହଯୋଗକୁ ଶ୍ରେୟ ଦେଇଛନ୍ତି। ଏନେଇ ସ୍ୱନ୍ଦନାଙ୍କୁ ତାଙ୍କ ଭବିଷ୍ୟତ ବିଷୟରେ ପଚାରିବାରୁ ସେ ବି ଫାର୍ମାସିଷ୍ଟ ହେବାକୁ ଚାହାଁନ୍ତି ବୋଲି କହିଛନ୍ତି।

## ସଂକ୍ଷେପରେ

### ଆସିକା ତହସିଲରେ ଉଲ୍ଲେଖନୀୟ ରାଜସ୍ୱ ଆଦାୟ

ଆସିକା,୧୫।୪(ସୁରେନ୍ଦ୍ର ନାଥ ସାହୁ)

୨୦୨୪-୨୫ ଆର୍ଥିକ ବର୍ଷରେ ଆସିକା ତହସିଲର ରାଜସ୍ୱ ଆଦାୟ ୧୫୬ ପ୍ରତିଶତ ହୋଇଛି । ଜିଲା ପ୍ରଶାସନ ପକ୍ଷରୁ ଏହି ତହସିଲକୁ ୨କୋଟି ୩୨ ଲକ୍ଷ ୯୬ ହଜାର ୮୧୧ ଟଙ୍କା ଆଦାୟ ଲାଗି ଧାର୍ଯ୍ୟ କରାଯାଇଥିଲା। ତେବେ ଆଦାୟ ୩କୋଟି ୬୩ ଲକ୍ଷ ୫୮ହଜାର ୯୨ଟଙ୍କା ହୋଇଛି । ଆସିକା ତହସିଲର ୯ଟି ରାଜସ୍ୱ ସର୍କଲ ଜଳକର, ଜମିର ଖଜଣା ଓ ଲଘୁ ଖଣିଜ ପଦାର୍ଥରୁ ଏହା ଆଦାୟ ହୋଇଛି । ଏଥିମଧ୍ୟରୁ ରୟାଲଟି ବାବଦକୁ ୧କୋଟି୫ଲକ୍ଷ ୮୧ହଜାର ୭୯୯, ବାଲି, ପଥର, ଇଟା ଲଘୁ ଖଣିଜ ପଦାର୍ଥର ଚୋରା କାରବାର ଓ ଚୋରା ଚାଲାଣ ଉପରେ ଜରିମାନା ବାବଦକୁ ୯୦ଲକ୍ଷ ୬୯ହଜାର ୮୫୮ଟଙ୍କା ଏବଂ ଖଜଣା, ଜଳକର ଓ ଅନ୍ୟାନ୍ୟ ବାବଦରୁ ୮୭ଲକ୍ଷ ୬ହଜାର ୪୩୫ଟଙ୍କା ଆଦାୟ ହୋଇଥିବା ଜଣାପଡିଛି । ଆସିକା ତହସିଲଦାର ସଙ୍ଗୀତା ସେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ବଳରେ ଏହି ସଫଳତା ହାସଲ ହୋଇପାରିଛି।

### ଛତ୍ରପୁର ଥାନା କନଷ୍ଟେବଲଙ୍କ ବିୟୋଗ

ଛତ୍ରପୁର,୧୫।୪(ଦିଲ୍ଲୀପ ସାମଲ)

ଛତ୍ରପୁର ଥାନା କନଷ୍ଟେବଲ ପି. କାଣ୍ଡେଶ୍ୱର ପ୍ରଧାନଙ୍କ ମୃତ୍ୟୁ ହୋଇଛି। କାଣ୍ଡେଶ୍ୱର ଅସୁସ୍ଥ ଥିବାରୁ ସୋମବାର ତାଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ପାର୍ଥିବ ଶରୀର ଛତ୍ରପୁର ଥାନା ପରିସରକୁ ଅଣାଯାଇଥିବା ବେଳେ ଗଞ୍ଜାମ ପୋଲିସ ଜିଲାର ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟି, ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡେଇ, ଛତ୍ରପୁର ଥାନାଧିକାରୀ ଦେବାଶିଷ ମହାନ୍ତି, କନଷ୍ଟେବଲ ସଙ୍ଘର ସଭାପତି ଗୋରା ଚାନ୍ଦ ତ୍ରିପାଠୀଙ୍କ ସମେତ ଛତ୍ରପୁର ଥାନାର ବହୁ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ ।

### ଚୋରି ଅଭିଯୋଗରେ ୨ ଗିରଫ

**ଏକାଧିକ ଥାନାରେ ରହିଛି ମାମଲା**

ପୋଲସରା,୧୫।୪(ସୁବ୍ରତ ବେହେରା): ଚୋରି ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପୋଲସରା ଥାନା ରାଣିପଡାର କବିରାଜ ବିଷୋୟୀ (୬୨) ଓ ଲକ୍ଷ୍ମୀକାନ୍ତ ମହାରଣା (୨୮)। ଉଭୟେ ପେସାଦାର ଅପରାଧୀ ବୋଲି ରବିବାର ଖବରଦାତା ସମ୍ମିଳନୀରେ ଏସଡିପିଓ ଦୀପକ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେମାନଙ୍କ ନାଁରେ ପୂର୍ବରୁ କବିସୂର୍ଯ୍ୟନଗର ଥାନା, ବୁଗୁଡ଼ା, ବାଲିପଦର ଆଦି ଥାନା ଅଞ୍ଚଳରେ ଚୋରି କରିଥିବା ନେଇ ଥାନାରେ ମାମଲା ରହିଛି। ଅଭିଯୁକ୍ତଦ୍ୱୟଙ୍କଠାରୁ ୧୫ ହଜାର ଟଙ୍କା, ସୁନାର ଏକ ସୋରିଶିଆ ମାଳି, ରିଙ୍ଗ ୩ ଯୋଡ଼ା, କାନଫୁଲ, ନାକ ଫୁଲ, ପାଉଁଜି ୪ଟି, ପୁରୁଣା କଏନ ୧୨୦ଟି ଜବତ ହୋଇଛି। ପୋଲସରା ପାଟଣା ପଦର ସାହିର ଜଗନ୍ନାଥ ମହାରଣାଙ୍କ ଘରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଗତ ୧୧ ତାରିଖରେ ପୋଲସରା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୨୪୧/୨୫ ରେ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତଙ୍କୁ କାବୁ କରିଥିଲା।

## ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣି

ଖଲ୍ଲିକୋଟ,୧୫।୪
(ପ୍ରଶାନ୍ତ କୁମାର ମିଶ୍ର)



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

ଖଲ୍ଲିକୋଟ ସହରସ୍ଥିତ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପଠାରେ ଗଞ୍ଜାମ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଶିବିରରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଣି ଏମ୍‌ଏସ୍ ମଧୁମିତା, ଏଡିଏମ୍ ପ୍ରମୋଦ ପୃଷ୍ଟି, ଉପ ଜିଲାପାଳ ଦେବାଶିଷ ବରାଳ, ସହାୟକ ଜିଲାପାଳ ଦୀପକ ଜେନା, ଜିଲା ଅତିରିକ୍ତ ଏସ୍‌ପି ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ରହି ୧୪୧ଜଣଙ୍କ ଅଭିଯୋଗ ଶୁଣିଥିଲେ। ସେହିପରି ଖଲ୍ଲିକୋଟ ଏନ୍‌ଏସିର ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ବଳିୟାର ସିଂ ବନ୍ଧର ପୁନରୁଦ୍ଧାର କାମରେ ବକେୟା ବିଲ ନ ପାଇବା ନେଇ ୮ ଦିନହେବ ଏନ୍‌ଏସି ଅଫିସ ଆଗରେ ଧାରଣାରେ ବସିଛନ୍ତି। ସେମାନଙ୍କ ଅଭିଯୋଗ ଶୁଣାଣି କରି ସେଣ୍ଟ୍ରାଲ ଟିମ ଯାଞ୍ଚ କରିବା ପରେ ସମସ୍ୟା ସମାଧାନ ହେବ ବୋଲି କହିଥିଲେ। ଏହି ଶିବିରରେ ୬ ନୂତନ ହିତାଧିକାରୀଙ୍କୁ ଜିଲାପାଳ ଭତ୍ତା ପ୍ରଦାନ କରିଥିବା ବେଳେ ୬ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖଲ୍ଲିକୋଟ ତହସିଲଦାର ଡି ମାଲେଶ୍ୱର ପାତ୍ର, ବିଡ଼ିଓ ଦେବାଶିଷ ସାମଲ, ଥାନାଧିକାରୀ ରମେଶ ପ୍ରଧାନ, ଏସିଏଫ୍ ତଥା ବନାଞ୍ଚଳ ଅଧିକାରୀ ଦିବ୍ୟ ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବଣିକ ସଂଘ ପକ୍ଷରୁ ପଣା ବଣ୍ଟନ

ବେଲଗୁଣ୍ଠା,୧୫।୪
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଗୋବରା ଶ୍ରୀଲକ୍ଷ୍ମୀ ନାରାୟଣ ବଣିକ ସଂଘ ତରଫରୁ ପଣା ସଂକ୍ରାନ୍ତି ପାଳିତ ହୋଇଛି। ବଣିକ ସଂଘ ସଭାପତି ଭି.ଦିଲ୍ଲୀପ୍ ରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ସୁରେଶ କାନ୍ତ ବେହେରାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗୋବରା ମୁଖ୍ୟ ସଡ଼କରେ ବାଟୋଇଙ୍କୁ ପଣା ବଣ୍ଟନ କରାଯାଇଥିଲା। ପ୍ରବଳ ଖରାରେ ପଣା ପାନ କରି ବାଟୋଇ ମାନେ ତୃପ୍ତି ଅନୁଭବ କରିବା ସହିତ ସଂଘ କର୍ମକର୍ତ୍ତାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

### ଆମ୍ବେଡକରଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚିତ

ରାମଗିରି,୧୫।୪(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ୍ ରାମଗିରି ସ୍ଥିତ ଡା.ବିଆର ଆମ୍ବେଡକର ଜାତୀୟ ସ୍ନାତକ ମହାବିଦ୍ୟାଳୟରେ ଆମ୍ବେଡକରଙ୍କ ୧୩୪ ତମ ଜନ୍ମଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସୁବଲଡା ଗ୍ରାମରେ ଆମ୍ବେଡକରଙ୍କର ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପ୍ରଥମେ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହୋନା ବିଧାୟକ ଦାଶରଥି ଗମାଙ୍ଗ, ଉଦ୍‌ଘାଟକ ବିଚାରପତି ସାଧକ କାର୍ଜୀ, ମୁଖ୍ୟବକ୍ତା ଭାବେ ମହୋନା ଆଇଟିଆଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗଦିଶ ହାଇବ୍ରୁ, ସମ୍ମାନିତ ଅତିଥିଭାବେ ଗଜପତି ଜିଲା ଡା. ବି.ଆର୍ ଆମ୍ବେଡକର ସଂଗଠନ ସଭାପତି ନାରାୟଣ ସେଠୀ, ଗଜପତି ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସକ ମହେନ୍ଦ୍ର ପ୍ରସାଦ ଭୂୟାଁ, ସୁବଲଡା ଗ୍ରାମପଞ୍ଚାୟତ ସରପଞ୍ଚ ବିରୋଜା ମଣ୍ଡଳ, ଆର.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ସୁବଲଡା ଗ୍ରାମର ପ୍ରଥମ ଯୁବ ଡାକ୍ତର ଗିରିଧାରୀ ରାଉତ, ସୁବଲଡ଼ା ଗ୍ରାମ ସଭାପତି ଯୁଧିଷ୍ଠିର ବଡ଼ମୁଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ।

### ବିଜ୍ଞାନ, ଗବେଷଣାକୁ ନେଇ କର୍ମଶାଳା



ରାଇକିଆ,୧୫।୪ (ପ୍ରଦୀପ ବେହେରା)

ରାଇକିଆ କଳିଙ୍ଗ ମଡେଲ ରେଶିଡେନ୍ସିଆଲ ସ୍କୁଲରେ ବିଜ୍ଞାନ ଓ ଗବେଷଣାକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପଦାର୍ଥ ବିଜ୍ଞାନ ଓ ଏହାର ଗବେଷଣା ପ୍ରତି ବିଦ୍ୟାଳୟସ୍ତରରୁ କିପରି ଆଗ୍ରହ ବଢ଼ିବ ସେ ନେଇ ଭୁବନେଶ୍ୱର ସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ତରଫରୁ ବୈଜ୍ଞାନିକମାନେ ଆସି ଗବେଷଣାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଛନ୍ତି। ଏହାକୁ ନେଇ ଭବିଷ୍ୟତରେ କ୍ୟାରିୟର ଗଠନ ପାଇଁ ବୈଜ୍ଞାନିକମାନେ ପରାମର୍ଶ ଦେଇଥିଲେ। ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ କରୁଣାକର ନନ୍ଦ, ବୈଜ୍ଞାନିକ ଡା.ସଚିନ୍ଦ୍ର ନାଥ ଷଡ଼ଙ୍ଗୀ, ଡା.କ୍ଷୀରୋଦ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ପ୍ରିନ୍ସିପାଲ ଜଗଦୀଶ ମହାକୁଡ, ରାଇକିଆ ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ ଅମୀୟ ମହାପାତ୍ର, ସଚ୍ଚିଦାନନ୍ଦ ସ୍ୱାଇଁ ଓ ବିଦ୍ୟାଳୟର ଅନ୍ୟମାନେ ଥିଲେ।

## ଜଗନ୍ନାଥପ୍ରସାଦ ଏନ୍‌ଏସି ହେବ: ବିଧାୟକ

ଭଞ୍ଜନଗର,୧୫।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ସଦର ମହକୁମା ଜଗନ୍ନାଥପ୍ରସାଦ ପଞ୍ଚାୟତକୁ ଏନ୍‌ଏସିରେ ପରିଣତ କରାଯିବ। ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଖୁବଶୀଘ୍ର ରାଜ୍ୟ ସରକାର ତାହା ଘୋଷଣା କରିବେ ବୋଲି ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସୋମବାର ରାତିରେ ସ୍ଥାନୀୟ ଟାଉନ ହଲରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଏଥିସହ ସେ କହିଥିଲେ ଯେ, ଭଞ୍ଜନଗର ଏନ୍‌ଏସିକୁ ଗତ ସରକାର ମ୍ୟୁନିସିପାଲିଟି ଘୋଷଣା କରିଥିଲେ। କିନ୍ତୁ ତାହାକୁ କାର୍ଯ୍ୟକାରୀ କରି ନ ଥିଲେ। ବର୍ତ୍ତମାନ ମ୍ୟୁନିସିପାଲିଟି ପାଇଁ ଯାହା କାଗଜପତ୍ର ଦରକାର ତାହା କରାଯାଉଛି । ମ୍ୟୁନିସିପାଲିଟି ହେଲେ ଆଉ ୫ଟି ପଞ୍ଚାୟତ ଏନ୍‌ଏସିରେ ମିଶିବ। ୪ଟି ପଞ୍ଚାୟତ ଏଥିପାଇଁ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଗୋଟିଏ ପଞ୍ଚାୟତ ରାଜି ହୋଇ ନ ଥିଲା। ବିକଳ୍ପ ଆଇନ ବଳରେ ସଂପୃକ୍ତ ପଞ୍ଚାୟତକୁ ମିଶାଇବା ପାଇଁ ପଦକ୍ଷେପ ନିଆଯାଇଥିଲା। ଖୁବଶୀଘ୍ର ଭଞ୍ଜନଗର ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ମିଳିବ ବୋଲି ବିଧାୟକ ନାୟକ କହିଥିଲେ। ସେହିପରି ରାଜ୍ୟରେ ୫୦୦୦ ନୂତନ ଡାକ୍ତର ନିଯୁକ୍ତି ଦିଆଯିବ। ଖାଲିଥିବା ଡାକ୍ତର ପଦବୀ ପୂରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଛି। ନୂତନ ନିଯୁକ୍ତିରେ ଭଞ୍ଜନଗର ମେଡ଼ିକାଲକୁ ପ୍ରାଧାନ୍ୟ ଦିଆଯିବ। ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନର ଉନ୍ନତୀକରଣ କରାଯାଉଛି। ଆଗାମୀ ୫ ବର୍ଷ ମଧ୍ୟରେ ଏହାକୁ ରାଜ୍ୟର ଏକ ଅଗ୍ରଣୀ ନିର୍ବାଚନମଣ୍ଡଳୀ କରାଯିବ ବୋଲି ବିଧାୟକ କହିଥିଲେ।

## ୨ ଭଉଣୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଯୁବକ ଗିରଫ

ହିଞ୍ଜିଳିକାଟୁ, ୧୫।୪(ଦ୍ୱିତୀକୃଷ୍ଣ ପଣ୍ଡା): ଦିହିଞ୍ଜିଳି ଥାନା ଅଞ୍ଚଳର ୨ ନାବାଳିକା ଭଉଣୀ ସ୍କୁଲକୁ ଯିବା ସମୟରେ ଅଶାଳୀନ ବ୍ୟବହାର କରି ଆସୁଥିବା ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ହିଞ୍ଜିଳି ଥାନା ଦାରୁଭଦ୍ରା ଗ୍ରାମର ପି. ଉମାଶଙ୍କର। ନାବାଳିକାଙ୍କ ପରିବାର ସଦସ୍ୟ ଉମାଙ୍କୁ ପୂର୍ବରୁ ତାଗିଦ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ସେ ମାର୍ଚ୍ଚ ୧୫ ତାରିଖ ସକାଳେ ୨ ଭଉଣୀ ସ୍କୁଲକୁ ଯାଉଥିବା ବେଳେ ବାଟରେ ଅଶ୍ଲୀଳ ଆଚରଣ କରିଥିଲେ। ନାବାଳିକାଙ୍କ ମା ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ପୋଲିସ ନଂ. ୧୭୯/୨୫ରେ ଏକ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଅଭିଯୁକ୍ତ ଉମାଙ୍କୁ ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଛି।

### ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ଆର.ଉଦୟଗିରି,୧୫।୪
(ମନୋଜ ପାଢ଼ୀ)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ଅବାରସିଂ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଉପଜିଲାପାଳ ଅନୁପ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ଅବାରସିଂ ଗ୍ରାମ ପଞ୍ଚାୟତ ସମେତ ଛେଳିଗଡ଼, ରଣ୍ଡିବା ଓ ମହେନ୍ଦ୍ରଗଡ ପଞ୍ଚାୟତର ସମୁଦାୟ ୪୮ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୧୭ଟି, ଗ୍ରାମ ଭିତ୍ତିକ ୩୧ଟି ଅଭିଯୋଗ ଆସିଥିଲା। ଏହି ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଆର.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରିମନ ଖର୍ସେଲ, ତହସିଲଦାର ଜ୍ୟୋର୍ତିମୟ ଦାଶ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ତୁମୁଡିବନ୍ଧ,୧୫।୪
(ଦିପକ କୁମାର ପରାସେଠ)

ତୁମୁଡିବନ୍ଧ ବ୍ଲକ୍ ସଭା ଗୃହରେ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତୁମୁଡିବନ୍ଧ ବ୍ଲକର ୧୧ ପଞ୍ଚାୟତରୁ ଲୋକମାନେ ଆସି ଜିଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ ଓ ଜିଲା ପାରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦିଙ୍କୁ ବିଭିନ୍ନ ସମସ୍ୟା ଅଭିଯୋଗ ଅଭିଯୋଗ କରିଥିଲେ। ମୋଟ ୪୩ଟି ଅଭିଯୋଗ ହୋଇଥିଲା। ସେଥି ମଧ୍ୟରୁ ୧୨ଟି ବ୍ୟକ୍ତି ଗତ ଓ , ୩୧ଟି ଗୋଷ୍ଠୀଗତ ଅଭିଯୋଗ ରହିଛି। ବିଭିନ୍ନ ଅଭିଯୋଗକୁ ଆଧାର କରି ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜନ ପ୍ରତିନିଧି ଭାବେ ତୁମୁଡିବନ୍ଧ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ମାଝି ଉପସ୍ଥିତ ଥିଲେ।




ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ ।

## ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣକୁ ନେଇ ଉତ୍ତେଜନା

### ତହସିଲଦାରଙ୍କୁ ସ୍ମାରକପତ୍ର, ବିଧାୟକଙ୍କୁ ଭେଟିଲେ ଗ୍ରାମବାସୀ

ଦିଗପହଣ୍ଡି,୧୫।୪(ଅଶେଷ ନାଥ ମିଶ୍ର)



ତହସିଲଦାରଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

ଦିଗପହଣ୍ଡି ବ୍ଲକ ବିଜୟ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣକୁ କେନ୍ଦ୍ରକରି ଗତ କିଛିଦିନ ହେଲା ଉତ୍ତେଜନା ଲାଗି ରହିଛି। ମଙ୍ଗଳବାର ସରପଞ୍ଚ ଜ୍ୟୋତି ସେଠୀ, ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟନାରାୟଣ ସାହୁ, ନାଏବ ସରପଞ୍ଚ ରାମଚନ୍ଦ୍ର ପାଇକ, ପଞ୍ଚାନନ ସାହୁ, କାଳୁ ସାହୁ, ନବଘନ ସେଠୀ, ବୃନ୍ଦାବନ ପାଇକଙ୍କ ନେତୃତ୍ୱରେ ବିଜୟ ଲକ୍ଷ୍ମୀନାରାୟଣପୁର, ରାଇପୁର, ଘାଟିକଣ୍ଡା ଗାଁ, ଘାଟି ଆମ୍ବଗାଁ, ଖଜୁରିଆ, ପିମ୍ପଳପଡ଼ା, ଓଲ ଗୋଲଣ୍ଡା, ପଦ୍ମପୁର, କାମରାଖାଲି, କୁଶପଡ଼ା ଆଦି ଗ୍ରାମର ୩ ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ସନ୍ତୋଷ କୁମାର ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ ସେମାନେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼.ଭବାନୀ ଶଙ୍କର ମିଶ୍ରଙ୍କୁ ସ୍ମାରକପତ୍ରର ନକଲ ପ୍ରଦାନ କରିବା ସହ ଅପରାହ୍ନରେ ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ରଙ୍କୁ ବ୍ରହ୍ମପୁରରେ ଭେଟିଛନ୍ତି। ଉକ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ନିର୍ମାଣ କରାନଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପୂର୍ବରୁ ତତ୍କାଳୀନ ବିଧାୟକ ଡ଼.ସୂର୍ଯ୍ୟନାରାୟଣ ପାତ୍ରଙ୍କ ଉଦ୍ୟମରେ ପ୍ରାୟ ୫୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଞ୍ଚାୟତ ମହକୁମା ବିଜୟ ଲକ୍ଷ୍ମୀନାରାୟଣପୁର ଗାଁରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଉପ ସ୍ୱାସ୍ଥ୍ୟକେନ୍ଦ୍ର (ଏଏନଏମ ସେଣ୍ଟର) ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଥିଲା। ଏଥି ନିମନ୍ତେ ଟେଣ୍ଡର ସରିଛି। କିନ୍ତୁ ସମ୍ପୃକ୍ତ ଠିକାଦାର ଏବଂ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ର ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ନକରି କେତେଜଣ କୁଚକ୍ରି ଗୋଷ୍ଠୀର ପରାମର୍ଶରେ ନିକଟସ୍ଥ ବନମାଳୀ ଗ୍ରାମରେ ନିର୍ମାଣ କରିବା ପାଇଁ ମସୁଧା ଚଳାଇଛନ୍ତି। ଏପରିକି ବନମାଳୀରେ କୋଠା ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରାଯାଇଛି। ଏହା ଜଣାପଡିବା ପରେ ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ସୋମବାର ରାତିରେ ଏନେଇ ଗ୍ରାମରେ ସଭା କରାଯାଇ ସମ୍ମିଳିତ ପ୍ରତିବାଦ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ କରାଯାଇଛି। ସମ୍ପୃକ୍ତ ଠିକାଦାର କିମ୍ବା କନିଷ୍ଠଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଯାତ୍ରାରେ ଚେନ ଚୋରି

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁରରେ ବୁଢ଼ି ଠାକୁରାଣୀ ଯାତ୍ରା ଚାଲିଥିବାବେଳେ ଜଣେ ବ୍ୟକ୍ତିଙ୍କ ଚେନ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବଡବଜାର ଥାନା ପୋଲିସ ଏନେଇ ନଂ. ୧୫୦/୨୫ରେ ଏକ ମାମଲା ରୁଜୁ କରିଛି। ପାଣିଗ୍ରାହୀ ପେଣ୍ଠ ଗଣପତି ନଗରର ଅଭିଯୋଗକାରୀ ଏ.ମୋହନ ପାତ୍ର ଜଣାଇଛନ୍ତି ଯେ, ଗତ ୧୨ ତାରିଖ ରାତି ପ୍ରାୟ ୯ଟାରେ ସେ ଯାତ୍ରା ଦେଖିବାକୁ ଯାଇଥିବାବେଳେ କେହି ତାଙ୍କ ସୁନା ଚେନଟି ଚୋରି କରି ନେଇଛି। ଏଣୁ ତାହାକୁ ଉଦ୍ଧାର କରିବା ପାଇଁ ସେ ପୋଲିସକୁ ଅନୁରୋଧ କରିଛନ୍ତି।

## ବିଷୁବ କବିତା ଆସର

ବ୍ରହ୍ମପୁର,୧୫।୪(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ସାହିତ୍ୟ ପରିଷଦ ପକ୍ଷରୁ ଗୋଇଲୁଣ୍ଡି ଶ୍ରୀରାମ ମନ୍ଦିର ପରିସରରେ ବିଷୁବ କବିତା ଆସର ହୋଇଛି। ବିଏମସି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ବିଶ୍ୱରେ ଥିବା ୭ ହଜାର ପ୍ରଚଳିତ ଭାଷା ମଧ୍ୟରୁ ଅନନ୍ୟ ବୋଲି କହିଥିଲେ। କବି ଡ ଶ୍ୟାମା ପ୍ରସାଦ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଷୁବ ଆସର ଓଡ଼ିଆ ଅସ୍ମିତା ଓ ପରମ୍ପରା କଥା କହେ ବୋଲି ଦର୍ଶାଇଥିଲେ । ଡା. ରାଜେନ୍ଦ୍ର କୁମାର ବେହେରା ସମ୍ମାନନୀୟ ଅତିଥି ଥିଲେ। ବିଶିଷ୍ଟ କବି ସୁଶାନ୍ତ ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ବି. ସତ୍ୟମ ଆଚାରୀ ସଂପାଦକୀୟ ପାଠ କରିଥିଲେ । କବି ରବୀନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ ଓ ମିହିର ତ୍ରିପାଠୀ, କବି ଅଶୋକ କୁମାର ସାହୁ ଓ ଗାଳ୍ପିକା ଗିତା ରଥଙ୍କୁ ବିଷୁବ ସାହିତ୍ୟ ସମ୍ମାନ ଓ ସୁପ୍ରଜିତ ସାହୁଙ୍କୁ କବିତା ସଂଯୋଜନା ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବି ପ୍ରଫୁଲ୍ଲ ତ୍ରିପାଠୀଙ୍କ ସଭାପତିତ୍ୱରେ ଡା ମୀରାବାଇ ପଣ୍ଡା ମୁଖ୍ୟଅତିଥି ଏବଂ ସୁଲେଖିକା ଦୀପ୍ତିମିତା ମହାପାତ୍ର ମୁଖ୍ୟବକ୍ତା ଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଗ୍ନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମପୁର,୧୫।୪(ସୁବାସ ଚନ୍ଦ୍ର ପାଢ଼ୀ) ଗୋପାଳପୁର ସ୍ଥିତ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀଙ୍କ କାର୍ଯ୍ୟାଳୟରେ ୮୧ ତମ ଅଗ୍ନିଶମ ସପ୍ତାହ ଓ ଶହୀଦ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ପଣ୍ଡା ଯୋଗଦେଇ ରାଜ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଅଗ୍ନିଶମ ବିଭାଗ ଗୁରୁତ୍ୱପୂର୍ଣ୍ଣ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଗ୍ନିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ୧୯୪୪ ମୁମ୍ବାଇ ମ୍ୟୁନିସିପାଲଟି ଫାୟାର ସର୍ଭିସର ୬୬ କର୍ମଚାରୀ ସେଠାରେ ଏକ ପାଣି ଜାହାଜର ନିଆଁକୁ ଆୟତ୍ତ କରିବାକୁ ଯାଇ ମୃତ୍ୟୁମୁଖରେ ପଡ଼ିଥିଲେ। ସେହିପରି ବିଗତ ଦିନରେ କେରଳ, ଆସାମ ଓ ବିହାରର ୩ କର୍ମଚାରୀ ସେବା ଯୋଗାଇବା ବେଳେ ଶହୀଦ ହୋଇଥିଲେ। ସେହି କର୍ମଚାରୀ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜିର ଦିନକୁ ଅଗ୍ନିଶମ ଶହୀଦ ଦିବସ ସହିତ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଉଛି। ପ୍ରାକୃତିକ ବିପର୍ଯ୍ୟୟରୁ କିଭଳି ନିଜକୁ ବଞ୍ଚାଇବେ ଓ ଅଗ୍ନିକାଣ୍ଡ ହେବାରୁ କିଭଳି ରକ୍ଷା ପାଇବେ ସେ ନେଇ ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ମକଡ୍ରିଲ ଜରିଆରେ ସଚେତନ କରାଯାଉଛି । ଆଗାମୀ ଦିନରେ ଏହା ଜାରି ରହିବ ବୋଲି ସେ କହିଥିଲେ । ଏହି ଅବସରରେ ଅଗ୍ନିଶମ ବିଭାଗ ପକ୍ଷରୁ ସପ୍ତାହେ ବ୍ୟାପୀ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ କରାଯିବ ବୋଲି ସେ କହିଥିଲେ। ସେହିପରି ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ରାୟଗଡା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିକୁ ନେଇ ଦକ୍ଷିଣାଞ୍ଚଳ ରେଞ୍ଜ କାର୍ଯ୍ୟାଳୟ ରହିଛି। ଏହି ଅବସରରେ ୨୦ ଅବସରପ୍ରାପ୍ତ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଅଧିକାରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଡେ଼ପୁଟି ଫାଇୟର ଅଫିସର ସୁଶାନ୍ତ କୁମାର ବିଶ୍ୱାଳ , ଷ୍ଟେସନ ଅଫିସର(ଏସଓ) କୃଷ୍ଣଚନ୍ଦ୍ର ପାଢ଼ୀ, ପ୍ରେମାନନ୍ଦ କିଷାନ, ଲୋକେଶ ମିଞ୍ଜ ଓ ସହକାରୀ ଅଗ୍ନିଶମ ଅଧିକରୀ ଠାକୁର ପ୍ରାସଦ ଦଳାଇଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ ।



ଅଗ୍ନିଶମ ସପ୍ତାହ ଅବସରରେ ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

## ବିଷୁବ ମିଳନରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୫।୪(ସ୍ମୃତି ରଞ୍ଜନ ମହାଲିକ) ଉତ୍କଳ ଆଶ୍ରମ ଶତବାର୍ଷିକୀ ପାଳନ ପରିପ୍ରେକ୍ଷୀରେ କଳିଙ୍ଗ ସାହିତ୍ୟ ସମାଜ ଓ ଉତ୍କଳ ଆଶ୍ରମ ନ୍ୟାସର ମିଳିତ ଉଦ୍ୟମରେ ବିଷୁବ ମିଳନ ଉତ୍ସବରେ ସାହିତ୍ୟ ସମାଜର ସଭାପତି ଡ ସିଦ୍ଧାର୍ଥ ଶଙ୍କର ପାଢ଼ୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ମେଜର ରମାରମଣ ପାଢ଼ୀ, ସମ୍ମାନନୀୟ ଅତିଥି ରୂପେ କୃଷ୍ଣଚନ୍ଦ୍ର ସିଂ, ଡ. ଲମ୍ବୋଦର ପାଣିଗ୍ରାହୀ, ଡ. ଉତ୍ତମା ଜେନା ଯୋଗଦେଇ ଓଡ଼ିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ସଂପର୍କରେ କହିଥିଲେ। ଡ.ବୃଷକେତୁ ଦାଶଙ୍କ କବିତା ସଂକଳନ ପୁଅ ତୁ ଗାଆ ସେ ଗୀତ, ମତେ ସତ ତତେ ମିଛ ସଂକଳନ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ ଶରତ କୁମାର ଜେନା ଓ ଡ. ସଂଜୟ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମ ଅଧିବେଶନରେ ଲୋକ ନୃତ୍ୟ ଶ୍ରୀକୃଷ୍ଣ ଲୀଳାରବର୍ଷିୟାନ କଳାକାର ଗୁରୁ ଗୋପୀନାଥ ସ୍ୱାଇଁ (୧୦୭ବର୍ଷ), ୮୦ ବର୍ଷ ବୟସ୍କ ଭାରତ ଲୀଳା କଳାକାର ଗୁରୁ ନବଘନ ପରିଡାଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀନବନ୍ଧୁ ଶ୍ରୀପଲ୍ଲବ ଓ ନଳିନୀ କୁମାର ଗୌଡ଼ ସହଯୋଗ କରିଥିଲେ । ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ଆସର ଓ କବିତା ପାଠୋତ୍ସବରେ ବରିଷ୍ଠ କବି ମନୋରଞ୍ଜନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ଡ ରମେଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଷୁବ ମିଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ କବୟିତ୍ରୀ ପଦ୍ମିନୀ ମିଶ୍ର ଏବଂ ଅଧ୍ୟାପକ ସୁଜିତ କୁମାର ପଣ୍ଡାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ରବିନାରାୟଣ ବେହେରା ପ୍ରମୁଖଙ୍କ ସମେତ ବହୁ କବି କବୟିତ୍ରୀ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି: ଭଞ୍ଜନଗର ଚାମ୍ପିୟନ




ବିଧାୟକ ବିଜେତା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ବ୍ରହ୍ମପୁର,୧୫।୪(ସୁବାସ ଚନ୍ଦ୍ର ପାଢ଼ୀ) ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି ମଙ୍ଗଳବାର ଉଦଯାପିତ ହୋଇଛି। ଭଞ୍ଜନଗର ଏକାଦଶ ଚାମ୍ପିୟନ ହୋଇ ଟ୍ରଫି ହାତେଇଛି। ଟିମ୍ 'ଏ'ର ଗୋଳାବନ୍ଧର କେନ୍ଦ୍ରୀୟ ବିଦ୍ୟାଳୟ ସହ ଟିମ୍ 'ବି'ର ଭଞ୍ଜନଗର ଏକାଦଶ ସହିତ ମୁକାବିଲା ହୋଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ଗୋଟିଏ ହେଲେ ଗୋଲ ଦେଇପାରିନଥିବାବେଳେ ଭଞ୍ଜନଗର ୨ଟି ଗୋଲ ଦେଇ ଚାମ୍ପିୟନ ହୋଇଥିଲା। ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଭାଜପା ଜିଲା ସଭାପତି ସରୋଜ ସାବତ, ଜି.ଏମ.ବାବୁ, ଡିଏସଓ ଗଞ୍ଜାମର ସନ୍ତୋଷ କୁମାର ମିଶ୍ର, ସାଧାରଣ ସମ୍ପାଦକ ଜେ.କାମେଶ୍ୱର ରାଓ, ବାବୁ ରାଓ, ଡି.ଆପ୍ପା ରାଓ, ତାରିଣୀ ଚରଣ ସାମନ୍ତରାୟ, ଜେ.ବି. ପିଟେର, ଏଲ.କେ. ରାଓ ରେଡ୍ଡି, ଦୁର୍ଗା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରେଫରୀ ଭାବେ ରଂଜିତ କୁମାର ପାତ୍ର ଉପସ୍ଥିତ ଥିଲେ।

# ପଡ଼ୋଶୀ ରାଜ୍ୟରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି

## ୧୩ ଦିନରେ ବୁଢ଼ୀ ଠାକୁରାଣୀ ଯାତ୍ରା

ବ୍ରହ୍ମପୁର,୧୫।୪(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ମା' ବୁଢ଼ୀ ଠାକୁରାଣୀ ଯାତ୍ରା ମଙ୍ଗଳବାର ୧୩ ଦିନରେ ପହଞ୍ଚିଛି। ମାଙ୍କ ଦର୍ଶନ ପାଇଁ ବର୍ତ୍ତମାନ ପଡୋଶୀ ରାଜ୍ୟ ଆନ୍ଧ୍ର ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ଆନ୍ଧ୍ରର ଜଣେ ଶ୍ରଦ୍ଧାଳୁ ଏ.ଆନନ୍ଦ କହିଛନ୍ତି ଯେ, ସେ ପ୍ରତି ଦ୍ୱିବାର୍ଷିକ ଯାତ୍ରା ଦେଖିବାକୁ ପରିବାର ସହ ଆସିଥାନ୍ତି। ତାଙ୍କର ପରିବାର ସଦସ୍ୟ ମାନସିକ ବେଶ ଧାରଣ କରନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ଦଣ୍ଡ ନାଚ ସରିଥିବା ବେଳେ ଆଗାମୀ ଦିନରେ ଜିଲାର ବିଭିନ୍ନ ଅଂଚଳରୁ ଭକ୍ତଙ୍କ ସମାଗମ ହେବ। ତେବେ ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ସାମାନ୍ୟ ବର୍ଷା ଓ ପବନ ସତ୍ତ୍ୱେ ବି ଅସ୍ଥାୟୀ ମଣ୍ଡପ ନିକଟରେ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ରାତି ୮ଟାରେ ମାଙ୍କ ଘଟ ସାହି ପରିକ୍ରମାରେ ବାହାରିଥିଲା। ରାଜବାଟୀରେ ପୂଜା ପରେ ଘଟ ବଡ ବଜାର ହୋଇ ଚନ୍ଦ୍ରମା ସାହି, କ୍ରୀଷ୍ଟାପେଟା ସାହି, ବଡ ରେଡିକା ସାହି, ସାନ ରେଡିକା ସାହି, ବାଲିଙ୍କିପେଟା ସାହି, ଗୋବର୍ଦ୍ଧନ ପେଟା, ଆଡୁଆ ସାହି, ବାରିଆବିଲ ସାହି ଓ କେଦାରେଶ୍ୱର ମନ୍ଦିର ସାହି ପରିକ୍ରମା କରିଥିଲେ। ପୁଣି ଥରେ କେଦାରେଶ୍ୱର ମନ୍ଦିର ସାହି ହୋଇ ଅସ୍ଥାୟୀ ମଣ୍ଡପରେ ପହଂଚିବା ପରେ ଆଳତୀ ସହ ରାଜଭୋଗ କରାଯାଇଥିଲା।



ସୋଢ଼ ଗାଜିଆ ବେଶ।

### ଯାତ୍ରାସ୍ଥଳରେ ପୋଲାରିଅମ ଭୋଗ

ପୋଲାରିଅମ ମାଙ୍କ ପ୍ରିୟ ଭୋଗ। ଏହି ଭୋଗ ପ୍ରତିଦିନ ସକାଳ ୬ଟାରେ ସ୍ୱତନ୍ତ୍ର ନୀତିକାନ୍ତି ପରେ ଭୋଗ କରାଯାଇଥାଏ। ତଦନୁଯାୟୀ ସହରର ମଙ୍ଗଳବାରମପେଟା ରେଡିକା ସାହିର କେ.ମୋହନ ରାଓ ପ୍ରତିଦିନ ପୋଲାରିଅମ ଭୋଗ ମା'ଙ୍କୁ ଅର୍ପଣ କରିଥାନ୍ତି। ପରେ ଏହା ଯାତ୍ରା ସ୍ଥଳରେ ବିକ୍ରି କରିଥାନ୍ତି। ପ୍ରତି ଦ୍ୱିବାର୍ଷିକ ଯାତ୍ରାରେ ସେ ଠାକୁରାଣୀଙ୍କ ନିକଟରେ ଭୋଗ କରିଥାନ୍ତି। ବିଶେଷକରି ଆନ୍ଧ୍ର ଅଂଚଳରୁ ଆସୁଥିବା ଶ୍ରଦ୍ଧାଳୁମାନେ ଏହାକୁ ଅଧିକ ପରିମାଣରେ କିଣିଥାନ୍ତି ବୋଲି ସେ କହିଛନ୍ତି।

### ଅଗ୍ନି ନିର୍ବାପକ ବାଲି ଓ ପାଣିଶୂନ୍ୟ

ଯାତ୍ରା ସ୍ଥଳରେ କୌଣସି ଆକସ୍ମିକ ଦୁର୍ଘଟଣାକୁ ଏଡାଇବା ପାଇଁ ଦୀପ ଷ୍ଟାଣ୍ଡ ନିକଟରେ ଅଗ୍ନି ନିର୍ବାପକ ସାମଗ୍ରୀ ଓ ଅଗ୍ନିଶମ ବାହିନୀ ନିୟୋଜିତ ଅଛନ୍ତି। ହଠାତ ନିଆଁକୁ ଆୟତ କରିବା ପାଇଁ ୨ଟି ବାଲଟିରେ ପାଣି ଓ ବାଲି ମହଜୁଦ ରଖିବା ପାଇଁ ନିୟମ ରହିଛି। କିନ୍ତୁ ୨ଟି ବାଲଟିରେ ବାଲି ଓ ପାଣି ନ ଥିବା ଦେଖିବାକୁ ମିଳିଛି। ଅଗ୍ନିଶମ ବାହିନୀ ଏ ବାବଦରେ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏଣୁ କୌଣସି ଦୁର୍ଘଟଣା ଘଟିଲେ ସାଧାରଣ ଭକ୍ତ କ୍ଷୟକ୍ଷତିର ସମ୍ମୁଖୀନ ହେବେ ବୋଲି ମତ ପ୍ରକାଶ ପାଇଛି।

## ବିଜୁଙ୍କ ପ୍ରତିମୂର୍ତ୍ତି ପୋଡ଼ାକୁ ବିଜେଡିର ନିନ୍ଦା

ବ୍ରହ୍ମପୁର,୧୫।୪(ନରସିଂହ ସାହୁ)

ବଲାଙ୍ଗୀର ଜିଲା ପାଟଣାଗଡ଼ ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡ଼ି ଦିଆଯାଇଛି। ଏହାର ପ୍ରତିବାଦରେ ବ୍ରହ୍ମପୁର ବିଜେଡି ପକ୍ଷରୁ ମଙ୍ଗଳବାର ଦେଶୀ ବେହେରା ସାହି ଛକରେ ଥିବା ବିଜୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସଭା ହୋଇଥିଲା। ଭାଜପା ଶାସନରେ ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗାରୁଜା ଓ ଜଳାପୋଡ଼ା ଘଟଣାର ନିନ୍ଦା କରାଯାଇଥିଲା। ପୂର୍ବତନ ଏମପି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇଙ୍କ ସମେତ ଦଳର କର୍ପୋରେଟରମାନେ ଉପସ୍ଥିତ ଥିଲେ।

## କଂଗ୍ରେସର ମଶାଲ ଶୋଭାଯାତ୍ରା

ବ୍ରହ୍ମପୁର,୧୫।୪(ନରସିଂହ ସାହୁ)

ଗଞ୍ଜାମ ଜିଲା କଂଗ୍ରେସ (ପୂର୍ବ) ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁରରେ ମହମବତୀ (ମଶାଲ) ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି ଏବଂ ରୋକିବାରେ ସରକାରଙ୍କ ବିଫଳତା ପ୍ରତିବାଦରେ ପୁରୁଣା ବସଷ୍ଟାଣ୍ଡସ୍ଥ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିବା ପରେ ସେଠାରେ ସମାବେଶ ହୋଇଥିଲା। ଦଳର ନେତା ଦୀପକ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।












































**ଆଜି ଇଡି କାର୍ଯ୍ୟାଳୟ ଘେରିବ କଂଗ୍ରେସ**

**ଭୁବନେଶ୍ୱର,(ରବିନାରାୟଣ ଜେନା):** ନ୍ୟାଶନାଲ ହେରାଲ୍ଡ ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଅଭିଯୋଗପତ୍ର ଦାଖଲକୁ ନେଇ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ ଅଖିଳ ଭାରତୀୟ କଂଗ୍ରେସର ଡାକରାକ୍ରମେ ବୁଧବାର ରାଜ୍ୟ କଂଗ୍ରେସ ପକ୍ଷରୁ ଇଡି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।



**ବିହାର ନିର୍ବାଚନ:** ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଙ୍ଗଳବାର ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଭେଟି 'ମହାମେଣ୍ଟ'କୁ ଦୃଢ଼ କରିବା ଏବଂ ଆଗାମୀ ନିର୍ବାଚନ ରଣନୀତି ବିଷୟରେ ଆଲୋଚନା କରିଛନ୍ତି।

# ୧୮ ଜିଲା ସଭାପତିଙ୍କ ତାଲିକା ପ୍ରକାଶକଲା ବିଜେଡି

**ଭୁବନେଶ୍ୱର, ୧୫।୪(ସୁନିତ୍ ମିଶ୍ର)**

- ଦେବୀ ମିଶ୍ର ଓ ଧ୍ରୁବ ସାହୁଙ୍କ ମଧ୍ୟରେ ପାଟିତୁଣ୍ଡ
- ଛିଣ୍ଡିପାରୁନି ଅନେକ ଜିଲାର ସଭାପତି ଅଙ୍କ

ବିଜେଡି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ମଙ୍ଗଳବାର ୧୮ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ବିଜେଡିର ରାଜ୍ୟ ରିଟର୍ନିଂ ଅଫିସର ପ୍ରତାପ ଦେବଙ୍କ ଦସ୍ତଖତରେ ଏହି ତାଲିକା ପ୍ରକାଶ ପାଇଛି। ୩୩ ସାଙ୍ଗଠନିକ ଜିଲା ମଧ୍ୟରୁ ୧୮ ଜିଲାର ତାଲିକା ପ୍ରକାଶ ପାଇଥିବା ବେଳେ ୧୫ ଜିଲାର ସଭାପତି ଚୟନ ହୋଇପାରି ନାହିଁ। ତେବେ ଅନୁଗୋଳ ଜିଲା ସଭାପତି ଭାବେ ବ୍ରଜକିଶୋର ପ୍ରଧାନ, ବରଗଡ଼-ସୁଶାନ୍ତ କୁମାର ମହାପାତ୍ର, ବୌଦ୍ଧ-ପ୍ରଦୀପ କୁମାର ଅମାତ, ଦେବଗଡ଼-ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଗଜପତି-ପ୍ରଦୀପ ନାଏକ, ଜଗତ୍‌ସିଂହପୁର-ପ୍ରଶାନ୍ତ କୁମାର ମୁଦୁଲି, ଯାଜପୁର-ସରୋଜ କୁମାର ମହାପାତ୍ର, ଝାରସୁଗୁଡ଼ା-ହରିଶ ଗଣତ୍ରା, କନ୍ଧମାଳ-ପଦ୍ମନାଭ ବେହେରାଙ୍କୁ ଦଳ ଜିଲା ସଭାପତି ଭାବେ ନିଯୁକ୍ତ କରିଛି।

ସେହିପରି ମାଲକାନଗିରିରେ ମାନସ ମାଡ଼କାମୀ, ମୟୂରଭଞ୍ଜ-୧ରେ ସୁଦାମ ମାରାଣ୍ଡି, ନବରଙ୍ଗପୁର-ମନୋହର ରନ୍ଧାରୀ, ନୟାଗଡ଼-ରମେଶ ଚନ୍ଦ୍ର ବେହେରା, ନୂଆପଡ଼ା-ଅବନୀ ରଞ୍ଜନ ଜୋଷୀ, ପୁରୀ-ଉମାକାନ୍ତ ସାମନ୍ତରାୟ, ସୁବର୍ଣ୍ଣପୁର-ସରୋଜ କୁମାର କାମ୍ପା ଏବଂ ସୁନ୍ଦରଗଡ଼ରେ ଯୋଗେଶ ସିଂଙ୍କୁ ଦଳ ଜିଲା ସଭାପତି ଭାବେ ନିଯୁକ୍ତ କରିଛି। ତେବେ ପ୍ରଥମ ପର୍ଯ୍ୟାୟରେ ଦଳ ୧୯ଜିଲାର ସଭାପତିଙ୍କ ନାଁ ଘୋଷଣା କରିବ ବୋଲି ଶୁଣିବାକୁ ମିଳୁଥିଲା। ହେଲେ ଆଉ କେତେକ ସ୍ଥାନ ପାଇଁ ଦଳରେ ଭାଗ ଛିଡ଼ିପାରି ନ ଥିବାରୁ ଘୋଷଣା ଅଟକାଯାଇଛି। ଅନ୍ୟପକ୍ଷରେ ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ମଙ୍ଗଳବାର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଏବଂ ବିଧାୟକ ଧ୍ରୁବ ଚରଣ ସାହୁଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ାରେ ଜିଲା ସଭାପତି ଚୟନ ଘଟଣାକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ସେହିପରି ନବୀନ ପଟ୍ଟନାୟକଙ୍କୁ ଦଳ ଆଉ ଥରେ ସଭାପତି କରାଇବା ଲାଗି ରାଜ୍ୟର ୧୭ ଜିଲାର ସଭାପତି ନିଯୁକ୍ତ ହେବା ଦରକାର। ବିଜେଡିର ସମ୍ବିଧାନ ଅନୁଯାୟୀ ୧୭ ଜିଲା ସଭାପତି ଚୟନ କିମ୍ବା ନିଯୁକ୍ତ ହୋଇଗଲେ ଦଳର ରାଜ୍ୟ ସଭାପତି ନିର୍ବାଚନ ହୋଇପାରିବ। ଆସନ୍ତା ୧୯ରେ ନବୀନଙ୍କୁ ଦଳ ପୁଣି ଥରେ ରାଜ୍ୟ ସଭାପତି ପଦରେ ବସାଇବାକୁ ଯୋଜନା କରିଥିବା ଚର୍ଚ୍ଚା ହେଉଛି। ସେଥିଲାଗି ଦଳ ପ୍ରଥମ ପର୍ଯ୍ୟାୟରେ ୧୮ ଜିଲାର ସଭାପତିଙ୍କ ନାଁ ଘୋଷଣା କରିଦେଇଛି। ପରବର୍ତ୍ତୀ ସମୟରେ ଅନ୍ୟ ଜିଲାଗୁଡ଼ିକରେ ଯେଉଁସବୁ ସମସ୍ୟା ରହିଛି ତା'ର ସମାଧାନ ସହ ଜିଲା ସଭାପତି ଘୋଷଣା ନାମ ଘୋଷଣା ହେବ ବୋଲି ଜଣାପଡ଼ିଛି।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲାଗିବା ନେଇ ଜୋର୍ ଧରିଲା ରାଜନୀତି

**ଭୁବନେଶ୍ୱର, ୧୫।୪(ସୁନିତ୍ ମିଶ୍ର)**

- ଏ ସରକାରରେ ବିଜୁବାବୁଙ୍କୁ ଏକାଧିକ ବାର ଅପମାନ ଦିଆଗଲାଣି: ସଞ୍ଜୟ
- ଅଭିଯୁକ୍ତ ଜଣେ ମାନସିକ ବିକୃତ: ସଜ୍ଜନ

ପାଟଣାଗଡ଼ରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଯିବା ଘଟଣାକୁ ନେଇ ବିଜେଡି ନେତାମାନେ ତୀବ୍ର ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିଥିବା ବେଳେ ତୁରନ୍ତ ଦୋଷୀଙ୍କୁ ଧରିବା ଲାଗି ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ଅକ୍ଷମଣୀୟ ବୋଲି ସେ କହିଛନ୍ତି।

ବିଜେଡି ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ସେ ଓଡ଼ିଶାର ସର୍ବମାନ୍ୟ ନେତା ଓ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିବା ଓଡ଼ିଆ ଜାତିର ମହାନ୍ ଜନନାୟକ। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଇବା କେବଳ ଏକ ଜଘନ୍ୟ ଅପରାଧ ନୁହେଁ, ଓଡ଼ିଶାର ସ୍ୱାଭିମାନୀ ଓ ଅସ୍ମିତାକୁ ଭୂଲୁଣ୍ଠିତ କଲାଭଳି ଦୁର୍ଭାଗ୍ୟଜନକ ଘଟଣା। ଏହି ସରକାରରେ ଏକାଧିକ ଥର ବିଜୁବାବୁଙ୍କ ଅମ୍ଳାନ ସ୍ମୃତି ପ୍ରତି ଅପମାନ ଦେଲା ଭଳି ଘଟଣା ଘଟିଲାଣି। ରାଜ୍ୟ ସରକାରଙ୍କ ନୀରବତା ରହସ୍ୟମୟ। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଉ। ଆଗକୁ ଏହିଭଳି ଘଟଣାକୁ ବିଜେଡି ବରଦାସ୍ତ କରିବ ନାହିଁ, ଏହାର ଉଚିତ ଜବାବ ଦିଆଯିବ ବୋଲି ଦାସବର୍ମା କହିଛନ୍ତି।

ଭାଜପା ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି, ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ପୋଡ଼ିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଅକ୍ଷମଣୀୟ। ସରକାରଙ୍କ ନିର୍ଦ୍ଦେଶରେ ଭଗବାନ ପର୍ଶୁରାମ ଏବଂ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରିବାକୁ ପ୍ରଶାସନିକ ନିଷ୍ପତ୍ତି ନିଆଯାଇଛି। ମାତ୍ର ଉନ୍ମୋଚନ ହେବା ପୂର୍ବରୁ ପ୍ରତିମୂର୍ତ୍ତିକୁ ପୋଡ଼ିଦେବା ଅତ୍ୟନ୍ତ ନିନ୍ଦନୀୟ। ତ୍ୱରିତ ପଦକ୍ଷେପ ସ୍ୱରୂପ ଘଟଣାରେ ସମ୍ପୃକ୍ତ ଯୁବକ ଯୁଗଳ କୁମାର ସାହୁ (ହୀରୁ)ଙ୍କୁ ତୁରନ୍ତ ଗିରଫ କରାଯାଇ ସରକାର ଓ ପ୍ରଶାସନ ତରଫରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି। ଗିରଫ ଅଭିଯୁକ୍ତ ଜଣେ ମାନସିକ ବିକୃତ ଏବଂ ଘଟଣା ସମୟରେ ନିଜେ ଛିଡ଼ାହୋଇଥିବା ସ୍ପଷ୍ଟ ଦେଖାଯାଉଛି। ପ୍ରକାଶ ଥାଉକି, ଅଭିଯୁକ୍ତ ଯୁଗଳ କିଛି ମାସ ପୂର୍ବରୁ ଏକ ଇଲେକ୍ଟ୍ରିକ୍ ଖୁଣ୍ଟ ଉପରେ ଚଢ଼ିଯାଇଥିଲେ ଏବଂ ଇଲେକ୍ଟ୍ରି ସପ୍ଲାଇ ବନ୍ଦ କରାଯାଇ ତାଙ୍କୁ ଉଦ୍ଧାର କରାଯାଇଥିଲା। ବିଜୁ ପଟ୍ଟନାୟକଙ୍କ ପ୍ରତି ଭାଜପାର ଯଥେଷ୍ଟ ସମ୍ମାନ ରହିଛି। ଏଭଳି ହୀନ ଘଟଣାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଶର୍ମା କହିଛନ୍ତି।

## ରାଷ୍ଟ୍ର ପାଇଁ ଅପମାନ: ଦେବାଶିଷ ସାମନ୍ତରାୟ

**କଟକ, ୧୫।୪(ଶିଳ୍ପା ପ୍ରିୟଦର୍ଶିନୀ)**

ବଲାଙ୍ଗୀର ପାଟଣାଗଡ଼ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡି ଦିଆଯିବା ଘଟଣାକୁ ନେଇ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ନିନ୍ଦା କରିବା ସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ମଙ୍ଗଳବାର କଟକ ରାଜାବଗିଚାସ୍ଥିତ କାର୍ଯ୍ୟାଳୟରେ ଦେବାଶିଷ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ପ୍ରଥମେ ମାହାଙ୍ଗା ଅଞ୍ଚଳରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିର ମୁଣ୍ଡ କାଟି ଦିଆଗଲା ଓ ପରେ କଟକ ମହାନଦୀ ବିହାର ଅଞ୍ଚଳରେ ପ୍ରତିମୂର୍ତ୍ତିର ରଙ୍ଗ ବଦଳାଗଲା। ମୁଖ୍ୟତଃ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ଏବଂ ମଙ୍ଗଳବାର ପ୍ରତିମୂର୍ତ୍ତିରେ ନିଆଁ ଲଗାଇବା ଘଟଣା ଚିନ୍ତାଜନକ। ଏହା ସମଗ୍ର ରାଷ୍ଟ୍ର ପାଇଁ ଅପମାନ ବୋଲି ସେ କହିଛନ୍ତି।

# କଂଗ୍ରେସର ମଶାଲ ଶୋଭାଯାତ୍ରା

**ନାରୀ ନିର୍ଯାତନା ଓ ଗ୍ୟାସ୍ ଦର ବୃଦ୍ଧି ପ୍ରସଙ୍ଗ**

**ଭୁବନେଶ୍ୱର, ୧୫।୪(ରବିନାରାୟଣ ଜେନା)**

ଓଡ଼ିଶାରେ ନାରୀ ନିର୍ଯାତନା, ବଳାତ୍କାର, ଗଣବଳାତ୍କାର, ହତ୍ୟା ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଛି।

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ସଭାପତି ବିଶ୍ୱଜିତ ଦାସଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରୁ କର୍ମୀମାନେ ରାମମନ୍ଦିର ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରିଥିଲେ। ଏହି ଅବସରରେ ବିଶ୍ୱଜିତ୍ କହିଛନ୍ତି, ଭାଜପା କ୍ଷମତାସୀନ ହେବା ପୂର୍ବରୁ ଓଡ଼ିଶାର ମହିଳାଙ୍କୁ ସୁରକ୍ଷା ଦେବା ସହ ମହିଳା ନିର୍ଯାତନା ନିୟନ୍ତ୍ରଣ ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଆଜି ଓଡ଼ିଶାର ମହିଳା ନିର୍ଯାତିତା, ବଳାତ୍କାର ଓ ହତ୍ୟାର ଶିକାର ହେଉଛନ୍ତି। ମହିଳାଙ୍କୁ ସୁରକ୍ଷା ନେଇ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ କହିଛନ୍ତି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି, ସାରା ରାଜ୍ୟରେ ମହିଳାମାନେ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାସ, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହିପରିପ୍ରେକ୍ଷୀରେ ମଙ୍ଗଳବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଭଦ୍ରକରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ମଙ୍ଗଳବାର ସନ୍ଧ୍ୟାରେ ବାହାରିଥିବା ମଶାଲ ଶୋଭାଯାତ୍ରାରେ କଂଗ୍ରେସ ନେତା ଓ କର୍ମୀ।

## BUSINESS


# ଦିନକରେ ନିବେଶକ ଯୋଡ଼ିଲେ ୧୧ ଲକ୍ଷ କୋଟି

**ମୁମ୍ବାଇ, ୧୫।୪ (ଅଭୟ ଦାଶ)**

 କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବରରେ ପରିବର୍ତ୍ତନ ଘଟୁଛି। ଏପରିକି ବୈଶ୍ୱିକ ବଜାରର କାରବାର ଏବଂ ଭୂ-ରାଜନୈତିକ ପରିସ୍ଥିତି ଓ ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ବାଣିଜ୍ୟ ନୀତି ସମେତ ନୂଆ ଟାରିଫ୍ ଦରର ପ୍ରଭାବ ଭାରତୀୟ ପୁଞ୍ଜିବଜାର କାରବାରରେ ପଡୁଛି।

ଚଳିତ ସପ୍ତାହ କାର୍ଯ୍ୟ ଦିବସର ପ୍ରଥମ ଦିନର କାରବାରରେ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିବେଶକମାନେ ବେଶ୍ ଉତ୍ସାହିତ ଥିଲାବେଳେ ଦିନକରେ ଶେୟାର ବଜାରର ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା (୧୦.୮ ଲକ୍ଷ କୋଟି) ର ନିବେଶ ପୁଞ୍ଜିବଜାରରେ ଯୋଗକରିଛନ୍ତି। ପୂର୍ବ କାର୍ଯ୍ୟଦିବସର ଫଳାଫଳ ଶେଷ ସୁଦ୍ଧା ବଜାର ପୁଞ୍ଜି ୪୦୧ ଲକ୍ଷ କୋଟିରୁ ଅଧିକ ଥିଲା। ମଙ୍ଗଳବାର କାର୍ଯ୍ୟଦିବସ ଶେଷ ସୁଦ୍ଧା ପୁଞ୍ଜିବଜାରର ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା (୧୦.୮ ଲକ୍ଷ କୋଟି)ର ନିବେଶ ପୁଞ୍ଜିବଜାରରେ ଯୋଗକରିବାରୁ ବଜାର ପୁଞ୍ଜି ୪୧୨.୩୪ ଲକ୍ଷ କୋଟିରେ ପହଞ୍ଚିଛି।

ସେହିଭଳି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍‌ର କାରବାର ୩% ବୃଦ୍ଧି ପାଇଥିଲାବେଳେ ସ୍ମଲକ୍ୟାପର କାରବାର ମଧ୍ୟ ୩.୨% ବଢ଼ିଛି। ଅପରପକ୍ଷରେ ନିଫ୍ଟି ମିଡ୍‌କ୍ୟାପର କାରବାରରେ ୧୪୭୨.୯୫ ପଏଣ୍ଟ ବୃଦ୍ଧି ଘଟି ୫୧,୯୭୪.୪୫ ଅଙ୍କରେ ଶେଷ ହୋଇଥିଲାବେଳେ ନିଫ୍ଟି ସ୍ମଲକ୍ୟାପର କାରବାର ୩.୦୫% ବଢି ୭୮୦୨.୫୫ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରିକି ନିଫ୍ଟି ବ୍ୟାଙ୍କର କାରବାର ୨.୭୦% ବୃଦ୍ଧି ଘଟି ୫୨,୩୭୯.୫୦ ଅଙ୍କରେ ଶେଷ ହୋଇଥିଲା। ସେହିପରି ସେକ୍ଟରାଲ କ୍ଷେତ୍ରରେ ଆଇଟି, ମେଟାଲ, ଅଟୋ, ଅଏଲ ଆଣ୍ଡ ଗ୍ୟାସ୍, ବ୍ୟାଙ୍କିଙ୍ଗ୍, ଏଫ୍‌ଏମ୍‌ସିଜି, ଫାର୍ମା ଭଳି ପ୍ରମୁଖ ନିବେଶକଙ୍କ କାରବାରରେ ୨ରୁ ୪% ବୃଦ୍ଧି ଘଟିଛି।



## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୭୮ (୧୫୭୭.୬୩) ପଏଣ୍ଟ ବୃଦ୍ଧି ଘଟି ୭୬,୭୩୫ (୭୬,୭୩୪.୮୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୫୦୦ (୫୦୦.୦୦) ପଏଣ୍ଟ ବଢି ୨୩,୩୨୮(୨୩,୩୨୮.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ୟୁପିଆଇ ସର୍କଲର ଶୁଭାରମ୍ଭ

**ନୂଆଦିଲ୍ଲୀ, ୧୫।୪**

ଫୋନପେ'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ୟୁପିଆଇ ସର୍କଲ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ପ୍ଲାଟଫର୍ମର ୟୁଜରମାନଙ୍କୁ ଏକ ସର୍କଲ ସୃଷ୍ଟି କରିବାକୁ ଏବଂ ସେମାନଙ୍କ ପରିବାର, ବନ୍ଧୁ କିମ୍ବା ବିଶ୍ୱସ୍ତ କଣ୍ଟାକ୍ଟଗୁଡ଼ିକରୁ ପେମେଣ୍ଟ କରିବାକୁ ସୁବିଧା ଦେଇଥାଏ। ୟୁପିଆଇ ସର୍କଲ ନିର୍ଭରଶୀଳମାନଙ୍କୁ ଏକ ଲିଙ୍କ ହୋଇଥିବା ବ୍ୟାଙ୍କ ଆକାଉଣ୍ଟର ଆବଶ୍ୟକତା ବିନା ସେମାନଙ୍କର ନିଜସ୍ୱ ୟୁପିଆଇ ଆଇଡି ସୃଷ୍ଟି କରିବାକୁ ସକ୍ଷମ କରିଥାଏ, ଯାହା ଫଳରେ ଡିଜିଟାଲ ଫାଇନାନ୍ସିଆଲ ସେବାଗୁଡ଼ିକରେ ସୀମିତ ଆକ୍ସେସ ଥିବା ଲୋକଙ୍କ ପାଇଁ ସୁରକ୍ଷିତ ଅନଲାଇନ ପେମେଣ୍ଟ ସମାଧାନର ସୁଯୋଗ ଉପଲବ୍ଧ ହୋଇଥାଏ। ଫୋନପେ'ରେ ୟୁପିଆଇ ସର୍କଲ ବ୍ୟବହାର କରି ଜଣେ ୟୁପିଆଇ ଆକାଉଣ୍ଟଧାରୀ (ପ୍ରାଥମିକ ୟୁଜର), ୟୁପିଆଇ ଆଇଡି କିମ୍ବା କ୍ୟୁଆର କୋଡ ବ୍ୟବହାର କରି ସେମାନଙ୍କ ସର୍କଲରେ ସେମାନଙ୍କ ପରିବାର/ ବିଶ୍ୱସ୍ତ ବ୍ୟକ୍ତି (ସେକେଣ୍ଡାରୀ ୟୁଜର) ଯୋଡ଼ିପାରିବେ ଏବଂ ଯେକୌଣସି ସ୍ଥାନରୁ ସେମାନଙ୍କ ପାଇଁ ସହଜରେ ପେମେଣ୍ଟ ଅନୁମୋଦନ କରିପାରିବେ। ଫୋନପେର ସିବିଓ (କଞ୍ଜୁମର ପେମେଣ୍ଟସ) ସୋନିକା ଚନ୍ଦ୍ର କହିଛନ୍ତି, ବ୍ୟାଙ୍କିଂ ବ୍ୟବସ୍ଥାର ସୁବିଧାରୁ ବଞ୍ଚିତ ଏବଂ ଏହି ଇକୋସିଷ୍ଟମରେ ନୂତନ ବ୍ୟକ୍ତିମାନଙ୍କ ପାଇଁ ଡିଜିଟାଲ ପେମେଣ୍ଟର ସହଜତା ଏବଂ ସୁବିଧା ବିସ୍ତାର କ୍ଷେତ୍ରରେ ୟୁପିଆଇ ସର୍କଲ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଲଟିଛି। ପ୍ଲାଟଫର୍ମର ଏହି ସୁବିଧା ମାଧ୍ୟମରେ ଉପଭୋକ୍ତାମାନେ ସେମାନଙ୍କ ପିଲାଙ୍କୁ ଆବଶ୍ୟକ ଖର୍ଚ୍ଚ ପଠାଇ ପାରିବେ। ଡିଜିଟାଲ ପେମେଣ୍ଟରେ ଅସୁବିଧା ଭୋଗ କରୁଥିବା ସମସ୍ତ ହିତାଧିକାରୀଙ୍କ ପକ୍ଷରୁ ମଧ୍ୟ ପେମେଣ୍ଟ କରିପାରିବେ।




# ସର୍ବନିମ୍ନସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

**ଭୁବନେଶ୍ୱର, ୧୫।୪ (ଅନୁରାଧା ମହାରଣା)**

ପନିପରିବା ଏବଂ ପ୍ରୋଟିନଯୁକ୍ତ ଖାଦ୍ୟଦ୍ରବ୍ୟର ମୂଲ୍ୟ ହ୍ରାସ ହେତୁ ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ପ୍ରାୟ ୬ ବର୍ଷର ସର୍ବନିମ୍ନ ୩.୩୪ ପ୍ରତିଶତକୁ ହ୍ରାସ ପାଇଛି। ଏହାପୂର୍ବରୁ ଅଗଷ୍ଟ ୨୦୧୯ରେ ଏହା ୩.୨୮ ପ୍ରତିଶତ ସ୍ତରରେ ଥିଲା। ଫେବୃଆରୀରେ ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୩.୬୧ ପ୍ରତିଶତ ଏବଂ ଗତ ବର୍ଷ ମାର୍ଚ୍ଚରେ ୪.୮୫ ପ୍ରତିଶତ ରହିଥିଲା। ମାର୍ଚ୍ଚରେ ଖାଦ୍ୟ ମୁଦ୍ରାସ୍ଫୀତି ୨.୬୯ ପ୍ରତିଶତ ଥିବାବେଳେ ଫେବୃଆରୀରେ ଏହା ୩.୭୫ ପ୍ରତିଶତ ଏବଂ ମାର୍ଚ୍ଚ ୨୦୨୪ ରେ ୮.୫୨ ପ୍ରତିଶତ ରହିଥିଲା। ମୁଦ୍ରା ନୀତି ପ୍ରସ୍ତୁତ କରୁଥିବାବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଖୁଚୁରା ମୁଦ୍ରାସ୍ଫୀତି ଉପରେ ଦୃଷ୍ଟି ରଖିଛି। ଗତ ସପ୍ତାହରେ ଆର୍‌ବିଆଇ ପ୍ରମୁଖ ନୀତି ହାର ରେପୋକୁ ୦.୨୫ ପ୍ରତିଶତକୁ ୬ ପ୍ରତିଶତକୁ ହ୍ରାସ କରିଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ୪ ପ୍ରତିଶତ ହେବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଆକଳନ କରିଛି। ପ୍ରଥମ ତ୍ରୈମାସରେ ଏହା ୩.୬ ପ୍ରତିଶତ, ଦ୍ୱିତୀୟ ତ୍ରୈମାସରେ ୩.୯ ପ୍ରତିଶତ, ତୃତୀୟ ତ୍ରୈମାସରେ ୩.୮ ପ୍ରତିଶତ ଏବଂ ଚତୁର୍ଥ ତ୍ରୈମାସିକରେ ୪.୪ ପ୍ରତିଶତ ହୋଇଥିବାବେଳେ ଉଭୟ ପକ୍ଷରେ ବିପଦ ସମାନ ଭାବରେ ସନ୍ତୁଳିତ ରହିଛି। ଏହି ସମୟରେ, ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ହେତୁ ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କ ଭିତ୍ତିକ ମୁଦ୍ରାସ୍ଫୀତି ମାର୍ଚ୍ଚ ମାସରେ ମାସିକ ୨.୦୫ ପ୍ରତିଶତ ହ୍ରାସ ପାଇଥିଲା। ଏହା ପୂର୍ବରୁ ଗତ ବର୍ଷ ସେପ୍ଟେମ୍ବରରେ ହୋଲ୍‌ସେଲ ମୁଦ୍ରାସ୍ଫୀତି ୧.୯୧ ପ୍ରତିଶତ ରହିଥିଲା। ଫେବୃଆରୀରେ ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଇ) ଭିତ୍ତିକ ମୁଦ୍ରାସ୍ଫୀତି ୨.୩୮ ପ୍ରତିଶତ ଥିଲା। ତେବେ ବାର୍ଷିକ ଭିତ୍ତିରେ ମାର୍ଚ୍ଚରେ ଏଥିରେ ବୃଦ୍ଧି ଘଟିଛି। ମାର୍ଚ୍ଚ ୨୦୨୪ରେ ଏହା ୦.୨୬ ପ୍ରତିଶତରେ ପହଞ୍ଚିଥିଲା।

# ବେଦାନ୍ତ ପକ୍ଷରୁ ଯୁବ ଆକାଂକ୍ଷାକୁ ସମର୍ଥନ

**ଭୁବନେଶ୍ୱର, ୧୫।୪**

ଭାରତୀୟ ପର୍ବତାରୋହଣ ଫାଉଣ୍ଡେଶନ (ଆଇଏମ୍‌ଏଫ୍) ଦ୍ୱାରା ଅନୁମୋଦିତ ଓଡ଼ିଶାର ପ୍ରଥମ ଟ୍ରେକିଂ ଅଭିଯାନ ନିକଟରେ ସଫଳତାର ସହ ଶେଷ ହୋଇଛି। ବିଶେଷକରି କଳାହାଣ୍ଡିର ୨୬ଜଣ ଛାତ୍ରଙ୍କୁ ନେଇ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ଗଡ଼ୱାଲ ହିମାଳୟରେ ନାଗ ଟିବ୍ବା ଅଭିଯାନକୁ ଛାତ୍ରମାନେ ସଫଳତାର ସହ ସମାପ୍ତ କରିବାରେ ସମର୍ଥ ହୋଇଛନ୍ତି। ସେହିଭଳି ବେଦାନ୍ତ ଆଲୁମିନିୟମ ଦ୍ୱାରା ପ୍ରାୟୋଜିତ ଏହି ଅଭିଯାନରେ ଯୁବ ଟ୍ରେକର୍ସମାନେ ୩୦୨୨ ଉଚ୍ଚତା ବିଶିଷ୍ଟ ନାଗ ଟିବ୍ବା ଚଢ଼ିଥିଲେ। ଏହାର ମନୋରମ ଦୃଶ୍ୟ ଏବଂ ମଧ୍ୟମ ବୈଷୟିକ ଚ୍ୟାଲେଞ୍ଜ ପାଇଁ ଏହା ବେଶ୍ ଜଣାଶୁଣା ବୋଲି କୁହାଯାଉଛି। ଏହି ଟ୍ରେକ୍ ଜରିଆରେ ଅଂଶଗ୍ରହଣକାରୀଙ୍କ ଧୈର୍ଯ୍ୟ, ଦଳଗତ କାର୍ଯ୍ୟ ଏବଂ ସ୍ଥିରତା ପରୀକ୍ଷା କରାଯାଇଥିଲା, ଯାହାକି ଏକ ବିଜୟୀ ଆରୋହଣରେ ପରିଣାମ ହୋଇଥିଲା। ଏହି ଅଭିଯାନର ନେତୃତ୍ୱ ଏଭରେଷ୍ଟ ଶିଖର ଆରୋହୀ ଏବଂ ଅନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇଙ୍କ ନେତୃତ୍ୱରେ ବରିଷ୍ଠ ପର୍ବତାରୋହୀ ପ୍ରଶିକ୍ଷକ ରୋମାଞ୍ଚଳ ଭୋଇ ଏବଂ ଧନପତି ବାଗଙ୍କ ବିଶେଷଜ୍ଞ ମାର୍ଗଦର୍ଶନରେ କରାଯାଇଥିଲା। ଏପରିକି ସେମାନଙ୍କ ପରାମର୍ଶରେ ଛାତ୍ରମାନେ କେବଳ ସୁରକ୍ଷିତ ଭାବେ ଟ୍ରେକ୍ ସମାପ୍ତକରି ନ ଥିଲେ ବରଂ ପର୍ବତାରୋହଣରେ ଅତ୍ୟାବଶ୍ୟକ ଦକ୍ଷତାକୁ ମଧ୍ୟ ବିକଶିତ କରିଥିଲେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆମେ ଆମ ସମ୍ପ୍ରଦାୟର ଯୁବପିଢ଼ିଙ୍କ ସମ୍ଭାବନାକୁ ପୋଷଣ କରିବା ଏବଂ ସେମାନଙ୍କ ଆକାଂକ୍ଷାକୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଆମେ ଓଡ଼ିଶାର ପ୍ରଥମ ଆଇଏମ୍‌ଏଫ୍ ଅନୁମୋଦିତ ଟ୍ରେକିଂ ଅଭିଯାନକୁ ପ୍ରାୟୋଜିତ (ସକ୍ଷମ) କରି ଗର୍ବିତ ଅଛୁ। ଏପରିକି କଳାହାଣ୍ଡିର ଏହି ଯୁବ କୃତିତ୍ୱ ହାସଲକାରୀମାନଙ୍କୁ ସେମାନଙ୍କର ଦିଗନ୍ତକୁ ବିସ୍ତାର କରିବା, ସ୍ଥିରତା ନିର୍ମାଣ କରିବା ଏବଂ ଦୁଃସାହସିକତାର ମନୋଭାବକୁ ଚାମ୍ପିୟନ କରିବାରେ ଏହା ସାହାଯ୍ୟ କରିବ।




ନାଗ ଟିବ୍ବା ଅଭିଯାନରେ ଅଂଶଗ୍ରହଣ କରିଥିବା ଛାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ବ୍ଲିଙ୍କିଟ୍ ସହ ବିଏର ବୁଝାମଣା

**ନୂଆଦିଲ୍ଲୀ, ୧୫।୪**

ଦେଶର ଅଗ୍ରଣୀ ଇ-କର୍ମସ ପ୍ଲାଟ୍‌ଫର୍ମ ବ୍ଲିଙ୍କିଟ୍ ଏବଂ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ୍(ବିଏ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ୧୦ ମିନିଟ୍ ମଧ୍ୟରେ ଆଶାୟୀ ଉପଭୋକ୍ତାଙ୍କ ଘରେ ସିମ୍ କାର୍ଡ ପହଞ୍ଚାଇବା ପାଇଁ ଉଭୟ ସଂସ୍ଥା ମଧ୍ୟରେ ଏହି ବୁଝାମଣା ହୋଇଥିବା ଜଣାପଡ଼ିଛି। ସେହିଭଳି ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ସେବା ବର୍ତ୍ତମାନ ଦେଶର ୧୬ ସହରରେ ଉପଲବ୍ଧ ହେଉଥିବାବେଳେ ସମୟକ୍ରମେ ଅଧିକ ସହର ଓ ନଗରକୁ ଯୋଡ଼ିବାକୁ ଆଗାମୀ ଦିନରେ ଯୋଜନା ରହିଛି। ଏହି ସହଭାଗିତା ଉଭୟଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପରିଗଣିତ ହୋଇଛି, ଯାହାଦ୍ୱାରା ଗ୍ରାହକମାନେ ସର୍ବନିମ୍ନ ୧୦ ମିନିଟ୍‌ରେ ୪୯ ଟଙ୍କା ଶୁଳ୍କରେ ସେମାନଙ୍କ ଦ୍ୱାରରେ ସିମ୍ କାର୍ଡ ପାଇପାରିବେ। ସିମ୍ କାର୍ଡ ଡେଲିଭରି ପରେ ଗ୍ରାହକମାନେ ଆଧାର ଆଧାରିତ କେୱାଇସି ପ୍ରମାଣୀକରଣ ମାଧ୍ୟମରେ ଏକ ସରଳ ଆକ୍ଟିଭେଶନ ପ୍ରକ୍ରିୟା ବ୍ୟବହାରକରି ନମ୍ବରକୁ ଆକ୍ଟିଭେଟ୍ ବା ସକ୍ରିୟ କରିପାରିବେ। ଗ୍ରାହକମାନେ ଉଭୟ ପୋଷ୍ଟପେଡ୍ ଏବଂ ପ୍ରିପେଡ୍ ପ୍ଲାନ୍ ମଧ୍ୟରୁ ଚୟନ କରିବା କିମ୍ବା ଏୟାରଟେଲ ନେଟ୍‌ୱର୍କରେ ପୋର୍ଟ କରିବା ପାଇଁ ଏକ ଏମ୍‌ଏନ୍‌ପି ଆରମ୍ଭ କରିବାର ବିକଳ୍ପ ପାଇବେ। ଉକ୍ତ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ଗ୍ରାହକମାନେ ଅନ୍‌ଲାଇନ ଲିଙ୍କ୍ ହାସଲ କରିପାରିବେ ଏବଂ ଏକ ନିରବଚ୍ଛିନ୍ନ ସକ୍ରିୟକରଣ ଅନୁଭୂତି ପାଇଁ ସକ୍ରିୟକରଣ ଭିଡିଓ ଦେଖିପାରିବେ। ଏ ସମ୍ପର୍କରେ ଭାରତୀ ଏୟାରଟେଲର ସିଇଓ (କନେକ୍ଟେଡ୍ ହୋମ୍ସ ଓ ମାର୍କେଟିଂ ନିର୍ଦ୍ଦେଶକ) ସିଦ୍ଧାର୍ଥ ଶର୍ମା କହିଛନ୍ତି, ଆମେ ଯାହା କିଛି କରୁଛୁ, ଗ୍ରାହକଙ୍କ ଜୀବନକୁ ସରଳ କରିବା ଗୁରୁତ୍ୱପୂର୍ଣ୍ଣ। ଆଜି ଆମେ ବ୍ଲିଙ୍କିଟ୍ ସହିତ ୧୬ଟି ସହରରେ ଗ୍ରାହକଙ୍କ ଘରେ ୧୦ମିନିଟ୍‌ରେ ସିମ୍ କାର୍ଡ ଡେଲିଭରି ପାଇଁ ସହଯୋଗିତାକରି ଆନନ୍ଦିତ ଏବଂ ସମୟ କ୍ରମେ ଆମେ ଏହି ସହଯୋଗିତାକୁ ଅଧିକ ସହରରେ ବିସ୍ତାର କରିବାକୁ ଯୋଜନା କରୁଛୁ।

# ଗୋଆରେ ଓଡ଼ିଆ ଯୁବକଙ୍କୁ ହତ୍ୟା

## ୨ ସାଥୀଙ୍କୁ ଗିରଫ କଲା ପୋଲିସ

**ପେଟପାଟଣା ପାଇଁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିଲେ। ନିଜ ଅଞ୍ଚଳର ୨ଜଣ ସାଥୀଙ୍କ ସହ ଭଡ଼ା ଘରେ ରହି ଏକ କମ୍ପାନୀରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ହେଲେ ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ସାଥୀ ୨ଜଣ ମିଶି ଅନ୍ୟ ଜଣଙ୍କୁ ହତ୍ୟା କରି ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସ ଉଭୟଙ୍କୁ ଗିରଫ କରି ପଚରାଉଚରା କରୁଛି।**



ଖଗେଶ୍ୱର ଶବର

ରାଇଆ(ଗୋଆ)/ ଜୁନାଗଡ଼(ଉତ୍ତମ ଦାସ),୧୫।୪

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଗୌଡ଼ଛେଣ୍ଡିଆ ଗ୍ରାମର ଖଗେଶ୍ୱର ଶବର(୩୮) ଦିନ ମଜୁରିଆ କାମ କରିବାକୁ ଗୋଆ ଯାଇଥିଲେ। ସେଠାରେ ଏକ କମ୍ପାନୀରେ କାର୍ଯ୍ୟ କରିବା ସହ ରାଇରା ଜିଲାର ସୋନାରଓ୍ୱାଡ୍ଡରେ ଏକ ଭଡ଼ା ଘରେ ରହୁଥିଲେ। ତାଙ୍କ ସହିତ ଯଶୋବନ୍ତ ମାଝି(୪୩) ଏବଂ ରବି ମାଝି(୨୮) ସାଙ୍ଗ ହୋଇ ରହୁଥିଲେ। ଯଶୋବନ୍ତଙ୍କ ଘର ଗୌଡ଼ଛେଣ୍ଡିଆ ଗ୍ରାମରେ ହୋଇଥିବାବେଳେ ରବିଙ୍କ ଘର ଜୁନାଗଡ଼ ବ୍ଲକ ଝିଲିଙ୍ଗଡର ଗ୍ରାମରେ। ଗତ ଶନିବାର କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଯଶୋବନ୍ତ ଏବଂ ରବି ଉଭୟେ ମିଶି ଖଗେଶ୍ୱରଙ୍କୁ ହତ୍ୟା କରିଥିଲେ। ଖଗେଶ୍ୱରଙ୍କ ମୃତଦେହ ଭଡ଼ା ଘରେ ପଡ଼ିଥିବାବେଳେ ଉଭୟେ ଫେରାର ହୋଇଯାଇଥିଲେ। ରବିବାର ଖଗେଶ୍ୱରଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ସ୍ଥାନୀୟ ପଞ୍ଚାୟତର ସଦସ୍ୟ ପିଟର କ୍ୱାଡ୍ରୋସ୍ ନିକଟସ୍ଥ ମାଇନା କର୍ଟୋରିମ୍ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ହତ୍ୟା ଘଟଣା ପରଠାରୁ ଯଶୋବନ୍ତ ଏବଂ ରବି ଫେରାର ଥିବାରୁ ସେମାନଙ୍କ ଉପରେ ସନ୍ଦେହ କରି ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ୩ଟି ଟିମ୍ କରି ନିକଟସ୍ଥ ମାର୍‌ଗାଓ ରେଳ ଷ୍ଟେଶନ, କେଟିସି ବସ୍ ଷ୍ଟାଣ୍ଡ ଏବଂ ସ୍ଥାନୀୟ ଅଞ୍ଚଳରେ ଅଭିଯୁକ୍ତଙ୍କୁ ଖୋଜାଖୋଜି କରିଥିଲା। ସ୍ଥାନୀୟ ଗୋଇନ୍ଦା ରିପୋର୍ଟ ଏବଂ ଟେନାଣ୍ଟ ଭେରିଫିକେଶନ ରିପୋର୍ଟକୁ ଆଧାର କରି ପୋଲିସ ଯଶୋବନ୍ତଙ୍କୁ ମାରଗାଓ ରେଳ ଷ୍ଟେଶନରୁ ପ୍ରଥମେ ଗିରଫ କରିଥିଲା। ପରେ ତାଙ୍କ ସୂଚନା ଆଧାରରେ ରବିଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ଉଭୟଙ୍କ ବିରୋଧରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ପଚରାଉଚରା କରାଯାଉଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଖଗେଶ୍ୱର କିଛି ବର୍ଷ ଧରି ଗୋଆରେ କାମ କରୁଥିବାବେଳେ ଶେଷ ଥରପାଇଁ ଗତ ନଭେମ୍ବର ମାସରେ ଯାଇଥିଲେ। ତାଙ୍କର ମୃତ୍ୟୁ ଖବର ପାଇବା ପରେ ଭାଇ ଯଦୁ ଶବର ଏବଂ ଅନ୍ୟ ସମ୍ପର୍କୀୟମାନେ ଗୋଆ ଯାଇଛନ୍ତି। ଖଗେଶ୍ୱରଙ୍କ ସ୍ତ୍ରୀ ଏବଂ ୨ ପୁଅ ଗ୍ରାମରେ ରହୁଛନ୍ତି।

# ପୂର୍ବତନ ବିଧାୟକଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ





ଗିରଫ ୪ ଯୁବକଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି।

ଧର୍ମଶାଳା/କାଏମା,୧୫।୪ (ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଆକ୍ରମଣ ଘଟଣାରେ ପୋଲିସ ମଙ୍ଗଳବାର ୪ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ବିଜେଡି ସମର୍ଥକ ଧର୍ମଶାଳା ଥାନା କୁମାରୀ ଗ୍ରାମର ମନୋଜ ଦାସ ଏବଂ ଭାଜପା ସମର୍ଥକ ଆରୁହା ଗ୍ରାମର ସୁଶାନ୍ତ ସାମଲ,ସୁରେଶ ସାମଲ ଓ ରାଜେନ୍ଦ୍ର ବାରିକ ବୋଲି ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି। ଧର୍ମଶାଳା ପୋଲିସ ଉଭୟ ପକ୍ଷରୁ ହୋଇଥିବା ୨ଟି ମାମଲା(ନଂ.୨୧୬/୨୫ ଓ ୨୧୮/୨୫)କୁ ଭିତ୍ତିକରି ୪ଜଣଙ୍କୁ ମଙ୍ଗଳବାର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିଲା। ସେଠାରେ ମନୋଜଙ୍କୁ ଜାମିନ ମିଳିଛି। ଅନ୍ୟ ୩ଜଣଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୧୩ ତାରିଖ ଅପରାହ୍ନରେ ଧର୍ମଶାଳା ପୂର୍ବତନ ବିଧାୟକ ବଳବନ୍ତରାୟ ଆରୁହା ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା ହିଙ୍ଗୁଳା ଯଜ୍ଞରେ ଯୋଗଦେବାକୁ ଯାଉଥିଲେ। ଏହି ସମୟରେ ସେଠାରେ ତାଙ୍କ ଗାଡ଼ି ଉପରକୁ କେତେଜଣ ଯୁବକ ଆକ୍ରମଣ କରିଥିଲେ। ସେଠାରେ ତାଙ୍କ ସମର୍ଥକ ଓ ଆକ୍ରମଣକାରୀଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଜେନାପୁର ଥାନା ଅଧିକାରିଣୀ ନିରୁପମା ଜେନା ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ବିଧାୟକ ବଳବନ୍ତରାୟଙ୍କୁ ଉଦ୍ଧାର କରିଥିଲେ। ଏହି ଆକ୍ରମଣ ଘଟଣାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକମାନେ ଦାୟୀ ବୋଲି ପୂର୍ବତନ ବିଧାୟକ କହିଥିଲେ। ହେଲେ ସୋମବାର ଭାଜପା ମଣ୍ଡଳ ସଭାପତି ଏକ ଖବରଦାତା ସମ୍ମିଳନୀରେ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ।

## ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଛେଣ୍ଡିପଦା,୧୫।୪ (ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ପରା ଗ୍ରାମର ରଣେଶ୍ୱର ଶିବ ମନ୍ଦିର ଓ ହନୁମାନ ମନ୍ଦିରର ତାଲା ଭାଙ୍ଗି ସୋମବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଚୋରି ହୋଇଛି। ସୂଚନା ଅନୁଯାୟୀ, ମନ୍ଦିର କମିଟି ସଭାପତି ଭୋର ସମୟରେ ମନ୍ଦିର ବେଢାରୁ ଫୁଲ ତୋଳୁଥିବା ବେଳେ ଠାକୁରଙ୍କ ଗନ୍ତାଘର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ଘଣ୍ଟ, ଘଣ୍ଟି, ପିତଳ ସାମଗ୍ରୀ ସହିତ ମନ୍ଦିର ହୁଣ୍ଡିକୁ ଚୋରି କରି ନେଇଥିବା ଜଣାପଡିଛି। ୩ମାସ ପୂର୍ବରୁ ଉକ୍ତ ମନ୍ଦିରରୁ ଦୁର୍ବୃତ୍ତମାନେ ପ୍ରାୟ ୫୦ ହଜାରରୁ ଅଧିକ ଟଙ୍କାର ସାମଗ୍ରୀ ଚୋରି କରିଥିବା ବେଳେ ପୁନର୍ବାର ଚୋରି ଭକ୍ତମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଖବରପାଇ ଗ୍ରାମ୍ୟ କମିଟି ଓ ମନ୍ଦିର କମିଟି କର୍ମକର୍ତ୍ତାମାନେ ପହଞ୍ଚି ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଦୃଷ୍ଟିବାଧିତ ମା' କୋଳକୁ ଫେରିଲା ଚୋରି ଶିଶୁପୁତ୍ର



ଶିଶୁପୁତ୍ରକୁ ଫେରିପାଇବା ପରେ ଖୁସିରେ ବିଭୋର ମା' ଜୟନ୍ତୀ।



ଗିରଫ ଅଭିଯୁକ୍ତ କେଦାର ପଣ୍ଡା।

## ବାଲେଶ୍ୱରରୁ ଶିଶୁ ଉଦ୍ଧାର, ପୁରୀରୁ ଅପହର୍ତ୍ତା ଗିରଫ

- ଶିଶୁକୁ ରଖିଥିବା ମହିଳା ଅଟକ
- ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପରେ ପୋଲିସର ତତ୍ପରତା

ଭୁବନେଶ୍ୱର,୧୫।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ରାମ ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଥିବା ଦୃଷ୍ଟିବାଧିତ ମା' ପାଖରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଦେଢ଼ବର୍ଷର ଶିଶୁପୁତ୍ରକୁ କମିଶନରେଟ୍ ପୋଲିସ ସୋମବାର ରାତିରେ ବାଲେଶ୍ୱରରୁ ଉଦ୍ଧାର କରିଛି। ଏଥିସହିତ ପୁରୀ ପଳାଇ ଯାଇଥିବା ଅପହର୍ତ୍ତା କେଦାର ପଣ୍ଡାଙ୍କୁ ଗିରଫ କରିଛି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ୪୮ଘଣ୍ଟାର ଅପରେଶନ୍ କରି ପୋଲିସ ଶିଶୁପୁତ୍ରକୁ ଉଦ୍ଧାର କରିପାରିଛି। ଅପରପକ୍ଷେ ପୁଅକୁ ପାଇ ମା' ଜୟନ୍ତୀ ଆତ୍ମହରା ହେବା ସହ ରାଜ୍ୟ ସରକାର ଓ ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି। ଅଭିଯୁକ୍ତ କେଦାର ଶିଶୁକୁ ନେଇ ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ବୋଇତା ଗାଁର ଝେଲମ ରାଣି ପଣ୍ଡା ଓରଫ ଝିଲିଙ୍କୁ ଦେଇଥିଲେ। ମିଳିତ ପୋଲିସ ଟିମ୍ ସୋମବାର ରାତିରେ ବୋଇତା ଗାଁରେ ଚଢ଼ାଉ କରି ଶିଶୁକୁ ଉଦ୍ଧାର କରିବା ସହ ଝିଲିଙ୍କୁ ଉଠାଇ ଆଣିଥିଲା। ଝିଲିଙ୍କୁ ପୋଲିସ ଅଟକ ରଖି ଘଟଣାରେ ତାଙ୍କର ସମ୍ପୃକ୍ତିକୁ ନେଇ ପଚରାଉଚରା କରୁଛି। କେଦାର ଶିଶୁକୁ ପାଳିବାକୁ ନେଇଥିବା ବୟାନରେ କହିଥିବାବେଳେ ଝିଲି ମଧ୍ୟ ସମାନ କଥା ଦୋହରାଇଛନ୍ତି। ହେଲେ ଏହା ପଛରେ ଆଉ କିଛି କାରଣ ଥିବା ଆଶଙ୍କା କରି ତଦନ୍ତ ଜାରି ରହିଛି ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ମଙ୍ଗଳବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଭିଯୁକ୍ତ କେଦାର (୨୭)ଙ୍କ ଘର ଯାଜପୁର ଜିଲା ଗଙ୍ଗାଧରପୁର ଗାଁରେ। ତାଙ୍କ ନାଁରେ ପାହାଳ ଥାନାରେ ଗୋଟିଏ ଓ ଯାଜପୁର ଥାନାରେ ଦୁଇଟି ଦୁଇଚକିଆ ଯାନ ଚୋରି ମାମଲା ରହିଛି। କେଦାରଙ୍କୁ ଖାରବେଳନଗର ଥାନା ପକ୍ଷରୁ କୋର୍ଟ ଚାଲାଣ କରାଯିବା ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତ କରିଥିବା ନିଷ୍ଠୁର କର୍ମର ପ୍ରାୟଶ୍ଚିତ୍ତ ପାଇଁ ସେ ପୁରୀ ପଳାଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଖାରବେଳନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି।

ତଦନ୍ତରୁ ଜଣାପଡିଛି, କେଦାର ପୂର୍ବରୁ ବେଙ୍ଗାଲୁରୁରେ ଜୋମାଟୋ ଓ ସ୍ୱିଗୀରେ ଡେଲିଭରି ବୟ ଭାବେ କାମ କରୁଥିଲେ। ଝିଲିଙ୍କ ସ୍ୱାମୀ ପ୍ରଶାନ୍ତ ମଧ୍ୟ ସେଠାରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ହେବା ସହ ପାରିବାରିକ ସମ୍ପର୍କ ବଢ଼ିଥିଲା। ଝିଲିଙ୍କ ସହ କେଦାର ମୋବାଇଲରେ କଥା ହେବା ସହ ଓଡ଼ିଶା ଆସି ଭେଟିଥିଲେ। ଝିଲିଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ। ୯ବର୍ଷର ପୁଅ କିଡ୍ନୀଜନିତ ଗୁରୁତର ରୋଗରେ ପୀଡିତ ଥିବାରୁ ତା'ର ଚିକିତ୍ସା ଚାଲିଛି। ଝିଲି ଆଉ ଏକ ଶିଶୁପୁତ୍ରକୁ ପାଳିବାକୁ ଚାହୁଁଥିବା କେଦାରଙ୍କୁ କହିଥିଲେ। ଶିଶୁପୁତ୍ରକୁ ପାଳିଲେ ଭଗବାନଙ୍କ କୃପା ଲାଭ ହେବ ଏବଂ ନିଜ ପୁଅ ଭଲ ହୋଇଯିବ ବୋଲି ଝିଲିଙ୍କ ଧାରଣା ଥିଲା। ଏପଟେ କେଦାର ରାମମନ୍ଦିର ସାମ୍ନାରେ ମୋବାଇଲରେ ଭିଡିଓ କଲ୍ କରି ଝିଲିଙ୍କୁ ଏକ ଶିଶୁକୁ ଦେଖାଇବା ସହ ସେ ଅନାଥ ବୋଲି କହିଥିଲେ। ଯୋଜନା ଅନୁଯାୟୀ, କେଦାର ଶନିବାର ରାତିରେ ରାମମନ୍ଦିର ସାମ୍ନାରୁ ମା' ଜୟନ୍ତୀଙ୍କ ପାଖରୁ ଶିଶୁକୁ ଚୋରି କରି ନେଇ ଚାଲିଚାଲି ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ଟ୍ରେନ୍ ଯୋଗେ ବାଲେଶ୍ୱର ରେଳ ଷ୍ଟେଶନ ଯାଇଥିଲେ। ରବିବାର ଝିଲି ମଧ୍ୟ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ଉଭୟ ଶିଶୁପୁତ୍ରକୁ ଏକ ଅଟୋ ଯୋଗେ ଘୋର ଆଣିଥିଲେ। ସେଠାରୁ ପୁଅର ଦେହ ଖରାପ କହି ଏକ ବାଇକ୍‌କୁ ଲିଫ୍ଟ ମାଗି ଗାଁକୁ ଯାଇଥିଲେ। ଏପଟେ ଶିଶୁଟି ରାଜ୍ୟ ବାହାରକୁ ଚାଲାଣ ହୋଇଥିବା ସନ୍ଦେହ କରି ଭୁବନେଶ୍ୱର ପୋଲିସ ୪ଟି ଟିମ୍ କରିବା ସହ ଏଥିପାଇଁ ରେଲୱେ ପ୍ରୋଟେକ୍ସନ୍ ଫୋର୍ସ (ଆର୍‌ପିଏଫ୍), ପଶ୍ଚିମବଙ୍ଗ ପୋଲିସ, ବାଲେଶ୍ୱର ଓ ଭଦ୍ରକ ପୋଲିସର ସହାୟତା ନେଇଥିଲା। ତେବେ ଝିଲି କାହାରିକୁ ନ ଜଣାଇବା ପାଇଁ ଶିଶୁଟିର ଲମ୍ବା ଚୁଟି କାଟିଦେବା ସହ ଝିଅ ଡ୍ରେସ୍ ପିନ୍ଧାଇ ରଖିଥିଲେ। ଝିଲିଙ୍କ ସ୍ୱାମୀ ପ୍ରଶାନ୍ତ ଗଣମାଧ୍ୟମରେ କହିଛନ୍ତି, ଦୁଇ ଦିନ ତଳେ ସେ ବେଙ୍ଗାଲୁରୁରୁ ଘରକୁ ଆସିଥିଲେ। ରବିବାର ରାତିରେ ଝିଲି ଶିଶୁଟିକୁ ଖନ୍ତପଡ଼ାରୁ ଆଣିଥିଲେ ବୋଲି ତାଙ୍କୁ କହିଥିଲେ। ଏହା ବ୍ୟତୀତ ସେ ଏନେଇ ଅଧିକ କିଛି ଜାଣି ନ ଥିବା କହିଛନ୍ତି। ଅପରପକ୍ଷରେ ରୁଚିକା ସମାଜ ମଙ୍ଗଳ ସଂଗଠନ ପକ୍ଷରୁ ଉଦ୍ଧାର ଶିଶୁଟିକୁ ଅତିରିକ୍ତ ଶିଶୁ କଲ୍ୟାଣ ସମିତିଙ୍କ ନିକଟରେ ହାଜର କରାଯାଇଥିଲା। ସମିତିଙ୍କ ନିର୍ଦ୍ଦେଶକ୍ରମେ ମା' ଜୟନ୍ତୀ, ତାଙ୍କ ୭ବର୍ଷୀୟା ଝିଅ ଓ ଉଦ୍ଧାର ଶିଶୁପୁତ୍ରକୁ ତମାଣ୍ଡୋ କାଶିପୁରସ୍ଥିତ ଶକ୍ତି ସଦନରେ ରଖାଯାଇ ଦେଖାଶୁଣା କରାଯାଉଛି। ଘଟଣାରେ ଅନୁସନ୍ଧାନ ରିପୋର୍ଟ ୩ଦିନ ମଧ୍ୟରେ ଉପସ୍ଥାପନ କରିବା ପାଇଁ ରୁଚିକା କର୍ତ୍ତୃପକ୍ଷଙ୍କୁ ସମିତି ନିର୍ଦ୍ଦେଶ ଦେଇଛନ୍ତି। ଜୟନ୍ତୀ ଓ ତାଙ୍କ ପିଲାଙ୍କୁ ଥଇଥାନ ପାଇଁ ଖୋର୍ଦ୍ଧା ଜିଲାପାଳଙ୍କୁ ରୁଚିକା କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି ଅନୁରୋଧ କରିଥିଲେ। ସେମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ସହ ଏକ ରିପୋର୍ଟ ଉପସ୍ଥାପନା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଶିଶୁପୁତ୍ରକୁ ନେଇ ବାପା ଫେରାର, ମା' ଥାନାର ଦ୍ୱାରସ୍ଥ

ଚୌଦ୍ୱାର,୧୫।୪(ଆଶୁତୋଷ ଦାସ)

କଟକ ଜିଲା ଚୌଦ୍ୱାର ପୌରପାଳିକା ୨ ନମ୍ବର ୱାର୍ଡ ଅନ୍ତର୍ଗତ ମୁସ୍‌ଲିମ୍ ସାହିରୁ ଜଣେ ୧୧ ମାସର ଶିଶୁପୁତ୍ରକୁ ତାଙ୍କ ବାପା ନେଇ ଫେରାର ହୋଇଯାଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଶିଶୁପୁତ୍ରର ମା' ଖୁଦ୍‌ରତୁନ ନିସାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୫୩/୨୫) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ପଶ୍ଚିମବଙ୍ଗ ରାଜ୍ୟର ପୂର୍ବ ମେଦିନିପୁର ପ୍ରତାପଦିଘୀ ବାଘମାରୀ ଗ୍ରାମର ମୀର୍ଜା ରଫିଉଲ୍ ବେଗ୍‌ଙ୍କ ସହିତ ୨୦୧୭ରେ ଚୌଦ୍ୱାରର ଖୁଦ୍‌ରତୁନ ନିସାଙ୍କ ନିକା ହୋଇଥିଲା। ୨୦୨୪ ମେ' ମାସରେ ଖୁଦ୍‌ରତୁନ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଗତ ୧୨ ତାରିଖ ରାତିରେ ବୁଲାଇବା ପାଇଁ କହି ଶିଶୁପୁତ୍ରକୁ ନେଇ ରଫିଉଲ୍ ଘରୁ ବାହାରି ଆସିଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ନ ଫେରିବାରୁ ଖୁଦ୍‌ରତୁନ ଓ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶେଷରେ ଖୁଦ୍‌ରତୁନ ଥାନାରେ ପହଞ୍ଚି ପୁଅକୁ ନେଇ ସ୍ୱାମୀ କେଉଁଆଡ଼େ ପଳାଇ ଯାଇଥିବା ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଛି। ଇତିମଧ୍ୟରେ ଦୁଇଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଶିଶୁପତ୍ରକୁ ଉଦ୍ଧାର କରିପାରି ନାହିଁ। ଅପରପକ୍ଷରେ ଖୁଦ୍‌ରତୁନଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ଏବଂ ପରିବାରର ସମସ୍ତେ ଦୃଷ୍ଟିବାଧିତ ହୋଇଥିବାରୁ ପୋଲିସ ତୁରନ୍ତ ପଦକ୍ଷେପ ନେଇ ପୁଅକୁ ଖୋଜି ଆଣିବାକୁ ଖୁଦ୍‌ରତୁନ ନିବେଦନ କରିଛନ୍ତି। ଏନେଇ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଶିଶୁପୁତ୍ରକୁ ଉଦ୍ଧାର କରାଯିବ।

# ଗାଁ ଦାଣ୍ଡରେ ବାପାଙ୍କୁ ହତ୍ୟା, ପୁଅ ଗୁରୁତର

- ଜଣେ ଅଟକ, ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀ ଫେରାର
- ଜାତିଆଣ ଆକ୍ଷେପକୁ ନେଇ ହତ୍ୟାକାଣ୍ଡ



ଘଟଣାସ୍ଥଳରେ ପୋଲିସର ତଦନ୍ତ।

ବୋଲଗଡ଼,୧୫।୪(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ତୃତୀୟାପଡ଼ା ଗାଁ ଦାଣ୍ଡରେ ସୋମବାର ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ସେହି ଗ୍ରାମର ପ୍ରତାପ କୁମାର ସେଠୀ(୪୫)। ସେହିପରି ଅଭିଯୁକ୍ତଙ୍କ ଆକ୍ରମଣରେ ପ୍ରତାପଙ୍କ ପୁଅ ରସାନନ୍ଦ(୨୨) ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ମୃତକଙ୍କ ସ୍ତ୍ରୀ ବୀଣାପାଣିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୮୬/୨୫) ରୁଜୁକରି ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଖୋର୍ଦ୍ଧା ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଜାତିଆଣ ଆକ୍ଷେପକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଅଭିଯୋଗ ମୁତାବକ, ସ୍ଥାନୀୟ ଶିବ ମନ୍ଦିର ପରିସରରେ ଥିବା କାଳିକା ମନ୍ଦିରଠାରେ ମଧ୍ୟାହ୍ନରେ ଝାମୁଯାତ୍ରା ଚାଲିଥିବାବେଳେ ପ୍ରତାପ ଦଣ୍ଡ ଠାକୁରଙ୍କ ଦର୍ଶନ ପାଇଁ ଯାଇଥିଲେ। ସେ ଠାକୁରଙ୍କୁ ଛୁଇଁ ନମସ୍କାର କରୁଥିବାବେଳେ ଦଣ୍ଡୁଆମେଳର ଜଣେ ପାଟଭଗତାଙ୍କ ପୁଅ ଜାତିଆଣ ଆକ୍ଷେପ କରି ପ୍ରତାପଙ୍କୁ ଧକ୍କା ମାରିଥିଲେ। ପରେ ପ୍ରତାପ ଘରକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ଅପରାହ୍ନରେ ତାଙ୍କ ସ୍ତ୍ରୀ ବୀଣାପାଣି ଓ ପୁଅ ରସାନନ୍ଦଙ୍କ ସହ ପ୍ରତାପ ସମ୍ପୃକ୍ତ ପାଟଭଗତାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ପାଟଭଗତାଙ୍କ ପୁଅ ଏଥିରେ ଉତ୍‌କ୍ଷିପ୍ତ ହୋଇ ଏକ ମାରଣାସ୍ତ୍ରରେ ପ୍ରତାପଙ୍କୁ ଆକ୍ରମଣ କରିଥିଲେ। ଫଳରେ ପ୍ରତାପଙ୍କ ଛାତି ଓ ପେଟ ଚିରି ହୋଇ ଗଭୀର କ୍ଷତ ହୋଇଥିଲା। ଆକ୍ରମଣ ସମୟରେ ରସାନନ୍ଦ ପ୍ରତିରୋଧ କରିବାରୁ ସମ୍ପୃକ୍ତ ପାଟଭଗତାଙ୍କ ପୁଅ ଓ ତାଙ୍କର କେତେଜଣ ସହଯୋଗୀ ତାଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ରସାନନ୍ଦଙ୍କ ହାତ, ପାପୁଲି ଓ ଆଙ୍ଗୁଠିରେ ଗଭୀର କ୍ଷତ ହୋଇଛି। ପ୍ରତାପ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆସି ଘର ଆଗରେ ପଡ଼ିଯାଇଥିଲେ। ପରେ ଗୁରୁତର ବାପପୁଅଙ୍କୁ ପରିବାର ଲୋକେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରତାପଙ୍କୁ ମୃତ ଘୋଷଣା କରିଥିଲେ। ରସାନନ୍ଦଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ବୀଣାପାଣିଙ୍କ ଅଭିଯୋଗକ୍ରମେ ପୋଲିସ ପହଞ୍ଚି ସମ୍ପୃକ୍ତ ପାଟଭଗତାଙ୍କୁ ଅଟକ ରଖିଥିବା ବେଳେ ତାଙ୍କ ପୁଅ ଏବଂ ସହଯୋଗୀମାନେ ଫେରାର ହୋଇଯାଇଛନ୍ତି। ତେବେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସ୍ମିତ୍ରାମୟୀ ବରାଳ କହିଛନ୍ତି।

## ବାଛୁରୀର ଆଖି ଫୁଟାଇଲେ ନିଶାଖୋର ଯୁବକ

**ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଲେ**

ବଲାଙ୍ଗୀର,୧୫।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ମାଲପଡାରେ ମଙ୍ଗଳବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନିଶାଖୋର ଯୁବକ ଏକ ଧାରୁଆ ଛୁରିରେ ବାଛୁରୀର ଆଖି ଫୁଟାଇ ଦେଇଥିଲେ। ସ୍ଥାନୀୟ ଲୋକେ ସମ୍ପୃକ୍ତ ନିଶାଖୋର ଯୁବକଙ୍କୁ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଥିଲେ।

ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ସକାଳେ ଜଣେ ନିଶାଖୋର ଯୁବକ ହଠାତ୍ ଉତ୍ତେଜିତ ହୋଇ ଏକ ଧାରୁଆ ଛୁରିରେ ରାସ୍ତାରେ ବୁଲୁଥିବା ଏକ ବାଛୁରୀର ଆଖିରେ ଛୁରୀ ମାରି ଦେଇଥିଲେ। ଛୁରି ମାଡ଼ ପରେ ବାଛୁରୀ ଆଖିରୁ ରକ୍ତ ବୋହି ଯାଇଥିଲା। ଏହା ଦେଖିବା ପରେ ସ୍ଥାନୀୟ ଯୁବକ ଓ ଲୋକେ ସମ୍ପୃକ୍ତ ନିଶାଖୋର ଯୁବକଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇବା ପରେ ପଶୁପକ୍ଷୀ ଓ ପରିବେଶ ପ୍ରେମୀ ଶୈଳେନ୍ଦ୍ର ନାରାୟଣ ଶତପଥୀ ଓ ତାଙ୍କର କେତେଜଣ ସହଯୋଗୀ ଘଟଣାସ୍ଥଳକୁ ଆସି ବାଛୁରୀକୁ ସେଠାରୁ ଉଦ୍ଧାର କରି ବଲାଙ୍ଗୀର ପ୍ରାଣୀଧନ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ଧାରୁଆ ଅସ୍ତ୍ର ମାଡରେ ବାଛୁରୀର ଗୋଟିଏ ଆଖି ନଷ୍ଟ ହୋଇଯାଇଥିବା ଜଣାପଡିଥିଲା। ଅନ୍ୟପଟେ ବାଛୁରୀ ଆଖିରେ ଛୁରି ମାଡ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ପୋଲିସ ପିସିଆର ଭ୍ୟାନକୁ ଖବର ଦେଇଥିଲେ। ପୋଲିସ ପିସିଆର ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥାନୀୟ ଲୋକେ କାବୁ କରିଥିବା ସମ୍ପୃକ୍ତ ନିଶାଖୋର ଯୁବକଙ୍କୁ ପୋଲିସକୁ ଜିମା ଦେଇଥିଲେ। ପୋଲିସ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ପଚରାଉଚରା ବେଳେ ଅନ୍ୟ ଜଣେ ଯୁବକ ତାଙ୍କୁ ମାଡ଼ ମାରିବାରୁ ସେ ପ୍ରତିଶୋଧ ପରାୟଣ ହୋଇ ନିରୀହ ବାଛୁରୀ ଉପରେ ରାଗ ଶୁଝାଇଥିବା କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନଈ ନୁଆଣି କଦଳିଫେଣି
ମୋ ନଣନ୍ଦର ଓଷା
ଟାକୁଆ ଗାଲକୁ ବଣ ହଳଦୀ
ଖୋସି ଦେଉଥାଏ ଖୋସା।**

ସୌନ୍ଦର୍ଯ୍ୟକୁ ନେଇ ନାରୀଙ୍କ ମନରେ ବିଶେଷ ଆଗ୍ରହ ବା ରୁଚି ରହିଥାଏ। ସଜେଇ ହୋଇ ଅନ୍ୟ ଆଗରେ ନିଜକୁ ଦେଖେଇହେବାରେ ସେମାନେ ଖୁସି ଆନନ୍ଦ ପାଇଥାନ୍ତି। ଏପରିସ୍ଥଳେ ଗାଉଁଲି ଝିଅର ଫେଶନ ହେବାର ଢଙ୍ଗ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଡ଼ିଆ ଗଛ ବାଆ ବୁରୁଛ
ବାଟକୁ ପଡ଼ିଛି ଛାଇ
ବଣି ଚଢେଇର ପୁଅ ହୋଇଛି
କୁଳ ଉଦ୍ଧାରିବା ପାଇ।**

ବଂଶକୁ ଆଗକୁ ନେବା ପାଇଁ ବା ବଂଶ ବୃଦ୍ଧି ପାଇଁ ସନ୍ତାନର ଆବଶ୍ୟକତା ରହିଥାଏ। ପୁତ୍ର ସନ୍ତାନ ଲାଭ ନିମନ୍ତେ ଅନେକେ ନାନା ଓଷା, ବାର, ବ୍ରତ ରଖିବା ସହ ଈଶ୍ୱରଙ୍କ ଠାରେ ମାନସିକ ରଖିଥାନ୍ତି। କୌଣସି ପରିବାର ମଧ୍ୟରେ ପୁଅଟିଏ ଜାତ ହୋଇଛି ଜାଣି ବଂଶ ରକ୍ଷା ହୋଇଗଲା ଭାବି ଖୁସିରେ ଏଭଳି ଉପଲକ୍ଷ୍ୟର ଅବତାରଣା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ମଙ୍ଗଳବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୁଷରେ ପଞ୍ଜାବ, ମହିଳାରେ ସିଆର୍‌ପିଏଫ୍ ଚାମ୍ପିୟନ

## ସର୍ବଭାରତୀୟ ପୋଲିସ ହକି ଉଦ୍‌ଯାପିତ

**ଭୁବନେଶ୍ୱର,୧୫।୪ (ଅନାଦି କର)**

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ପୁରୁଷ ବିଭାଗର ଫାଇନାଲରେ ପଞ୍ଜାବ ୨-୧ ଗୋଲରେ ସିଆର୍‌ପିଏଫ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିଭଳି ମହିଳା ବିଭାଗରେ ସିଆର୍‌ପିଏଫ୍ ୧-୦ ଗୋଲରେ ଏସ୍‌ଏସ୍‌ବି ପୋଲିସକୁ ହରାଇ ଟାଇଟଲ ହାତେଇଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଆଇଟିବିପିକୁ ହରାଇ ଓଡ଼ିଶା ପୋଲିସ ବ୍ରୋଞ୍ଜ ପଦକ ହାସଲ କରିଛି। ପୁରୁଷ ବିଭାଗରେ ବିଏସ୍‌ଏଫ୍‌କୁ ପରାସ୍ତ କରି ଆଇଟିବିପି ବ୍ରୋଞ୍ଜ ପଦକ ହାତେଇଛି। ଏହି ପୋଲିସ ହକି ଚାମ୍ପିୟନଶିପ୍‌ରେ ବିଭିନ୍ନ ରାଜ୍ୟ ପୋଲିସ ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ କେନ୍ଦ୍ରୀୟ ପୋଲିସ ସଂଗଠନର ୨୬ଟି ପୁରୁଷ ଓ ୯ଟି ମହିଳା ଦଳ ଅଂଶଗ୍ରହଣ କରିଥିଲେ। ଅଖିଳ ଭାରତୀୟ ପୋଲିସ କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଗା ଇଭେଣ୍ଟକୁ ସଫଳତାର ସହିତ ଆୟୋଜନ କରିଥିବାରୁ ଡିଜିପି ଖୁରାନିଆଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପସଭାପତି ଦୟାଳ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ତଥା ଆୟୋଜନ କମିଟିର ଉପସଭାପତି ରାଜେଶ କୁମାର, ଯୁଗ୍ମ ନିର୍ଦ୍ଦେଶକ ଆଇବି ରାଜେଶ ସୁବର୍ଣ୍ଣ, ଆଇଜି(ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ଓ ହକି ଇଣ୍ଡିଆ (ଏଚ୍‌ଆଇ) ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୀରାବାଈ ଚାନୁ ଚେୟାରପର୍ସନ ନିର୍ବାଚିତ

**ନୂଆଦିଲ୍ଲୀ, ୧୫।୪ (ପି.ଟି.)**

ମୀରବାଈ ଚାନୁ ମଙ୍ଗଳବାର ଭାରତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଫ୍) ଆଥ୍‌ଲେଟ୍ସ କମିଶନର ଚେୟାରପର୍ସନ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ନିଯୁକ୍ତି ଦ୍ୱାରା ସାଥୀ ଭାରୋତ୍ତୋଳକଙ୍କ ସମସ୍ୟା ଉପସ୍ଥାପନ କରିବା ପାଇଁ ତାଙ୍କୁ ଏକ ସୁଯୋଗ ମିଳିଛି।


## ମନେ ପଡ଼ନ୍ତି

### ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ



**୰ବିନୋଦିନୀ ମିଶ୍ର**

ସ୍ୱାମୀ- ୰ହରିହର ମିଶ୍ର
କୁମାରୀ, ଜାରକା, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୦୯।୦୩।୧୯୫୫
ତିରୋଧାନ: ୨୫।୦୪।୨୦୨୪

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା । ତୁମ ଅନୁପସ୍ଥିତି ପ୍ରତ୍ୟହ ଅନୁଭବ କରୁଅଛୁ । ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ ପାଇଁ ମାର୍ଗଦର୍ଶିକା ସାଜିଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ: ଦିଅର: ସନାତନ ମିଶ୍ର, ମହେଶ୍ୱର, ଲକ୍ଷ୍ମୀଧର, ପୁଅ-ବୋହୂ: ସମ୍ବିତ୍-ଶର୍ମିଷ୍ଠା, ଝିଅ-ଜ୍ୱାଇଁ, ଝିଆରୀ-ପୁତୁରା, ନାତି-ନାତୁଣୀ, ବନ୍ଧୁ, ମିଶ୍ର ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୧୭୦

### ପନ୍ଦରତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରମେଶ ଚନ୍ଦ୍ର ବିଶ୍ୱାଳ**

ସମାଧିପାଟଣା ରୋଡ୍, କଳେଜଛକ, କଟକ
ଆବିର୍ଭାବ: ତା୦୭।୦୭।୧୯୫୪
ତିରୋଧାନ: ତା୧୬।୦୪।୨୦୧୦

ଆପଣଙ୍କର ପୁଣ୍ୟ କର୍ମ ଏବଂ ଆଦର୍ଶ ଚିନ୍ତାଧାରା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉଛି।

ବିନମ୍ର ଶ୍ରଦ୍ଧାଞ୍ଜଳି ସହ: ଧର୍ମପତ୍ନୀ: ପ୍ରଣତୀ ବିଶ୍ୱାଳ, ଭାଇ, ଭଉଣୀ, ପୁଅ: ଜିତ୍ ବିଶ୍ୱାଳ, ଅରଜିତ୍ ବିଶ୍ୱାଳ, ପୁତ୍ରବଧୂ: ଦୀପ୍ତିମୟୀ ସାହୁ, ଝିଅ: ପ୍ରାଚୀ ବିସ୍ମୟା ବିଶ୍ୱାଳ, ଜ୍ୱାଇଁ: ଓମ୍‌କାର ନାୟକ, ପୁତୁରା, ଝିଆରୀ, ଭଣଜା, ଭାଣେଜୀ, ନାତିନାତୁଣୀ: ଚିକୁ, ବୈବଭ, ଆତ୍ମୀୟସ୍ୱଜନ, ଛାତ୍ରଛାତ୍ରୀ ଏବଂ ବନ୍ଧୁବର୍ଗ ।

ଧ-୧୪୬

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ନରହରି ଦତ୍ତ**

(ଜନ୍ମ ୧୧।୦୩।୧୯୪୩ ଶ୍ରୀପଦ ଗଞ୍ଜ, ବାରିପଦା)
ତିରୋଧାନ: ୧୬।୦୪।୨୦୨୪

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶ୍ରଦ୍ଧାସୁମନ ସହ: ବାବୁଲୁ-ମାମି, ବୁଲୁ-ଟିକି, ଗୀତା-ଗୁରୁ, ରୀତା-ମନ ଏବଂ ସୋନୁ, ମୁନୁ, ବିକ୍କୁ, ଛୋଟୁ, ରାଜ୍, ଗ୍ରେସୀ, କ୍ଷେତ୍ରବାସୀ, ଶ୍ରୀଧର ତଥା ବନ୍ଧୁବାନ୍ଧବ ଓ ଦତ୍ତ ପରିବାରବର୍ଗ ।

ଧ-୦୪୬

### କାଦମ୍ବରୀଙ୍କ ସ୍ମୃତିରେ



**୰କାଦମ୍ବରୀ ଦାଶ**

ଆବିର୍ଭାବ-୦୩.୧୨.୧୯୫୦
ତିରୋଧାନ-୦୫.୦୪.୨୦୨୫

ଶାନ୍ତ, ସୁଶୀଳ ସୁଶ୍ରୀ କାଦମ୍ବରୀ
ଫେରି ଚାଲିଗଲେ ଅଜଣା ରାଜ୍ୟକୁ
ଜୀବନଯାତ୍ରା କରି ସମାପ୍ତ
ଛାଡି ଚାଲିଗଲେ ଅତୁଳା ସ୍ମୃତି ପର୍ଯ୍ୟାପ୍ତ

ସ୍ୱଳ୍ପ ଦିନର ଅସୁସ୍ଥତା, ମାତ୍ର ହଠାତ
ବିଶ୍ୱାସ କରିବା ହେଲା କଷ୍ଟକର
ଏ ସଂସାରରୁ ବିଦାୟ ନେଲେ
ବନ୍ଧୁ ପରିବାର ଦୁଃଖେ ଭାସିଲେ

କାଳ ଆଗେ କାହାରି ନାହିଁ କର୍ତ୍ତୃତ୍ୱ
କେହି ରହିନାହିଁ ଏହି ଧରାଧାମେ
ସୃଷ୍ଟିର ନିୟମ ଅଟେ ବିଚିତ୍ର
ସଭିଏଁ ଖାଲି ନାଟକର ପାତ୍ର

ଜନ୍ମ ଆଉ ମୃତ୍ୟୁ କେବଳ ଯେ ସତ୍ୟ
ଶୂନ୍ୟରୁ ଆସି ଶୂନ୍ୟରେ ମିଶିବା
ବାକି ଅନ୍ୟ ସବୁ ଅଟେ ଭେଳିକି
ବ୍ୟତିକ୍ରମ ନଥାଏ କାହା ପାଇଁକି

ଭଦ୍ର ସ୍ୱଳ୍ପଭାଷୀ ଥିଲେ କାଦମ୍ବରୀ
କବିତା ମାଧ୍ୟମେ ଶ୍ରଦ୍ଧାଞ୍ଜଳି ଦେଲି
ଆକର୍ଷିତ ଥିଲେ କବିତା ପ୍ରତି
ଅମର ଆତ୍ମା ଲଭୁ ସଦ୍‌ଗତି

ସ୍ୱରଚିତ

ରମେଶ ଦାଶ
ରାଜେଶ ଦାଶ
ଇଶାନୀ, ରାଇସା, କାର୍ତ୍ତିକ
ଓ ଶୋକସନ୍ତପ୍ତ ପରିବାରବର୍ଗ

ଧ-୧୭୧


# ଓଡ଼ିଶା ପୋଲିସ, ନୀତା ଫୁଟ୍‌ବଲ ଏକାଡେମୀ ବିଜୟୀ

## ଓଡ଼ିଶା ଓମେନ୍ସ ଲିଗ୍

**ଭୁବନେଶ୍ୱର, ୧୫।୪ (ବିଜୟ ରଣା)**

ସ୍ଥାନୀୟ ୟୁନିଟ୍-୧ ଫୁଟ୍‌ବଲ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ଓଡ଼ିଶା ଓମେନ୍ସ ଲିଗ୍‌ର ଦୁଇଟି ମ୍ୟାଚରେ ଓଡ଼ିଶା ପୋଲିସ ଓ ନୀତା ଫୁଟ୍‌ବଲ ଏକାଡେମୀ ବିଜୟ ଲାଭ କରିଛନ୍ତି। ପ୍ରଥମ ମ୍ୟାଚରେ ଓଡ଼ିଶା ପୋଲିସ ୪-୦ ଗୋଲ୍‌ରେ ଓଜିପି କ୍ଲବକୁ ହରାଇ ଦେଇଛି। ଦଳ ପକ୍ଷରୁ ସତ୍ୟବତୀ ଖାଡ଼ିଆ (୩୧ତମ, ୪୫+୨ତମ ଓ ୭୧ତମ ମିନିଟ) ତିନୋଟି ଗୋଲ ସ୍କୋର କରିଥିବା ବେଳେ ନୀକିତା ବିଶି (୯୦+୧) ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଟାଟା ଷ୍ଟିଲ ଫାଉଣ୍ଡେଶନ ବିପକ୍ଷରେ ନୀତା ଫୁଟ୍‌ବଲ ଏକାଡେମୀ ୭-୦ ଗୋଲରେ ବିଜୟ ହାସଲ କରିଛି। ଦଳ ତରଫରୁ ଶିଖା ମଲିକ (୧୯ ତମ ଓ ୬୮ତମ) ଓ ରୁକ୍ମଣୀ ମୁର୍ମୁ (୯୦+୧ ଓ ୯୦+୨ତମ) ଦୁଇଟି ଲେଖାଏଁ ଗୋଲ ଦେଇଥିବା ବେଳେ ଦିତି କାନୁନ୍‌ଗୋ (୨୮ତମ), ସୋନିଆ ଏକ୍କା (୬୨ତମ) ଓ ନିବେଦିତା ମୁର୍ମୁ (୭୬ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।



ଓଡ଼ିଶା ପୋଲିସ ଓ ଓଜିପି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।


# Classified Everyday

0674-2580101, 9692975378



MATRIMONIAL

## BRIDE WANTED

ଚାକିରି କରି ଏକାକୀ ରହୁଥିବା 49ବୟସ ଖଣ୍ଡାୟତ ପୁଅ (Divorcee) ପାଇଁ ଯେକୌଣସି ଜାତିର 30-45yrs ଝିଅ ଆବଶ୍ୟକ। Candidate: 9861141891. D-149

ମନବୁଝା ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର। ସକରାତ୍ମକତା, ବୁଝିବାରେ ଜୀବନ ଆନନ୍ଦମୟ। 9437593214. D-151

## GROOM WANTED

Beautiful Khandayat Girl 1997, 5'3" MSc, B.ed, serving Lecturer Govt. College, "Sunasansar"- 9937512659. D-76257

ବୟସ 28 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ।7077016578 ଧ-୭୫୩୭୯




REAL ESTATE

SALE

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439

**Duplex sale with gated Society near Aiims Hospital, Bhubaneswar. 9777433701.** D-76256



FOR RENT

**1000sqft. Office on rent at Jayadev Vihar Square @35000/- one guest house room @15000/- marketing office not allowed, 2years lease only. +916371084018 Sohan.** D-163



Healthcare

Full body massage by experience therapist with homely atmosphere. 9114559860. D-76910

Herbal full body massage by smart/expert therapist. Contact- 8327740003. D-76442

All types hair cutting, body massage by smart lady room services available. Contact: 7077240328. D-71396

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Newly open Jyoti SPA positively health benefits (Expert therapist). 8458067955. D-76908

Positively health benefited SPA by expert female therapist, Bapujinagar. 8328803811. D-76909


## AFFIDAVIT

I, Nabin Kumar Mohapatro, S/o-Bipin Bihari Mohapatra, resident of Plot No.- 57, Pawani Housing Complex, Jagamohan Nagar, Jagamara, P.O.-Khandagiri, P.S.-Khandagiri, Dist.- Khurda PIN-751030, Odisha declare by this affidavit No.-73, dtd. 10.04.2025 that now onwards I shall be known as NABIN KUMAR MOHAPATRA for all future purposes. D-61970

I, Sasmita Das, W/o- Nabin Kumar Mohapatra, resident of Plot No.- 57, Pawani Housing Complex, Jagamohan Nagar, Jagamara P.O.-Khandagiri, P.S.-Khandagiri Dist.- Khurda, PIN-751030, Odisha declare by this affidavit No.-72, dtd. 10.04.2025 that now onwards I shall be known as SASHMITA DAS for all future purposes. D-61969

ନୋଟାରି ପବ୍ଲିକ୍, ଭବାନୀପାଟଣା, କଳାହାଣ୍ଡିଙ୍କ ନିକଟରେ ତା।୦୩।୦୩।୨୦୨୫ରିଖରେ କରାଯାଇଥିବା ସତ୍ୟପାଠ ଅନୁଯାୟୀ ମୁଁ ଶ୍ରୀମତୀ ସବିତା ପ୍ରଧାନ, ଗ୍ରାମ- ଫାମ୍ପୁଣି, ଥାନା- ଜୟପୁର, ଜିଲ୍ଲା- କୋରାପୁଟ ବର୍ତ୍ତମାନ ଆବାସ ଠିକଣା: ଗ୍ରାମ- କଛାରପଦର, ପୋଷ୍ଟ- କୁଲିଆମାଳ, ଥାନା- ଭବାନୀପାଟଣା ସଦର, ଜିଲ୍ଲା- କଳାହାଣ୍ଡି, ଓଡ଼ିଶା, ପିନ୍- ୭୬୬୦୦୨। ଘୋଷଣା କରୁଅଛି ଯେ, ମୁଁ ମୋର ନାମକୁ ଶ୍ରୀମତୀ ସବିତା ପ୍ରଧାନରୁ ନୂଆ ନାମ ବିନତୀ ନାଏକକୁ ପରିବର୍ତ୍ତନ କରିଛି। ଏତଦ୍‌ପଶ୍ଚାତ୍, ମୁଁ ସମସ୍ତ ଉଦ୍ଦେଶ୍ୟ ପାଇଁ ବିନତୀ ନାଏକ ଭାବେ ପରିଚିତ ହେବି। ଧ-୧୬୯

By virtue of an affidavit sworn before the Court of Executive Magistrate, Udala, Kaptipada, Mayurbhanj, dated 02.04.2025 I, Putuli Singh, Address: At-Ambikadeipur (Jajadi), P.O.-Ambikadeipur, P.S.- Udala, Dist.-Mayurbhanj, Odisha-757087 declare that I have changed my name from Gurubari Singh to Putuli Singh. Henceforth, I shall be known as Putuli Singh for all purposes.
Sd./- Putuli Singh
D- 185

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Court of Executive Magistrate, Udala, Kaptipada, Mayurbhanj, dated 02.04.2025, I, Pulangi Murmu, Address: At-Bipracharanpur, P.O.-Dengam, P.S.- Khunta, Dist.- Mayurbhanj, Odisha-757104 declare that I have changed my name from Punagi Majhi to Pulangi Murmu. Henceforth, I shall be known as Pulangi Murmu for all purposes.
Sd./- Pulangi Murmu
D-183

By virtue of an affidavit sworn before the Court of Executive Magistrate, Udala, Kaptipada, Mayurbhanj, dated 05.04.2025, I Manika Sing Baipai, Address: S/o- Late- Chuli Sing Baipai, At- Prasanachandrapur, P.O.- Saradiha, P.S.- Sarat, Dist.- Mayurbhanj, Odisha-757079 declare that I have changed my daughter's name from Pangila Sing to Pravati Sing Baipai. Henceforth, she shall be known as Pravati Sing Baipai for all purposes.
Sd./- Manika Sing Baipai
D-184

I, Tangudu Rajalaxmi Patra, W/o- Prasanta Kumar Patra, R/o. Village- Thidikajore, P.O.- Jhadrajing, P.S.- Purunakatak, Dist.- Boudh declare by this affidavit Indian non judicial No.- 70AA783420 dated 15.04.25 that now onwards I shall be known as Rajalaxmi Patra for all future purposes. D-178

I, Tangudu Prasanta Kumar, S/o- Chidambara Patra, R/o. Village- Thidikajore, P.O.- Jhadrajing, P.S.- Purunakatak, Dist.- Boudh declare by this affidavit Indian non judicial No.- 59AA746785 dated 15.03.23 that now onwards I shall be known as Prasanta Kumar Patra for all future purposes. D-179

By virtue of an affidavit sworn before Executive Magistrate, Basudevpur, I, Laxmi Mani Nayak (51yrs), W/o- Ramesh Chandra Nayak, Vill: Sudarsanpur, P.O.- Suan, P.S.- Basudevpur, Dist.- Bhadrak declare that I have changed my name in my LIC Policy bearing No.- 585409250 from Santilata Nayak to Laxmi Mani Nayak for all purposes. D-180

ଆଜି ତା୧୫।୦୪।୨୦୨୫ କୁନ୍ଦୁରା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ବୁଟି ଖିଲ ଓରଫ ବୁଟି କିଲ, ବୟସ ପ୍ରାୟ ୪୪ବର୍ଷ, ପିତା- ନେପାଳି କିଲ, ଗ୍ରାମ- ଜବାପଦର, ପୋଷ୍ଟ- କେରମିଟି, ଥାନା- କୁନ୍ଦୁରା, ଜିଲ୍ଲା- କୋରାପୁଟ ଶପଥପାଠ କରିବାର ଏହିକି ଯେ, ତାଙ୍କ ଭୋଟର ପରିଚୟ ପତ୍ର ଏବଂ ଆଧାର କାର୍ଡରେ ଭୁଲ୍‌ବଶତଃ ତାଙ୍କ ପିତାଙ୍କ ନାମ ଘାସିରାମ ଖିଲ ଉଲ୍ଲେଖ ରହିଛି ଯେତେବେଳେ କି ତାଙ୍କ ପିତାଙ୍କ ପ୍ରକୃତ ଏବଂ ସଠିକ୍ ନାମ ନେପାଳି କିଲ ଅଟେ। ଧ-୧୮୧

By virtue of an affidavit sworn before Executive Magistrate, Basudevpur, dt. 17.02.25, I, Chintamani Biswal, S/o- Murali Biswal, At- Chhatrapur, P.O.- Patanamishrapur, P.S.- Nayakanidihi, Dist.- Bhadrak declare that my daughter's name wrongly mentioned as Sumitra Biswal instead of Sasmita Biswal. Henceforth she will be known as Sasmita Biswal for all purposes. D-182


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।



## ସୂର୍ଯ୍ୟମୁଖୀ ଚାଷରେ ଝାଉଁଳା ରୋଗ ହେଲେ...

**ସୂ**ର୍ଯ୍ୟମୁଖୀ ଚାଷରେ ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଅଥବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ । ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍‌ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ପ୍ରାକୃତିକ ଆପଦା ପ୍ରତିରୋଧୀ ଧାନଚାଷ



ଡ. ଶିବାନୀ ମହାପାତ୍ର

**ଓ**ଡ଼ିଶା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ। ଏହା ଏମିତି ଗୋଟିଏ ରାଜ୍ୟ, ଯାହାର ନିଜର ଭୌଗୋଳିକ ସ୍ଥିତି ଓ କୃଷି ଉପରେ ଉଚ୍ଚ ନିର୍ଭରଶୀଳତା କାରଣରୁ ଜଳବାୟୁ ପରିବର୍ତ୍ତର ପ୍ରଭାବ ବିଶେଷ ଭାବରେ ପରିଲକ୍ଷିତ ହୋଇଥାଏ । ଏହି ରାଜ୍ୟର ଅଧିକାଂଶ ଲୋକ ଜୀବିକା ପାଇଁ ଚାଷ କରିଥାନ୍ତି। ଧାନ ଏଠାରେ ପ୍ରମୁଖ ଫସଲ, ଯାହା ରାଜ୍ୟର କୃଷି କ୍ଷେତ୍ରର ପ୍ରାୟ ୪୦% ଅଞ୍ଚଳ ଜମିରେ ଚାଷ କରାଯାଇଥାଏ। ଏହାର ଉତ୍ପାଦନ ଖାଦ୍ୟ ସୁରକ୍ଷା ଓ ଆର୍ଥିକ ସ୍ଥିରତା ପାଇଁ ଅତ୍ୟନ୍ତ ଜରୁରୀ । ଏହି ପ୍ରସଙ୍ଗରେ ଧାନଚାଷୀମାନଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ବ୍ୟାପକ ପ୍ରଭାବ ପରିଲକ୍ଷିତ ହୋଇଥାଏ। ଏହି ପ୍ରଭାବକୁ ହ୍ରାସ କରିପାରୁଥିବା ଧାନ କିସମ ଓ ଚାଷ ପ୍ରଣାଳୀ ବିଷୟରେ ବିଶେଷ ଭାବରେ ଅନୁସନ୍ଧାନ ଜାରି ରହିଛି ।

ଓଡ଼ିଶାର ଜଳବାୟୁ ପରିବର୍ତ୍ତନର ବିଶେଷତା ହେଉଛି ବୃଦ୍ଧି ପାଉଥିବା ଉଚ୍ଚ ତାପମାତ୍ରା, ଅନିୟମିତ ବର୍ଷା ଓ ନିୟମିତ ବନ୍ୟା, ଘୂର୍ଣ୍ଣିଝଡ଼ ଭଳି ଚରମ ପ୍ରାକୃତିକ ଦୁର୍ବିପାକ। ଏହି ସମସ୍ତ କାରଣ ଧାନଚାଷ ଉପରେ ବିଶେଷ ପ୍ରଭାବ ପକାଇଥାଏ । କାରଣ ଧାନ ତାପମାତ୍ରା ଓ ପାଣି ଉପଲବ୍ଧତା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ବୃଦ୍ଧି ପାଉଥିବା ତାପମାନ ଉତ୍ପାଦନରେ ହ୍ରାସ ଆଣିପାରେ ପରେ ଧାନ ଉଚ୍ଚ ତାପମାନରେ ଗର୍ଭାଶୂନ୍ୟ ହୋଇପାରେ ଓ ଡିମ୍ବାଣୁ ଉତ୍ପାଦନ ହ୍ରାସ ପାଇପାରେ। ବର୍ଷାଋତୁ ଧାନଚାଷ ପାଇଁ ଅତ୍ୟନ୍ତ ଜରୁରୀ, ମାତ୍ର ଯାହା ଏବେ ଅନିଶ୍ଚିତ ହୋଇଯାଇଛି। ବର୍ଷା ବେଳେ ଅନିୟମିତତା ଦେଖାଦେଲେ, ଧାନ ବୁଣା କିମ୍ବା ତଳି ପକାଇବା ଓ ରୋପଣ ସମୟ ଠିକ୍ ଭାବେ ନିର୍ଦ୍ଧାରଣ କରି ହେବା ଅସମ୍ଭବ ହୁଏ। ଘୂର୍ଣ୍ଣିଝଡ଼ ଓ ବନ୍ୟା ଶେଷ ପର୍ଯ୍ୟାୟରେ ଫସଲକୁ ନଷ୍ଟ କରିଥାଏ। ଏହାସହିତ ମାଟିର ଗୁଣମାନକୁ ବି ଖରାପ କରିଥାଏ ବା ଧୋଇ ନେବା ଦ୍ୱାରା ଲବଣତା ବୃଦ୍ଧି ହୋଇ ଯାଏ। ଏହି ସମସ୍ୟାଗୁଡ଼ିକ ଦୀର୍ଘକାଳୀନ ଭାବରେ ଉତ୍ପାଦନକୁ ପ୍ରଭାବିତ କରେ।

"ଓଡ଼ିଶାର ଜଳବାୟୁ ପରିବର୍ତ୍ତନର ବିଶେଷତା ହେଉଛି ବୃଦ୍ଧି ପାଉଥିବା ଉଚ୍ଚ ତାପମାତ୍ରା, ଅନିୟମିତ ବର୍ଷା ଓ ନିୟମିତ ବନ୍ୟା, ଘୂର୍ଣ୍ଣିଝଡ଼ ଭଳି ଚରମ ପ୍ରାକୃତିକ ଦୁର୍ବିପାକ। ଏହି ସମସ୍ତ କାରଣ ଧାନଚାଷ ଉପରେ ବିଶେଷ ପ୍ରଭାବ ପକାଇଥାଏ। କାରଣ ଧାନ ତାପମାତ୍ରା ଓ ପାଣି ଉପଲବ୍ଧତା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ବୃଦ୍ଧି ପାଉଥିବା ତାପମାନ ଉତ୍ପାଦନରେ ହ୍ରାସ ଆଣିପାରେ ଏବଂ ପରେ ଧାନ ଉଚ୍ଚ ତାପମାନରେ ଗର୍ଭାଶୂନ୍ୟ ହୋଇପାରେ ଓ ଡିମ୍ବାଣୁ ଉତ୍ପାଦନ ହ୍ରାସ ପାଇପାରେ।"

ଏହି ପ୍ରାକୃତିକ ସମସ୍ୟା ସହ ବୃହତ୍ ଆର୍ଥିକ ଓ ସାମାଜିକ ସମସ୍ୟା ଯଥା ଉନ୍ନତ କୃଷି ପ୍ରଯୁକ୍ତିର ଅଭାବ, ଅର୍ଥନୈତିକ ସଙ୍କଟ ଓ ଠିକ୍ କୃଷି ନୀତି ଓ କାର୍ଯ୍ୟକ୍ରମର ଠିକ୍ ରୂପାୟନ ଚାଷୀମାନଙ୍କୁ ଧାନ ଚାଷ ପ୍ରତି ବିମୁଖ କରିବାରେ ଲାଗିଛି। ଓଡ଼ିଶାର ବିଭିନ୍ନ ପ୍ରତିକୂଳ ଜଳବାୟୁ ପରିସ୍ଥିତି ପାଇଁ ଭାରତୀୟ କୃଷି ଗବେଷଣା ପରିଷଦ-କେନ୍ଦ୍ରୀୟ ଧାନଗବେଷଣା ପ୍ରତିଷ୍ଠାନ ଦ୍ୱାରା ବିକଶିତ କିଛି ଧାନ କିସମ ନିମ୍ନ ଉଲ୍ଲିଖିତ ଅଟେ, ଯାହାକି ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରି ଚାଷୀକୁ ଅଧିକ ଅମଳ ଦେଇ ପାରୁଛି।



**ଖରାପ୍ରବଣ ଅଞ୍ଚଳ**

**ସତ୍ୟଭାମା (ସିଆର ୨୩୪୦-୧୧)**
ଏହା ଏକ ଶୀଘ୍ର ଅମଳ କିସମ (୧୦୫-୧୧୦ ଦିନ), ଖରାପ୍ରବଣ ଅଞ୍ଚଳ ପାଇଁ ଉପଯୁକ୍ତ। ଏହା ଖରା ପରିସ୍ଥିତିରେ ପ୍ରାୟ ୨.୮ ଟନ/ହେକ୍ଟରଏବଂ ଉପଯୁକ୍ତ ପରିସ୍ଥିତିରେ ୪.୭ ଟନ/ହେକ୍ଟର ଅମଳ ଦେଇଥାଏ।

**ସିଆର ଧାନ ୮୦୧ (ଆଇଟି୨୫୬୬୭):** ଏହା ଏକ ଜଳବାୟୁ ପରିବର୍ତ୍ତନ ସହଣି କିସମ, ସାଧାରଣ ପରିସ୍ଥିତିରେ ପ୍ରାୟ ୬.୩ ଟନ/ହେକ୍ଟର ଏବଂ ଖରା ସମୟରେ ୨.୯ ଟନ/ହେକ୍ଟର ଅମଳ ଦେଇଥାଏ।

**ବନ୍ୟା ପ୍ରଭାବିତ ଅଞ୍ଚଳ**

**ସର୍ଣ୍ଣାସବ-୧ (ସିଆର ଏସି ୨୫୩୯-୧):** ଏହା ଡେରିରେ ଅମଳ ହୋଇଥାଏ (୧୪୩ ଦିନ),ଦୁଇ ସପ୍ତାହ ପର୍ଯ୍ୟନ୍ତ ପୂର୍ଣ୍ଣ ଜଳମଗ୍ନତା ସହିପାରେ, ବନ୍ୟାପ୍ରବଣ ଅଞ୍ଚଳ ପାଇଁ ଉପଯୁକ୍ତ। ଏହା ୫.୦-୫.୫ ଟନ/ହେକ୍ଟର ଅମଳ ଦେଇଥାଏ।

**ସିଆର ଧାନ ୮୦୨ (ସୁଭାସ:ଆଇଟି ୨୫୬୭୩):** ଏହା ଅନ୍ୟ ଏକ ଜଳବାୟୁ ସହଣି କିସମ, ସାଧାରଣ ପରିସ୍ଥିତିରେ ପ୍ରାୟ ୬.୫ ଟନ/ହେକ୍ଟର ଏବଂ ଜଳମଗ୍ନତା ସମୟରେ ୪.୩ ଟନ/ହେକ୍ଟର ଅମଳ ଦେଇଥାଏ।

**ଲବଣତା ପ୍ରଭାବିତ କୂଳଅଞ୍ଚଳ**

**ଲୁଣାସଙ୍ଖୀ (ସିଆର ୨୫୭୭-୧)**
ଏହା ଏକ ଶୀଘ୍ର ଅମଳ (୧୧୦ ଦିନ) କିସମ । ସମୁଦ୍ର ଉପକୂଳ ଲବଣାକ୍ତ ଅଞ୍ଚଳରେ ଜଳସେଚିତ ଜମି ପାଇଁ ଉପଯୁକ୍ତ। ଏହାପ୍ରାୟ ୪.୬ ଟନ/ହେକ୍ଟର ଅମଳ ଦେଇଥାଏ।

**ଲୁଣାସୁବର୍ଣ୍ଣ (ସିଆର ଏଲସି ୨୦୯୬-୭୧-୨):** ଏହା ଏକ ଉଚ୍ଚ (୧୩୫ ସେମି), ଡେରିରେ ଅମଳ କିସମ (୧୫୦ ଦିନ)। ୫.୦ ରୁ ୮.୦ dS/m ପର୍ଯ୍ୟନ୍ତ ଲବଣତା ସହିପାରେ, ୩.୫ ରୁ ୪.୦ ଟନ/ହେକ୍ଟର ଅମଳ ଦେଇଥାଏ। ଏହା ୪୫ ସେମି ପର୍ଯ୍ୟନ୍ତ ଜଳ ମଗ୍ନତା ସହିପାରେ।

**ଉଚ୍ଚ ତାପମାନ ପରିସ୍ଥିତି**

**ନବୀନ (ସିଆର ୭୪୯-୨୦-୨)**
ଏହା ମଧ୍ୟ-ଶୀଘ୍ର ଅମଳ କିସମ (୧୧୫-୧୨୦ ଦିନ) ଜଳସେଚନ ପରିସ୍ଥିତି ପାଇଁ ଉପଯୁକ୍ତ। ଏହା ଖରିଫ ଋତୁରେ ୪.୦-୫.୦ ଟନ/ହେକ୍ଟର ଏବଂ ରବିଋତୁରେ ୫.୦-୬.୦ ଟନ/ହେକ୍ଟର ଅମଳ ଦେଇଥାଏ।

**ଲୁଣାସଙ୍ଖୀ (ସିଆର ୨୫୭୭-୧)**
ଏହା ଏକ ଏମିତି ଧାନ କିସମ, ଯାହା ପ୍ରଜନନ ପର୍ଯ୍ୟାୟରେ ଉଚ୍ଚ ତାପମାନଜନିତ ଚାପ ପ୍ରତି ମଧ୍ୟମ ସହିଷ୍ଣୁତା ରଖିପାରେ। ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ଉପଯୁକ୍ତ ଧାନ କିସମ ଚାଷ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଓ ଏହି କିସମ ମାନ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସଚେତନତା ଓ ତାଲିମ ଇତ୍ୟାଦିର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଓ ବିଭିନ୍ନ ବେସରକାରୀ ସଂସ୍ଥା ଦ୍ୱାରା ଉଚ୍ଚଗୁଣବତ୍ତା ଥିବା ଧାନ ବିହନ ଉପଲବ୍ଧ କରାଯିବା ଦରକାର। ଏଥିପାଇଁ ଉଚ୍ଚଗୁଣବତ୍ତାର ବିହନ ଉତ୍ପାଦନ ଓ ବ୍ୟବହାର ପାଇଁ ପ୍ରୋତ୍ସାହନ ନିମନ୍ତେ ନିୟମ ପ୍ରଣୟନ ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଅତ୍ୟନ୍ତ ଜରୁରୀ। ଏହି ଧାନ କିସମର ବିହନ ଯୋଗାଣ ଓ ଅନ୍ୟାନ୍ୟ ଯଥା ସାର କୀଟନାଶକ ଯୋଗାଣ ସହ କୃଷିଋଣ ଓ ଉନ୍ନତ କୃଷି ଯନ୍ତ୍ରପାତି ପାଇଁ ଅର୍ଥ ସହଯୋଗ ଚାଷୀମାନଙ୍କୁ ଜଳବାୟୁ ପ୍ରତିରୋଧି ଧାନ ଚାଷ ପାଇଁ ଅଧିକ ଆଗ୍ରହ ସୃଷ୍ଟି କରିବ ।

ଧାନ ଚାଷ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବ। ଏହା ସହିଷ୍ଣୁ ଧାନ କିସମକୁ ଅଧିକ ଜମିରେ ଚାଷ କରିବା ନିମନ୍ତେ ଉପଯୁକ୍ତ କାର୍ଯ୍ୟକ୍ରମ ଓ ଯୋଗାଯୋଗ ଦରକାର। ସମ୍ପୂର୍ଣ୍ଣ ବ୍ୟବସ୍ଥା ଏକାଧିକ ଉପାଦାନ ଉପରେ ନିର୍ଭରଶୀଳ । ସରକାରୀ ସଂସ୍ଥା, ନୀତିନିର୍ମାତା, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ, ଚାଷୀ ଏବଂ ବିହନ ଓ ଆନୁଷଙ୍ଗିକ ସାମଗ୍ରୀ ଯୋଗାଣକାରୀ ସଂସ୍ଥା। ଏହି ଠିକ୍ ଯୋଜନା ଓ ସହଯୋଗ ମିଳିଲେ ଓଡ଼ିଶାର କୃଷକମାନେ ଏହି ଅନିୟମିତ ଜଳବାୟୁରେ ମଧ୍ୟ ଖାଦ୍ୟ ସୁରକ୍ଷା ଓ ଆର୍ଥିକ ସ୍ଥିରତା ବଜାୟ ରଖିପାରିବେ।

-ସହକାରୀ ପ୍ରଫେସର (ଗବେଷଣା),
ଜୈବ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୬୩୭୨୫୯୮୯୯୩

## ଅଳ୍ପରେ...



➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି. ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍‌ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

## ପ୍ରାଣୀଙ୍କୁ ଅଂଶୁଘାତରୁ ସୁରକ୍ଷା



**ବ**ର୍ତ୍ତମାନ ଖରାଦିନ। ଅଂଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ। ପ୍ରାଣୀଙ୍କୁ ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହିତ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ । ଖାଦ୍ୟରେ ୩୦-୫୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ପ୍ରାଣୀଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଜୁନ୍ ମାସରେ ପ୍ରାୟ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ମେ' ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ। ସନ୍ଧ୍ୟା ସମୟରେ ପ୍ରାଣୀଙ୍କୁ ଯଥା ସମ୍ଭବ ଦାନା ଦେବାକୁ ଚେଷ୍ଟା କରନ୍ତୁ ।

## ଚିନାବାଦାମ ଚାଷ ପାଇଁ ପ୍ରସ୍ତୁତି

**ଚି**ନାବାଦାମ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣି ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ । ହେକ୍ଟର ପ୍ରତି ୨୫ ଗାଡ଼ି ସଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ ।



## ଖରାଦିନେ ପରିବା ଚାଷ




**ସ**ମସ୍ତ ପ୍ରକାର କଖାରୁଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରାକୁ ଉପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ସଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ। ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ। ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷକରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ।

## ଖରାଟିଆ ମୁଗ ଫସଲରେ ଜଳସେଚନ

**ଖ**ରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି। ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍‌ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

# ଭେଣ୍ଡି ଚାଷରେ ସାର ପ୍ରୟୋଗ

**ଭେଣ୍ଡି** ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ। ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତି ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ ।



ଧରିତ୍ରୀ 51 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୬/୨୦୨୫ Bhubaneswar, Wednesday, April 16/ 2025

# ପଞ୍ଜାବର ବ୍ୟାଟିଂ ବିପର୍ଯ୍ୟୟ




ଉଇକେଟ ନେବା ପରେ ଉଲ୍ଲସିତ ହର୍ଷିତ ରାଣା।

**ଚଣ୍ଡିଗଡ଼,୧୫।୪**

ଚଳିତ ଆଇପିଏଲ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଓ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ପରସ୍ପରକୁ ଭେଟିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୧୧ ରନରେ ଅଲଆଉଟ୍ ହୋଇଯାଇଛି। ଜବାବରେ କୋଲକାତା ୧ ଓଭର ଶେଷ ସୁଦ୍ଧା ୧ ଉଇକେଟ ହରାଇ ୭ ରନ କରିଛି।

ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳକୁ ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୩.୨ ଓଭରରେ ୩୯ ରନ ଯୋଡ଼ିଥିଲେ। ପ୍ରିୟାଂଶ ୧୨ ବଲରେ ୩ ଚୌକା ଓ ୧ ଛକା ସହିତ ୨୨ ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହାପରେ ଦଳର ବ୍ୟାଟିଂ ଲାଇନ ତାସ ଘର ଭଳି ଭୁଷୁଡ଼ି ପଡ଼ିଥିଲା। ଅଧିନାୟକ ଶ୍ରେୟସ ଖାତା ଖୋଲିବା ପୂର୍ବରୁ ପାଭିଲିଅନ ଫେରିଥିଲେ। ଆଇପିଏଲ୍‌ରେ ପଦାର୍ପଣ କରିଥିବା ଜୋଶ ଇଙ୍ଗଲିସ (୨) ବରୁଣ ଚକ୍ରବର୍ତ୍ତୀଙ୍କ ବଲକୁ ବୁଝିନପାରି ବୋଲ୍ଡ ହୋଇଥିଲେ। କ୍ରିଜରେ ସେଟ୍ ହୋଇଯାଇଥିବା ପ୍ରଭସିମରନ ୧୫ ବଲରେ ୨ ଚୌକା ଓ ୩ ଛକା ସହିତ ୩୦ ରନ କରି ଆଉଟ୍ ହୋଇଥିଲେ। ଏହାପରେ ନେହାଲ ୱାଧେରା (୧୦), ଗ୍ଲେନ ମ୍ୟାକ୍ସୱେଲ (୭), ସୂର୍ଯ୍ୟାଂଶ ଶେଡଗେ (୪), ଶଶାଙ୍କ ସିଂ (୧୮), ମାର୍କୋ ଜାନସେନ (୧) ଓ ଜାଭିଅର ବାର୍ଟଲେଟ (୧୧) ଆଉଟ୍ ହୋଇଥିଲେ। କୋଲକାତା ପକ୍ଷରୁ ହର୍ଷିତ ରାଣା ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ଓ ସୁନୀଲ ନାରିନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୧୫.୩ ଓଭରରେ ୧୧୧/ଅଲଆଉଟ୍ (ପ୍ରଭସିମରନ ସିଂ–୩୦, ପ୍ରିୟାଂଶ ଆର୍ଯ୍ୟ–୨୨, ଶଶାଙ୍କ ସିଂ–୧୮, ହର୍ଷିତ ରାଣା–୩/୨୫, ସୁନୀଲ ନାରିନ–୨/୧୪, ବରୁଣ ଚକ୍ରବର୍ତ୍ତୀ–୨/୨୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**
**(ଆଜିର ମ୍ୟାଚ)**
**ଦିଲ୍ଲୀ**
**ବନାମ ରାଜସ୍ଥାନ**
**ସ୍ଥାନ: ଦିଲ୍ଲୀ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | +୧.୦୦୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୪ | ୩ | ୮ | +୦.୦୮୬ |
| କୋଲକାତା ନାଇଟ ରାଇଡର୍ସ | ୬ | ୩ | ୩ | ୬ | +୦.୮୦୩ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | +୦.୦୬୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | +୦.୦୨୭ |
| ରାଜସ୍ଥାନ ରୟାଲ୍ସ | ୬ | ୨ | ୪ | ୪ | –୦.୮୩୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | –୧.୨୪୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | –୧.୨୭୬ |

## ଗୌରୀ ଶଙ୍କର ଭାରତୀୟ ହ୍ୟାଣ୍ଡବଲ ଦଳର ମ୍ୟାନେଜର



**ଭୁବନେଶ୍ୱର, ୧୫।୪ (ଅନାଦି କର):** ଆସନ୍ତା ଜୁଲାଇ ୧ରୁ ୧୧ ତାରିଖ ପର୍ଯ୍ୟନ୍ତ ଜୋର୍ଡାନର ଅମାନଠାରେ ହେବାକୁ ଥିବା ପ୍ରଥମ ଏସିଆନ୍ ପୁରୁଷ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପାଇଁ ଘୋଷିତ ଭାରତୀୟ ହ୍ୟାଣ୍ଡବଲ ଦଳ ଲାଗି ଗୌରୀ ଶଙ୍କର ମିଶ୍ରଙ୍କୁ ମ୍ୟାନେଜର ଭାବେ ମନୋନୀତ କରାଯାଇଛି। ଏ ନେଇ ଭାରତୀୟ ହ୍ୟାଣ୍ଡବଲ ଆସୋସିଏଶନର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡ. ଆନନ୍ଦେଶ୍ୱର ପାଣ୍ଡେ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗୌରୀ ଶଙ୍କର ହେଉଛନ୍ତି ଓଡ଼ିଶାର ପ୍ରଥମ ତଥା ଏକମାତ୍ର ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କ ବାପା। ଗୌରୀ ଶଙ୍କରଙ୍କୁ ଭାରତୀୟ ହ୍ୟାଣ୍ଡବଲ ଦଳର ମ୍ୟାନେଜର ନିଯୁକ୍ତ କରାଯାଇଥିବାରୁ ଓଡ଼ିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ. ମାନସ କୁମାର ସିଂ, ଭୁବନେଶ୍ୱର ଜିଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଶୁଭକାମନା ଜଣାଇଛନ୍ତି।

## କିଟ୍‌କୁ ରୌପ୍ୟ ଓ ବ୍ରୋଞ୍ଜ

**ଭୁବନେଶ୍ୱର, ୧୫।୪ (ବିଜୟ ରଣା):** ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ଅଧୀନରେ ବେଙ୍ଗାଲୁରୁସ୍ଥିତ କ୍ରିଷ୍ଟୁ ଜୟନ୍ତୀ କଲେଜ ପରିସରରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପେନ୍‌କାକ୍ ସିଲଟ ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ୨୦୨୪–୨୫ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୧୪ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟର ଆନନ୍ଦିତା ପାତ୍ର ୮୦–୮୫ କେଜି କାଟେଗୋରୀରେ ରୌପ୍ୟ ପଦକ ଜିତିଥିବା ବେଳେ ଅଭିନବ ମିଶ୍ର ୭୦–୭୫ କେଜି କାଟେଗୋରୀରେ ଏକ ବ୍ରୋଞ୍ଜ ହାସଲ କରିଛନ୍ତି।

## ଶ୍ରେୟସ ପ୍ଲେୟର ଅଫ୍ ଦି ମନ୍ଥ

**ଦୁବାଇ, ୧୫।୪ (ପି.ଟି.)**

ଭାରତୀୟ ବ୍ୟାଟର ଶ୍ରେୟସ ଆୟର ମାର୍ଚ୍ଚ ମାସ ପାଇଁ ଆଇସିସି ପୁରୁଷ ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଭାରତର ଚାମ୍ପିୟନ୍ସ ଟ୍ରଫି ସଫଳତା ପଛରେ ତାଙ୍କର ବଡ଼ ଭୂମିକା ଥିଲା। ଫେବୃଆରୀ–ମାର୍ଚ୍ଚ ମାସରେ ଖେଳାଯାଇଥିବା ଏହି ଅନ୍ତର୍ଜାତୀୟ ଇଭେଣ୍ଟରେ ସେ ୨୪୩ ରନ ସଂଗ୍ରହ କରି ନ୍ୟୁଜିଲାଣ୍ଡର ଜାକବ ଡୁଫି ଓ ରାଚିନ ରବୀନ୍ଦ୍ରଙ୍କୁ ପଛରେ ପକାଇ ଏହି ପୁରସ୍କାର ଜିତିଛନ୍ତି। ଫେବୃଆରୀ ମାସ ପାଇଁ ଶୁବମନ ଗିଲ୍ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଲାଭ କରିଥିଲେ। ଫଳରେ ଭାରତ ପଛକୁ ପଛ ଆଇସିସିର ଏହି ପୁରସ୍କାର ହାସଲ କରିପାରିଛି। ଆୟର ମାର୍ଚ୍ଚ ମାସରେ ଖେଳିଥିବା ୩ଟି ମ୍ୟାଚରେ ୧୭୨ ରନ ସଂଗ୍ରହ କରିଥିଲେ। ତାଙ୍କର ଆଭରେଜ ୫୭.୩୩ ରହିଥିବା ବେଳେ ଷ୍ଟ୍ରାଇକ୍ ରେଟ୍ ୭୭.୪୭ ଥିଲା। ଗ୍ରୁପ୍ 'ଏ'ରେ ନ୍ୟୁଜିଲାଣ୍ଡ ବିପକ୍ଷ ବିଜୟ ମ୍ୟାଚ୍‌ରେ ସେ ୪ ଚୌକା ଓ ୨ ଛକା ସହ ୯୮ ବଲ୍‌ରେ ୭୯ ରନ ସଂଗ୍ରହ କରିଥିଲେ। ତାଙ୍କର ଏହି ଇନିଂସ ବଳରେ ଭାରତ ପ୍ରଥମ ଇନିଂସରେ ଏକ ଚ୍ୟାଲେଞ୍ଜିଂ ସ୍କୋର ୨୫୦ ରନ କରିପାରିଥିଲା। ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷ ବିଜୟ ମ୍ୟାଚରେ ସେ ଉପଯୋଗୀ ୬୨ ବଲ୍‌ରେ ୪୫ ରନ ସଂଗ୍ରହ କରିଥିଲେ। ପରେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ସେ ୬୨ ବଲ୍‌ରେ ୪୮ ରନ କରିଥିଲେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ